

ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-57 ◆FRIDAY ◆21 AUGUST 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୫୭ ◆ଶୁକ୍ରବାର ◆୨୧ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ସରକାରଙ୍କୁ ସୁହାଇଲା ଜଟିଳ ପ୍ରକ୍ରିୟା

## ୧୫ ଦିନରେ ମାତ୍ର ସାଢ଼େ ୫ ଲକ୍ଷ ଚାଷୀ ପଞ୍ଜୀକରଣ

■ ଭୁବନେଶ୍ୱର,୨୦।୮ (ସମିସ): ଖରିଫ ଋତୁର ଧାନ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଅଗଷ୍ଟ ୬ରୁ ଆରମ୍ଭ ହୋଇଥିବା ଏହି ପଞ୍ଜୀକରଣ ପ୍ରକ୍ରିୟାର ଶେଷ ତାରିଖ ଅଗଷ୍ଟ




୩୧କୁ ଧାର୍ଯ୍ୟ ହୋଇଛି। କିନ୍ତୁ ଏବେ ସୁଦ୍ଧା ଖରିଫ ଧାନ ବିକ୍ରି କରିବାକୁ ରାଜ୍ୟର ମାତ୍ର ସାଢ଼େ ୫ ଲକ୍ଷ ଚାଷୀ ପଞ୍ଜୀକରଣ କରିପାରିଛନ୍ତି। ଗତବର୍ଷ ଖରିଫ ଧାନ କିଣା ପାଇଁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ପ୍ରାୟ ୧୯.୬୭ ଲକ୍ଷ ରହିଥିଲା। ମାତ୍ର ଚଳିତ ବର୍ଷ ହାତରେ ଆଉ ୧୦ ଦିନ ବାକି ରହିଥିଲେ ମଧ୍ୟ ପଞ୍ଜିକୃତ ଚାଷୀ ସଂଖ୍ୟା ମଧ୍ୟରେ ଥିବା ବଡ଼ ତାରତମ୍ୟ ପରିଲକ୍ଷିତ ହୋଇଛି। ଏହି ସଂଖ୍ୟାକୁ ଦେଖିଲେ ଏଥର

- ■ ୧୫ ଲକ୍ଷ ଚାଷୀଙ୍କ ହାତରେ ଆଉ ମାତ୍ର ୧୦ ଦିନ
- ■ ୨ ଦିନ ହେବ ଚାଲୁନି ପଞ୍ଜୀକରଣ ୱେବ୍‌ସାଇଟ୍

ଚାଷୀ ପଞ୍ଜୀକରଣ କମିଯାଇଛି ନା ନୂଆ ପଞ୍ଜୀକରଣ ବ୍ୟବସ୍ଥା ଯୋଗୁଁ ଚାଷୀମାନେ ପଞ୍ଜୀକରଣ କରିବାରେ ସମସ୍ୟା ଭୋଗୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଛି।

ରାଜ୍ୟରେ ସରକାରୀ ମଣ୍ଡି ମାଧ୍ୟମରେ ଧାନ ବିକ୍ରି କରିବାକୁ ଚାଷୀଙ୍କ ପଞ୍ଜୀକରଣ ଏକ ଅତ୍ୟାବଶ୍ୟକ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ଧାନ ବିକିଲେ ଚାଷୀ ଏମ୍‌ଏସ୍‌ପି ପାଇବା ସହିତ ଇନ୍‌ପୁଟ ସହାୟତା ମଧ୍ୟ ପାଇବାକୁ ଯୋଗ୍ୟ ହୋଇଥାନ୍ତି। ଏହି ଆଧାରରେ ଗତ କିଛି ବର୍ଷରେ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ଲଗାତାର ଭାବେ ବଢ଼ିବା ସହିତ ପାଖାପାଖି ୨୦ ଲକ୍ଷ ପହଞ୍ଚିଥିଲା। ୨୦୨୩-୨୪ ଖରିଫ ଋତୁରେ ୨୦.୪୪ ଲକ୍ଷ, ୨୦୨୪-୨୫ରେ ପ୍ରାୟ ୨୦.୯୧ ଲକ୍ଷ ଚାଷୀ ପଞ୍ଜିକୃତ କରିଥିବା ବେଳେ ୨୦୨୫-୨୬ରେ ଏହି ସଂଖ୍ୟା ପ୍ରାୟ ୧୯.୬୭ ଲକ୍ଷ ଥିଲା। ସେହିପରି ୨୦୨୨-୨୩ରେ ମଧ୍ୟ ୧୯.୫୭ ଲକ୍ଷ ଚାଷୀ ଖରିଫ ଧାନ ବିକ୍ରି କରିବାକୁ ▶ପୃଷ୍ଠା-୭

## ଧାନ ପଞ୍ଜୀକରଣରେ ପି-ପାସ୍ ଅଡୁଆ

- ● କିଭଳି ହେବ ଦେବୋତ୍ତର ଜମି ପଞ୍ଜୀକରଣ
- ● ଆଖି ସ୍କାନ୍ ପାଇଁ ସମସ୍ୟାରେ ଭାଗଚାଷୀ

■ ଭୁବନେଶ୍ୱର/ନୟାଗଡ଼,୨୦।୮ (ସମିସ): ସାରା ରାଜ୍ୟରେ ଅଗଷ୍ଟ ୬ ତାରିଖରୁ ଧାନ ବିକ୍ରି ପାଇଁ ପଞ୍ଜିକରଣ ଆରମ୍ଭ ହୋଇଛି। ଏହାକୁ ଅଗଷ୍ଟ ୩୦ ସୁଦ୍ଧା ଶେଷ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ୟାକ୍ସ ଓ ଲ୍ୟାମ୍ପ୍‌ସରେ ପଞ୍ଜିକରଣ କାର୍ଯ୍ୟ କରାଯାଉଥିବା ବେଳେ ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହି ସମୟରେ ଭାଗଚାଷୀ ଓ ମନ୍ଦିର ଜମିକୁ ସେବା ଦଖଲ ଭାବେ ଚାଷ କରୁଥିବା ଚାଷୀଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି ହୋଇଛି। ଭାଗଚାଷୀଙ୍କ ଜମି ପଞ୍ଜିକରଣରେ ଜମି ମାଲିକଙ୍କ ଆଖି ସ୍କାନ ବାଧ୍ୟତା ମୂଳକ ହେଉଥିବାରୁ ଭାଗଚାଷୀମାନେ ପଞ୍ଜିକରଣ କରିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ଭାଗଚାଷୀ, ଦେବୋତ୍ତର ଜମି ସେବା ସୂତ୍ରରେ ନେଇ ଚାଷ କରୁଥିବା ଚାଷୀ, ଗାଁ କୋଠ ଜମି ଓ ଟ୍ରଷ୍ଟ ଜମି କିଭଳି ପଞ୍ଜିକରଣ ହେବ ▶ପୃଷ୍ଠା-୭

## କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ବର୍ବରତା

# ଯାଞ୍ଚ କମିଟି ଗଠନ କଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୦।୮ : ଗତ ଜୁଲାଇ ୨୦ ତାରିଖରେ ଦିଲ୍ଲୀରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ ବର୍ବରତାର ଯାଞ୍ଚ କରିବା ଲାଗି ସୁପ୍ରିମକୋର୍ଟ ଆଜି ଏକ ଉଚ୍ଚକ୍ଷମତାସଂପନ୍ନ କମିଟି ଗଠନ କରିଛନ୍ତି। ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଆର. ସୁଭାଷ ରେଡ୍ଡୀଙ୍କୁ କମିଟିର ଅଧ୍ୟକ୍ଷ କରାଯାଇଛି। ପଞ୍ଜାବ ଓ ହରିଆଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ରବି ଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶୈଳନ୍ଦର କୌର, ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଆରକେ ଶୁକ୍ଳା ଏବଂ ମେଘାଳୟର ପୂର୍ବତନ ପୁଲିସ ଡିଜି ଏଲଆର ବିଷ୍ଣୋଇ ଏହି କମିଟିର ସଭ୍ୟ ଅଛନ୍ତି। ଏହି କମିଟି କେବେ ରିପୋର୍ଟ ଦାଖଲ କରିବ, ତାହା ସ୍ପଷ୍ଟ କରାଯାଇନଥିଲେ ମଧ୍ୟ ଆନ୍ଦୋଳନ ବେଳେ ନିର୍ଯାତନା ଓ ମହିଳା ଆନ୍ଦୋଳନକାରୀଙ୍କ ପ୍ରତି ଅସଦାଚରଣ ଅଭିଯୋଗର ଯାଞ୍ଚ ଅଗ୍ରାଧିକାର ଭିତ୍ତିରେ କରି ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଦେବାକୁ କୁହାଯାଇଛି।

**କମିଟିରେ ପୂର୍ବତନ ବିଚାରପତି, ବରିଷ୍ଠ ପୁଲିସ ଓ ସିବିଆଇ ଅଧିକାରୀ ସାମିଲ**

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି କମିଟି ଗଠନର ଘୋଷଣା କରି ସ୍ପଷ୍ଟ କରିଛନ୍ତି ଯେ ଉକ୍ତ କମିଟି ସମସ୍ତ ଅଭିଯୋଗର ବିଭିନ୍ନ ଦିଗରୁ ଯାଞ୍ଚ କରିବା ସହିତ ପ୍ରତିକାର ବ୍ୟବସ୍ଥା ପାଇଁ ସୁପାରିସ କରିବ। କେବଳ ଦିଲ୍ଲୀ ନୁହେଁ, ଦେଶର ଯେଉଁ ଭାଗରେ ଆନ୍ଦୋଳନ ବେଳେ ହିଂସା ହୋଇଛି, ତାହାର ମଧ୍ୟ ଯାଞ୍ଚ ହେବ। ପୁଲିସ କାର୍ଯ୍ୟାନୁଷ୍ଠାନରେ ଗୁରୁତର ଆହତଙ୍କ ସଂପର୍କରେ ତଥ୍ୟର ଯାଞ୍ଚ ହେବ। ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା ଏବଂ କାର୍ଯ୍ୟାନୁଷ୍ଠାନ ବେଳେ ନିୟମର ପାଳନ କକରାଯାଇଛି କି ନାହିଁ। ଆନ୍ଦୋଳନକାରୀଙ୍କ ବିରୋଧରେ ପେଲେଟ୍ ଗନ୍, ବିଦ୍ୟୁତ ଲାଠି ମାଡ଼ ଅଭିଯୋଗର ଯାଞ୍ଚ ସହିତ ଲାଠିମାଡ଼ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ ପୂର୍ବରୁ ଆନ୍ଦୋଳନକାରୀଙ୍କୁ ସଠିକ ଭାବେ ▶ପୃଷ୍ଠା-୭

# କମିଲା ମୌସୁମୀ ବର୍ଷା: ଥମିଲା ବଢ଼ି; ତଥାପି ହଟିନି ଦୁର୍ଦ୍ଦଶା

■ ଭୁବନେଶ୍ୱର,୨୦।୮ (ସମିସ): ରାଜ୍ୟରେ ବର୍ଷା କମିବା ସହ ବନ୍ୟା ସ୍ଥିତିରେ ମଧ୍ୟ ସୁଧାର ଆସୁଛି। ଯଦିଓ ବନ୍ୟା ପ୍ରଭାବିତ ଗାଁଗୁଡ଼ିକରେ ଏବେ ବି ପାଣି ଅଛି; ତଥାପି ସବୁ ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତେବେ ଉଜାଣି ବହୁଥିବା ସୁବର୍ଣ୍ଣରେଖା ଓ ଜଳକା ଏବେବି ବାଲେଶ୍ୱର ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସୁବର୍ଣ୍ଣରେଖା ରାଜଘାଟଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ମଥାନୀଠାରେ ଜଳକା ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଜିଲ୍ଲାର ହଜାର ହଜାର ହେକ୍ଟର ଜମି ଜଳମଗ୍ନ ହୋଇ ରହିଥିବାବେଳେ ଅନେକ ଗାଁ ପାଣିଘେରରେ ରହିଛି।

- ■ ଏବେବି ଉଜାଣି ବହୁଛି ସୁବର୍ଣ୍ଣରେଖା, ଜଳକା
- ■ ୧୦୦୦ ମିମି ଅତିକ୍ରମ କଲା ମୌସୁମୀ ବର୍ଷା
- ■ ୨୩ ତାରିଖ ପର୍ଯ୍ୟନ୍ତ ବଢ଼ିବ ବିଜୁଳି ଘଡ଼ଘଡ଼ି

ଅନ୍ୟପଟରେ ରାଜ୍ୟରେ ଚଳିତ ବର୍ଷର ମୌସୁମୀ ବର୍ଷା ୧୦୦୦ମିଲିମିଟର ଅତିକ୍ରମ କରିଛି। ଚଳିତ ମୌସୁମୀ ଋତୁରେ ଅର୍ଥାତ ଜୁନ୍ ୧ ତାରିଖରୁ ଅଗଷ୍ଟ ୧୯ ତାରିଖ ମଧ୍ୟରେ ରାଜ୍ୟରେ ୧୦୦୬.୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ▶ପୃଷ୍ଠା-୭

# ଅଗଷ୍ଟରେ ଆମେରିକାରୁ ୫୨୦୦ ଭାରତୀୟ ବିତାଡ଼ିତ

■ ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ଆମେରିକାରେ ନିର୍ବାସନ ଅଭିଯାନ ଜୋରଦାର ହୋଇଛି। ଅଗଷ୍ଟ ମାସର ପ୍ରଥମ ୧୫ ଦିନରେ ୫୨୦୦ରୁ ଅଧିକ ଭାରତୀୟଙ୍କୁ ଆମେରିକାରୁ ବିଦା କରାଯାଇଛି। ଏଥିରେ ଛାତ୍ରଙ୍କ ସହ ବୈଧ ଭିସାରେ ଯାଇଥିବା ବା ବେଆଇନ୍ ଭାବେ ରହୁଥିବା କର୍ମଜୀବୀମାନେ ମଧ୍ୟ ଥିବା ଜଣାପଡ଼ିଛି। ଆମେରିକାରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜୋରଦାର ହୋଇଥିବା ବେଳେ ବୈଧ ଭିସାଧାରୀମାନେ ମଧ୍ୟ ନିୟମ ଉଲ୍ଲଂଘନ ଅଭିଯୋଗରେ ନିର୍ବାସନର ସମ୍ମୁଖୀନ ହେଉଛନ୍ତି। କିଛି ଛାତ୍ରଙ୍କ ବିରୋଧରେ ଟ୍ରାଫିକ ନିୟମ ଉଲ୍ଲଂଘନ ଏବଂ ସାମାଜିକ ଗଣମାଧ୍ୟମରେ ମତାମତ ଦେବାକୁ ନେଇ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏପଟେ କାନାଡାର ଆଲବର୍ଟା ପ୍ରଦେଶରେ ପଢୁଥିବା ପ୍ରାୟ ▶ପୃଷ୍ଠା-୭

- ■ ଆମେରିକାର ନିର୍ବାସନ ଅଭିଯାନ ଜୋର୍‌ଦାର୍
- ■ କାନାଡାରେ ୧, ୫୦୦ ଛାତ୍ରଙ୍କ ଉପରେ ବିପଦ
- ■ ୨୦୨୫ରେ ନିର୍ବାସିତ ହୋଇଥିଲେ ୩୫୬୭

# ମହିଳା ହାବିଲଦାରଙ୍କ ପାଖରୁ ନକଲି ଆଇପିଏସ୍ ଠକିନେଲେ ୨୮ ଲକ୍ଷ


■ ବାରିପଦା, ୨୦।୮ (ସମିସ): ନିଜକୁ ଜଣେ ଆଇପିଏସ ପରିଚୟ ଦେଇ ଜଣେ ମହିଳା ହାବିଲଦାରଙ୍କ ପାଖରୁ ୨୮ ଲକ୍ଷ ୪୪ ହଜାର ଟଙ୍କା ଠକି ନେଇଥିବା ନେଇ ସ୍ଥାନୀୟ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ସହିତ ତଦନ୍ତ ଆରମ୍ଭ ହୋଇଛି। ମହିଳା ହାବିଲଦାର ଜଣଙ୍କ ବିଜୁଳି ବେହେରା। ସେ ମୟୂରଭଞ୍ଜ ପୁଲିସ ରିଜର୍ଭରେ ଚାକିରି କରୁଛନ୍ତି।

**ସାଇବର ଥାନାରେ ମାମଲା**

ଅଭିଯୋଗ ଅନୁଯାୟୀ, ଗତ ଜୁନ ୧୯ ତାରିଖରେ ଫେସବୁକ ଜରିଆରେ ଅଭିଯୋଗକାରିଣୀଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିଥିବା ବ୍ୟକ୍ତି ଜଣକ ନିଜକୁ ଆଇପିଏସ ଅଫିସର ଭାବେ ପରିଚୟ ଦେବା ସହିତ ସେ ଲଣ୍ଡନରେ ଥିବା ଦର୍ଶାଇଥିଲେ। ମୟୂରଭଞ୍ଜ ଦୁଇଟି ପୁଲିସ ଜିଲ୍ଲା ଭାଗ ହୋଇଥିବାରୁ ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କୁ ବଦଳି ପାଇଁ ସାହାଯ୍ୟ କରିବା ପ୍ରତିଶ୍ରୁତି ଦେଇ ଆଧାର କାର୍ଡର ନକଲ ମଗାଇଥିଲେ। ଏହାପରେ ଅଭିଯୁକ୍ତ ଜଣକ ଆଧାର କାର୍ଡରେ ଥିବା ଠିକଣା ଅନୁଯାୟୀ ଲଣ୍ଡନରୁ ଏକ ଉପହାର ପାର୍ସଲ ପଠାଇଥିବା ସୂଚନା ଦେଇଥିଲେ। ମହିଳା ହାବିଲଦାର ତାହା ଗ୍ରହଣ କରିବାକୁ ମନା କରିଥିଲେ। କିନ୍ତୁ ଆସିଥିବା ଉପହାର ପାର୍ସଲ ଲଣ୍ଡନରୁ ମୁମ୍ବାଇରେ ପହଞ୍ଚିଥିବା ଅନ୍ୟଜଣେ ଅଜଣା ବ୍ୟକ୍ତି ତାଙ୍କୁ ଜଣାଇବା ସହିତ ରୋଡ୍ ଟିକସ ବାବଦ ଟଙ୍କା ପଠାଇବାକୁ କହିଥିଲେ ସୁଦ୍ଧା ଅଭିଯୋଗକାରିଣୀ ଟଙ୍କା ପଠାଇବାକୁ ମନା କରିବାରୁ ମାମଲା ରୁଜୁ ହେବ ବୋଲି ତାଙ୍କୁ ଧମକ ଦିଆଯାଇଥିଲା। ଫଳରେ ଭୟରେ ଅଭିଯୋଗକାରିଣୀ ତାଙ୍କ ନିଜ ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟରୁ ୨୨ ଲକ୍ଷ ୯୨ ହଜାର ଟଙ୍କା, ଫୋନ ପେ ଜରିଆରେ ୪ ଲକ୍ଷ ୭୦ ହଜାର ଓ ୮୨ ହଜାର ୧୦୦ ଟଙ୍କା ଏପରି ତିନିଟି ପର୍ଯ୍ୟାୟରେ ମୋଟ ୨୮ ଲକ୍ଷ ୪୪ ହଜାର ଟଙ୍କା ପଠାଇ ଠକାମିର ଶିକାର ହୋଇଥବା ଜାଣିବାକୁ ପାଇଲେ। ଏ ନେଇ ସାଇବର ଥାନାରେ ମାମଲା ରୁଜୁ କରାଯାଇଛି। ଯାହାକି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

# ତିହାର ଜେଲ୍‌ରେ ଆଖିବୁଜିଲେ ସଜ୍ଜନ କୁମାର

■ ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ୧୯୮୪ ଶିଖ-ବିରୋଧୀ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ



**୧୯୮୪ ଦଙ୍ଗା ମାମଲାରେ ଭୋଗୁଥିଲେ ଆଜୀବନ କାରାଦଣ୍ଡ**

ଭୋଗୁଥିବା ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାର ତିହାର ଜେଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ତିହାର ଜେଲରେ ଆଜୀବନ କାରାଦଣ୍ଡ କାଟୁଥିବା ସଜ୍ଜନ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଆଜି ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ଅଣାଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ୨୦୧୮ ମସିହାରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡର ଫଇସଲା ଶୁଣାଇଥିଲେ। ସେହିଦିନ ଠାରୁ ସେ ତିହାର ଜେଲରେ ଥିଲେ। ସଜ୍ଜନ କୁମାର ଆଉଟର ଦିଲ୍ଲୀ ଆସନରୁ ତିନିଥର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୮ ରେ ଦୋଷୀ ସାବ୍ୟସ୍ତ ହେବା ପରେ ସେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିଲେ। ଚଳିତ ବର୍ଷ ଫେବୃଆରୀ ମାସରେ ରାଉଜ୍ ଆଭେନ୍ୟୁ କୋର୍ଟ ଅନ୍ୟ ଏକ ମାମଲାରେ ତାଙ୍କୁ ଅନ୍ୟ ଏକ ଆଜୀବନ କାରାଦଣ୍ଡ ଦଣ୍ଡାଦେଶ ଶୁଣାଇଥିଲେ। ଗୁରୁତର ଅସୁସ୍ଥତା କାରଣରୁ ତିନି ସପ୍ତାହ ପାଇଁ ପାରୋଲ ଆବେଦନ କରିଥିଲେ ସଜ୍ଜନ। ଆଜି ସୁପ୍ରିମ କୋର୍ଟରେ ଏହାର ଶୁଣାଣି ହେବାର ଥିଲା।

**ସରକାରଙ୍କୁ ପୂରିଲା ୮୦୦ ଦିନ**

# ଏବେ ବି ବରିଷ୍ଠ ନାଗରିକ ନିରାଶ

## ୩୦୦୦ ଟଙ୍କା ଭତ୍ତାକୁ ଚାହିଁ ବସିଛନ୍ତି ୩୬ ଲକ୍ଷ ବରିଷ୍ଠ ନାଗରିକ

■ ଭୁବନେଶ୍ୱର,୨୦।୮ (ସମିସ): ବୟସର ସାୟାହ୍ନରେ ନିଃସଙ୍ଗ ହୋଇଯାଉଛନ୍ତି ବରିଷ୍ଠ ନାଗରିକ। ଜନ୍ମ କରିଥିବା ପୁଅ, ଝିଅ ମଧ୍ୟ ଶେଷ ମୁହୂର୍ତ୍ତରେ ଦୂରେଇ ଯାଉଛନ୍ତି। ସେମାନଙ୍କୁ ଡ଼ାକ୍ତରଖାନା ନେବା ପାଇଁ କେହି ନାହିଁ କି ଔଷଧ କିଣିବାକୁ ବି ଅନେକଙ୍କ ପାଖରେ ପଇସା ନାହିଁ। ବିଜେପି ରାଜ୍ୟରେ ସରକାର ଗଢ଼ିଲେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥିଲା। ମାତ୍ର ସରକାର ଗଠନକୁ ଆଜି ୮୦୦ ଦିନ ପୂରଣ ହୋଇଥିଲେ ବି ରାଜ୍ୟର ୩୬ ଲକ୍ଷ ବରିଷ୍ଠ ନାଗରିକ ୩୦୦୦ ଟଙ୍କା ଭତ୍ତାକୁ ଚାହିଁ ବସିଛନ୍ତି। ବିଡ଼ମ୍ବନା ହେଉଛି ୩୦୦୦ ଟଙ୍କା ଭତ୍ତା ତ ଦୂରର କଥା; ପୂର୍ବ ସରକାର ସମୟରେ ପ୍ରଚଳିତ ୧୦୦୦ ଟଙ୍କା ଭତ୍ତା ବି ସେମାନଙ୍କୁ ନିୟମିତ ମିଳୁନାହିଁ। ଅନ୍ୟପକ୍ଷରେ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟ କେବଳ ଘୋଷଣାରେ ଅଟକି ଯାଇଛି।

ବିଜେପିର ନିର୍ବାଚନୀ ସଂକଳ୍ପରେ ରାଜ୍ୟର ବରିଷ୍ଠ ନାଗରିକଙ୍କ ପାଇଁ ଦୁଇ ପ୍ରକାର ଭତ୍ତା ଘୋଷଣା ହୋଇଥିଲା। ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କ ପାଇଁ ମାସିକ ୩୫୦୦ ଟଙ୍କା ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ପାଇଁ ମାସିକ ୩୦୦୦ ଟଙ୍କା ଭତ୍ତା ଦେବାକୁ ନିର୍ବାଚନ ସମୟରେ

**ବିଜେପି ସରକାର ଏଯାଏ ପୂରଣ କଲେ ନାହିଁ ନିର୍ବାଚନ ପ୍ରତିଶ୍ରୁତି**

ପ୍ରତିଶ୍ରୁତି ଦିଆଯାଇଥିଲା। ରାଜ୍ୟରେ ସରକାର ଗଠନର ପ୍ରାୟ ବର୍ଷକ ପରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ପାଇଁ ବର୍ଦ୍ଧିତ ଭତ୍ତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେଲା; ମାତ୍ର ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ଘୋଷିତ ୩୦୦୦ ଟଙ୍କା ଭତ୍ତା ଏଯାଏ ମିଳିନାହିଁ। ଏଥିନେଇ ବିଭିନ୍ନ ସମୟରେ ସରକାରଙ୍କୁ ବିରୋଧୀ ଘେରୁଛନ୍ତି, ବରିଷ୍ଠ ନାଗରିକ ମାନେ ଦାବି କରୁଛନ୍ତି; ତଥାପି ଏହି ରାଶି ପ୍ରଦାନ କରିବାରେ ସରକାର ଅସମର୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରମ କରିଥିଲେ ବି ସାମାଜିକ ସଶକ୍ତିକରଣ ବିଭାଗ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଥିବା ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ। ୨୦୨୪ ମସିହାରେ ସାମାଜିକ ସଶକ୍ତିକରଣ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ସେଲ୍ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥାର ଡୋମେନ ଏକ୍ସପର୍ଟ (ବିଶେଷଜ୍ଞ) ସଦସ୍ୟ ରହିବେ ଓ ସେମାନେ ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ବୃଦ୍ଧାଶ୍ରମଗୁଡ଼ିକର ନିରୀକ୍ଷଣ କରିବା ନିମନ୍ତେ ଯୋଜନା ହୋଇଥିଲା। ବୃଦ୍ଧାଶ୍ରମରେ ରହୁଥିବା ବରିଷ୍ଠ ନାଗରିକଙ୍କ ମାନସିକ ସ୍ୱସ୍ଥତା ସହ ମାନସିକ ଶାନ୍ତି ପାଇଁ ବିଭିନ୍ନ ଆଧ୍ୟାତ୍ମିକ, ପ୍ରେରଣାଦାୟୀ (ମୋଟିଭେସନାଲ) କାର୍ଯ୍ୟକ୍ରମ/ ସମାବେଶ ଆୟୋଜନ କରାଯିବା ଲକ୍ଷ୍ୟ ରହିଥିଲା। ସେହିପରି ରାଜ୍ୟରେ ▶ପୃଷ୍ଠା-୭


MAHARAJA SRIRAM CHANDRA BHANJA DEO UNIVERSITY
(Erstwhile North Orissa University)
Sriram Chandra Vihar, Takatpur, Baripada, Odisha - 757003
https://mscbu.ac.in
NAAC – 'A'



Admissions through CPET-2026 (SAMS), OJEE-2026 (MCA & MBA) and 3 Year Integrated B.Ed.-M.Ed. Entrance (SAMS)

Courses offered

*Regular Courses*
- M. A. in Odia
- M. A. in Santali
- M. A./ M. Sc. in Mathematics
- Master of Computer Application (MCA)
- M. Sc. in Computer Science
- Master of Business Administration (MBA)
- M. A. in Economics
- M. A./M. Sc. in Anthropology & Tribal Studies
- Master of Social Work (MSW)
- M. Sc. in Chemistry
- M. Sc. in Physics
- M. Sc. in Botany
- M. Sc. in Biotechnology
- M. Sc. in Wildlife & Biodiversity Conservation
- M. Sc. in Zoology
- M. A. in Education
- Integrated B.Ed.-M.Ed. (3 Yrs)

*Self-Financing Courses*
- M. A. in English
- M. A. in Sanskrit
- M. A. in History
- M. A. in Political Science
- M.A./ M.Sc. in Yoga and Naturopathy
- M.Sc. in Remote Sensing & GIS
- M. Sc. in Geology
- Master of Library & Information Science (MLIS)
- Master of Commerce

Self-Financing Courses offered at School of Information Technology at Rairangpur under MSCB University
- B.Sc. in Computer Science
- M.Sc. in Computer Science
- Master of Computer Application (MCA)

Multidisciplinary Education & Research University (MERU) under PM-USHA

Facilities
- NEP 2020 oriented Academic Calendar
- Timely Publication of Results
- Modern Curriculum
- ICT Enabled Classrooms
- Effective Teaching Methods
- Comprehensive Student-Insurance Coverage
- Career-Oriented Programmes
- Ragging-Free Campus
- Broad Research Partnerships
- Emphasis on Indian Knowledge Systems
- Indigenous Studies
- Top-Tier Facilities
- Centre for Similipal Studies
- Instrumentation Centre
- Central Library
- One-Nation One-Subscription Journals
- Teach Mayurbhanj Programme
- National Service Scheme
- Museums and Animal Room
- Sacred Grove
- Media Centre
- Campus-Wide CCTV Coverage
- Wi-Fi Campus (1 Gbps + 500 Mbps)
- Outdoor and Indoor Stadium
- Separate Gym for Boys and Girls
- 6 Hostels with 750 seats

Distance Courses offered at Centre for Distance & Online Education (CDOE)
- M. A. in English
- M. A. in Economics
- M. A. in Sanskrit
- M. A. in Odia
- Master of Social Work (MSW)
- M.A. in Education
- M.A. in Santali
- M.A. in Anthropology & Tribal Studies
- M.A. in Political Science
- M.A. in History
- Master of Commerce
- Master of Library & Information Sciences (MLIS)

mscb_university | Mscb Baripada | mscb_official

# ଦୁଇ ନାବାଳକ ଛାତ୍ରଙ୍କ ଜଘନ୍ୟକାଣ୍ଡ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଛୁରା ମାରି ହତ୍ୟା


ହାଇଦ୍ରାବାଦ, ୨୦।୮(ଏଜେନ୍ସି): ତେଲଙ୍ଗାନାର ନାଲଗୋଣ୍ଡା ଜିଲ୍ଲାରୁ ଏକ ଅତ୍ୟନ୍ତ ଅସ୍ୱାଭାବିକ ଏବଂ ଜଘନ୍ୟ ଘଟଣା ସାମ୍ନାକୁ ଆସିଛି। ଜଣେ ୪୮ ବର୍ଷୀୟା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତଥା ନିର୍ଦ୍ଦେଶିକା କଲ୍ଲୁ ରୂପା ରେଡ୍ଡୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରିଛି। ଟଙ୍କା ଏବଂ ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ଦୁଇଜଣ ନାବାଳକ ଛାତ୍ର ଏହି ଜଘନ୍ୟକାଣ୍ଡ ଘଟାଇଥିବା ଜଣାପଡ଼ିଛି। ଗତ ଅଗଷ୍ଟ ୧୨ ତାରିଖ ସକାଳେ ରୂପା ରେଡ୍ଡୀଙ୍କ ରକ୍ତାକ୍ତ ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଥିଲା। ଦୁଇ ଜଣ ନାବାଳକ ଛାତ୍ର ତାଙ୍କୁ ୨୭ ଥର ଛୁରାମାଡ଼ କରି ହତ୍ୟା କରିଥିଲେ। ଏହାପରେ ସେମାନେ ଫେରାର ହୋଇଯାଇଥିଲେ। ମୃତ୍ୟୁ ପୂର୍ବରୁ ପ୍ରଧାନଶିକ୍ଷୟିତ୍ରୀ ଜଣକ ତାଙ୍କ ପିଉସୀଙ୍କ ସହ କଥା ହେଲାବେଳେ ଶେଷରେ 'ବାବୁ' ଶବ୍ଦ ବ୍ୟବହାର କରିଥିଲେ, ଯାହାକି ପୁଲିସକୁ ଅପରାଧୀଙ୍କ ପାଖରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲା।

ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଛାତ୍ରମାନେ ପ୍ରଚୁର ଟଙ୍କା ଖର୍ଚ୍ଚ କରି ପାର୍ଟି କରିବା ଏବଂ ଗୋଆ ବୁଲିବାକୁ ଯିବା ସେମାନଙ୍କୁ ପୁଲିସ ଆଗରେ ପଦାରେ ପକାଇ ଦେଇଥିଲା। ପୂର୍ବରୁ ହଷ୍ଟେଲ ବ୍ୟାଗରୁ ଟଙ୍କା ଏବଂ ମୋବାଇଲ୍ ମିଳିବା କାରଣରୁ ରୂପା ରେଡ୍ଡୀ ସେମାନଙ୍କୁ କଡ଼ା ଚେତାବନୀ ଦେଇ ହଷ୍ଟେଲରୁ ବାହାର କରିଦେଇଥିଲେ, ଯାହାଫଳରେ ସେମାନେ ପ୍ରତିଶୋଧପରାୟଣ ହୋଇଯାଇଥିଲେ। ପୁଲିସ ଅଭିଯୁକ୍ତମାନଙ୍କଠାରୁ ଲୁଟ୍ ହୋଇଥିବା ଟଙ୍କା, ଆଇଫୋନ୍ ଏବଂ ମୃତକଙ୍କ ମୋବାଇଲ୍ ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଏହି ଘଟଣା ଶିକ୍ଷାନୁଷ୍ଠାନ ଏବଂ ଛାତ୍ରସମାଜକୁ ସ୍ତବ୍ଧ କରିଦେଇଛି। କମ୍ ବୟସରେ ଅର୍ଥ ଏବଂ ବିଳାସପୂର୍ଣ୍ଣ ଜୀବନ ପାଇଁ ପିଲାମାନେ କିପରି ଅପରାଧର ପଥ ଆପଣାଉଛନ୍ତି, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ପୁଲିସ ଏହି ମାମଲାରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।



## ଭାରତ ଆସିପାରନ୍ତି ଜିନପିଙ୍ଗ

ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ଆଗାମୀ ସେପ୍ଟେମ୍ବର ମାସରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତ ଗସ୍ତରେ ଆସିପାରନ୍ତି। ଯଦି ଏହି ଗସ୍ତ ଚୂଡ଼ାନ୍ତ ହୁଏ, ତେବେ



୨୦୧୯ ଅକ୍ଟୋବର ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଆସନ୍ତା ସେପ୍ଟେମ୍ବର ୧୨ ଏବଂ ୧୩ ତାରିଖରେ ନୂଆଦିଲ୍ଲୀରେ ଏହି ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହି ସମ୍ମିଳନୀରେ ଯୋଗଦେବା ନେଇ ଆନୁଷ୍ଠାନିକ ଭାବେ ସ୍ପଷ୍ଟ ହୋଇସାରିଛି। ଏହି ସମ୍ମିଳନୀରେ ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବାର ସମ୍ଭାବନା ଅଛି, ଯେଉଁଥିରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ଏବଂ ସୀମା ବିବାଦ ମୁଖ୍ୟ ପ୍ରସଙ୍ଗ ରହିବ। ଚଳିତ ବର୍ଷ ଭାରତ ବ୍ରିକ୍ସର ଅଧ୍ୟକ୍ଷତା କରୁଥିବାରୁ ଏହି ବୈଠକର ଗୁରୁତ୍ୱ ବହୁତ ଯଥେଷ୍ଟ ବଢ଼ି ଯାଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଧୀରେ ଧୀରେ ସୁଧାର ଆସୁଥିବାବେଳେ, ଏହି ଶିଖର ସମ୍ମିଳନୀ କୂଟନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।



## ଫଖରୁଲ ଇସଲାମ ବାଂଲାଦେଶର ନୂଆ ରାଷ୍ଟ୍ରପତି

ଢାକା, ୨୦।୮(ଏଜେନ୍ସି): ବାଂଲାଦେଶର ୨୩ତମ ରାଷ୍ଟ୍ରପତି ଭାବେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ବରିଷ୍ଠ ନେତା ମିର୍ଜା ଫଖରୁଲ ଇସଲାମ ଆଲମଗୀର ନିର୍ବାଚିତ ହୋଇଛନ୍ତି। ସଂସଦରେ ଗୁରୁବାର ହୋଇଥିବା ନିର୍ବାଚନରେ ସେ ୨୫୫ଟି ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଓଲି ଅହମଦ ୮୮ଟି ଭୋଟ ପାଇଥିଲେ। ମୋଟ ୩୪୯ ଜଣ ସାଂସଦ ଭୋଟ ଦେବାକୁ ଯୋଗ୍ୟ ଥିବାବେଳେ ୩୪୩ ଜଣ ଭୋଟ ଦେଇଥିଲେ। ମୁଖ୍ୟ ନିର୍ବାଚନ କମିଶନର ଏଏମ୍ଏମ୍ ନାସିର ଉଦ୍ଦିନ ଆଲମଗୀରଙ୍କୁ ବିଜୟୀ ଘୋଷଣା କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ବାଂଲାଦେଶର ରାଷ୍ଟ୍ରପତି ନିର୍ବାଚନରେ ଏକାଧିକ ପ୍ରାର୍ଥୀ ମଇଦାନରେ ଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ଆଲମଗୀର ବିଏନ୍ପିର ମହାସଚିବ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ଜୁଲାଇ ୨୪ରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦରୁ ଇସ୍ତଫା ଦେବା ପରେ ନୂଆ ରାଷ୍ଟ୍ରପତି ନିର୍ବାଚନର ଆବଶ୍ୟକତା ପଡ଼ିଥିଲା। ବିଏନ୍ପିର ସାଂଗଠନିକ ନେତୃତ୍ୱରୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦକୁ ମିର୍ଜା ଫଖରୁଲଙ୍କ ଉତ୍ଥାନ ବାଂଲାଦେଶ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି।

## ପତ୍ନୀ, ଭଉଣୀକୁ ଗୁଳି କରି ବ୍ୟାଙ୍କ କର୍ମଚାରୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୨୦।୮(ଏଜେନ୍ସି): ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାରିବାରିକ ବିବାଦ ଏବଂ ବୈବାହିକ କଳହରୁ ଜଣେ ବ୍ୟାଙ୍କ କର୍ମଚାରୀ ପ୍ରଥମେ ନିଜ ପତ୍ନୀଙ୍କୁ ବ୍ୟାଙ୍କ ସାମନାରେ ଗୁଳି କରି ହତ୍ୟା କରିଥିଲେ ଏବଂ ପରେ ନିଜ ଭଉଣୀକୁ ହତ୍ୟା କରି ନିଜେ ମଧ୍ୟ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମାନସ ବାଜପେୟୀ ନାମକ ଜଣେ ବ୍ୟକ୍ତି ଗୋମତୀ ନଗର ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ବାହାରକୁ ଆସି ତାଙ୍କ ପତ୍ନୀ ତଥା ବ୍ୟାଙ୍କର ସହକାରୀ। ହତ୍ୟାକାଣ୍ଡ ପରେ ମାନସ ଏକ ହ୍ୱାଟ୍ସଆପ୍ ଷ୍ଟାଟସ୍ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ପତ୍ନୀଙ୍କ ପ୍ରତାରଣା କଥା ଉଲ୍ଲେଖ କରି ନିଜେ ଏବଂ ନିଜ ଭଉଣୀକୁ ମଧ୍ୟ ମାରିଦେବେ ବୋଲି ଲେଖିଥିଲେ। ପତ୍ନୀଙ୍କୁ ହତ୍ୟା କରିବା ପରେ ମାନସ ତାଙ୍କ ଭଡ଼ା ଘରକୁ ଫେରିଥିଲେ ଏବଂ ସେଠାରେ ନିଜ ସାନ ଭଉଣୀ ତୁଳିକାଙ୍କୁ ଗୁଳି କରି ହତ୍ୟା କରିବା ପରେ ନିଜକୁ ମଧ୍ୟ ଗୁଳି କରି ଜୀବନ ହାରିଥିଲେ। ପୁଲିସ ଘଟଣାସ୍ଥଳରୁ ମୃତଦେହଗୁଡ଼ିକୁ ଜବତ କରିବା ସହ ସେମାନଙ୍କର ପାରିବାରିକ ବିବାଦ ଏବଂ ଛାଡ଼ପତ୍ର ମାମଲାକୁ ନେଇ ବିସ୍ତୃତ ତଦନ୍ତ ଜାରି ରଖିଛି।

## ଲିଙ୍ଗ ନିରୂପଣ ମାମଲାରେ ପୁଲିସ ମାମଲା ରୁଜୁ କରିପାରିବ ନାହିଁ

ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ଗର୍ଭଧାରଣ ପୂର୍ବ ଏବଂ ପ୍ରସବପୂର୍ବ ନିରାକରଣ କୌଶଳ ଆଇନ ଅଧୀନରେ ଲିଙ୍ଗ ନିରୂପଣ ସମ୍ବନ୍ଧୀୟ ମାମଲାଗୁଡ଼ିକରେ ପୁଲିସ ସିଧାସଳଖ ମାମଲା ରୁଜୁ କିମ୍ବା ତଦନ୍ତ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୟ କରୋଲ ଏବଂ ଜଷ୍ଟିସ୍ ଏନ୍କେ ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆହ୍ଲାବାଦ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଏହି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କେବଳ ନିଯୁକ୍ତ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ହିଁ ନିଆଯିବା ଉଚିତ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପୁଲିସ ସିଧାସଳଖ ହସ୍ପିଟାଲ କିମ୍ବା ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକରେ ଚଢ଼ାଉ କିମ୍ବା ତଦନ୍ତ କରିପାରିବ ନାହିଁ। କେବଳ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ସହାୟତା କରାଯାଇପାରିବ। ଏହି ଆଇନ ମାଧ୍ୟମରେ ସ୍ତ୍ରୀ ଭ୍ରୂଣହତ୍ୟାକୁ ରୋକିବା ଏବଂ ଦେଶରେ ହ୍ରାସ ପାଉଥିବା ଲିଙ୍ଗାନୁପାତକୁ ସନ୍ତୁଳିତ କରିବା ଲକ୍ଷ୍ୟ ରଖାଯାଇଛି। ଡାକ୍ତରୀ ଜ୍ଞାନ ଏବଂ ସମ୍ବେଦନଶୀଳତାକୁ ଆଖି ଆଗରେ ରଖି ଏହି ମାମଲାଗୁଡ଼ିକର ତଦନ୍ତ ପାଇଁ ସ୍ୱତନ୍ତ୍ର କର୍ତ୍ତୃପକ୍ଷଙ୍କୁ କ୍ଷମତା ଦିଆଯାଇଛି, ଯାହାଦ୍ୱାରା ଡାକ୍ତର କିମ୍ବା ଚିକିତ୍ସାଳୟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସଠିକ୍ ଭାବେ ଗ୍ରହଣ କରାଯାଇପାରିବ।

# ଶ୍ରୀଲଙ୍କା ଗଣକବରରୁ ମିଳିଲା ୫୮୨ କଙ୍କାଳ



ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ଶ୍ରୀଲଙ୍କାର ଏକ ଗଣକବରରୁ ଶିଶୁ ଏବଂ ନବଜାତକଙ୍କ ସମେତ ମୋଟ ୫୮୨ଟି ମାନବ କଙ୍କାଳ ଉଦ୍ଧାର କରାଯାଇଛି। ଦେଶର ଗୃହ ଯୁଦ୍ଧ ସମୟରେ ନିଖୋଜ ହୋଇଯାଇଥିବା ସାଧାରଣ ନାଗରିକମାନଙ୍କର ଏହା ଅବଶେଷ ବୋଲି ସନ୍ଦେହ କରାଯାଉଛି। ଶ୍ରୀଲଙ୍କାର

**■ ଶିଶୁଙ୍କ ଦେହାବଶେଷ ମଧ୍ୟ ରହିଛି**
**■ ଖେଳନା ଏବଂ ସ୍କୁଲ ବ୍ୟାଗ୍ ମିଳିଛି**

ଜାଫନା ନିକଟସ୍ଥ ଚେମାନୀ ଅଞ୍ଚଳରେ ଚାଲିଥିବା ଖନନ କାର୍ଯ୍ୟରୁ ଏହି କଙ୍କାଳଗୁଡ଼ିକ ମିଳିଛି। ଏହା ପୂର୍ବରୁ ଗତ ବର୍ଷ ଏହି ସ୍ଥାନରୁ ୨୪୦ଟି କଙ୍କାଳ ଉଦ୍ଧାର କରାଯାଇଥିଲା। କବରରୁ କଙ୍କାଳ ସହିତ ଛୋଟ ପିଲାଙ୍କ ଖେଳନା, କ୍ଷୀର ବୋତଲ, ସ୍କୁଲ ବ୍ୟାଗ୍, ଜୋତା ଏବଂ ଚୁଡ଼ି ଆଦି ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଗୋଟିଏ କଙ୍କାଳର ହାତ ଦୁଇଟି ଛାତିରେ ବନ୍ଧା ହୋଇଥିବା ଦେଖିବାକୁ ମିଳିଛି।

ଶ୍ରୀଲଙ୍କା ସରକାରୀ ସେନା ଏବଂ ତାମିଲ ବିଦ୍ରୋହୀ (ଏଲଟିଟିଇ) ମଧ୍ୟରେ ୧୯୮୩ ମସିହାରୁ ଆରମ୍ଭ ହୋଇଥିବା ଏହି ଭୀଷଣ ଯୁଦ୍ଧରେ ଏକ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଲୋକ ନିଖୋଜ ହୋଇଯାଇଥିଲେ। ଏହି ଗଣକବରର ଖନନ ଏବଂ ତଦନ୍ତ ପାଇଁ ଶ୍ରୀଲଙ୍କା ସରକାର ପ୍ରାୟ ୪୭, ୦୦୦ ପାଉଣ୍ଡ (୬୨ ଲକ୍ଷ ଭାରତୀୟ ଟଙ୍କା) ଅର୍ଥ ଆବଣ୍ଟନ କରିଛନ୍ତି। ଦଶନ୍ଧି ଧରି ଚାଲିଥିବା ଏହି ଯୁଦ୍ଧର କରୁଣ ସ୍ମୃତି ଏବଂ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସତ ସାମ୍ନାକୁ ଆଣିବା କ୍ଷେତ୍ରରେ ଏହି ଗଣକବରର ଆବିଷ୍କାର ଏକ ବଡ଼ ଘଟଣା ପାଲଟିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ସରକାରୀ ସେନା ତାମିଲ ସଂପ୍ରଦାୟର ଲୋକଙ୍କୁ ହତ୍ୟାଶ କରି ଏଠାରେ ପୋତି ଦେଇଥିବା ସନ୍ଦେହ କରାଯାଉଛି।

## ଝାଡ଼ଖଣ୍ଡ ଜେପିଏସ୍ସି ପରୀକ୍ଷା ବାତିଲ୍ ଉପରେ ହାଇକୋର୍ଟଙ୍କ ରୋକ

ରାଞ୍ଚି, ୨୦।୮(ଏଜେନ୍ସି): ଝାରଖଣ୍ଡ ସରକାରଙ୍କ ଦ୍ୱାରା ଜେପିଏସସି ଏବଂ ଜେଏସଏସସି ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକୁ ବାତିଲ୍ କରାଯିବା ନିଷ୍ପତ୍ତି ଉପରେ ଝାରଖଣ୍ଡ ହାଇକୋର୍ଟ ରୋକ୍ ଲଗାଇଛନ୍ତି। ଏହି ନିର୍ଦ୍ଦେଶ ଦ୍ୱାରା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ବଡ଼ ଆଶ୍ୱସ୍ତି ପାଇଛନ୍ତି। କୋର୍ଟ ୧୧ରୁ ୧୩ତମ ଜେପିଏସସି



ପରୀକ୍ଷା ଏବଂ ଖାଦ୍ୟ ସୁରକ୍ଷା ଅଧିକାରୀ ପରୀକ୍ଷା ବାତିଲ୍ ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି ଏବଂ ସରକାରଙ୍କୁ ୧୫ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ବଳେ ପୀଡ଼ିତ ପ୍ରାର୍ଥୀମାନେ ତୁରନ୍ତ ସେମାନଙ୍କ କାମକୁ ଫେରିବା ପାଇଁ ଅନୁମତି ପାଇଛନ୍ତି। ନିକଟରେ ବିଭିନ୍ନ ଅନିୟମିତତା ଅଭିଯୋଗକୁ ନେଇ ପ୍ରାର୍ଥୀମାନଙ୍କର ଲମ୍ବା ଆନ୍ଦୋଳନ ପରେ ସରକାର ପରୀକ୍ଷାଗୁଡ଼ିକୁ ବାତିଲ୍ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ବିରୁଦ୍ଧରେ ସଫଳ ପ୍ରାର୍ଥୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାର ଏହି ମାମଲାରେ ଏକ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବା ଏବଂ କମିଶନଗୁଡ଼ିକରେ ଆଭ୍ୟନ୍ତରୀଣ ସତର୍କତା କୋଷ ଗଠନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଯୋଗ୍ୟତା ଭିତ୍ତିରେ ଚାକିରି ପାଇଥିବା ପ୍ରାର୍ଥୀମାନେ ଏହି ନିଷ୍ପତ୍ତି ଦ୍ୱାରା ସୁରକ୍ଷା ପାଇଛନ୍ତି। ପରୀକ୍ଷାଗୁଡ଼ିକରେ ହୋଇଥିବା କଥିତ ଅନିୟମିତତାକୁ ନେଇ ସିଆଇଡି ତଦନ୍ତ ମଧ୍ୟ ଜୋରଦାର କରାଯାଇଛି।

# ସିଆରପିଏଫ୍‌ରେ କାହିଁକି ବଢୁଛି ଆତ୍ମହତ୍ୟା ମାମଲା?




ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): କେନ୍ଦ୍ରୀୟ ସଂରକ୍ଷିତ ପୁଲିସ ବଳ (ସିଆରପିଏଫ୍)ରେ କର୍ମଚାରୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଆତ୍ମହତ୍ୟା ଏବଂ ନିଜକୁ କ୍ଷତି ପହଞ୍ଚାଇବା ଭଳି ଘଟଣାକୁ ରୋକିବା ପାଇଁ ଏକ ବରିଷ୍ଠ କମିଟି ଗଠନ କରାଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ ସଂଖ୍ୟକ କର୍ମଚାରୀ ଜୀବନ ହାରିବା ପରେ ବାହିନୀ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ପ୍ରାୟ ୩.୨୫ ଲକ୍ଷ କର୍ମଚାରୀ ଥିବା ସିଆରପିଏଫ୍‌ରେ କେବଳ ୨୦୨୫ ମସିହାରେ ୫୯ ଜଣ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି, ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ। ବାହିନୀର ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ୧୦ ଜଣିଆ ବରିଷ୍ଠ ଅଧିକାରୀଙ୍କ କମିଟି

**ଅନୁଧ୍ୟାନ ପାଇଁ ଗଠନ ହେଲା କୋର କମିଟି**

ଗଠନ କରାଯାଇଛି, ଯାହା ପ୍ରତି ମାସରେ ଥରେ ବୈଠକ କରି ଏହି ମାମଲାଗୁଡ଼ିକର ବିସ୍ତୃତ ସମୀକ୍ଷା କରିବ। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଜାତୀୟ ମାନବାଧିକାର ଆୟୋଗ ଗତ ଅଗଷ୍ଟ ୧୪ ତାରିଖରେ କେନ୍ଦ୍ର ଗୃହ ସଚିବ ଏବଂ ସିଆରପିଏଫ୍ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ପଠାଇ ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ସାମ୍ନାକୁ ଆସିଥିବା ତଥ୍ୟ ଅନୁଯାୟୀ, ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୭୭ ପ୍ରତିଶତରୁ ଅଧିକ ଘଟଣା ଡ୍ୟୁଟିରେ ଥିବା ସମୟରେ ଘଟିଛି। ଲମ୍ବା ସମୟ ଧରି ଘରଠାରୁ ଦୂରରେ ରହିବା, କଠିନ ସେବା ଏବଂ ପାରିବାରିକ ସମସ୍ୟା ଯୋଗୁଁ କର୍ମଚାରୀମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ଏହି ନୂତନ କମିଟି କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ଆଶା କରାଯାଉଛି।



## ନବଜାତ ଶିଶୁକୁ ଧରି ବିଧାନସଭାରେ ବିଧାୟିକା

ଚେନ୍ନାଇ, ୨୦।୮(ଏଜେନ୍ସି): ତାମିଲନାଡୁ ବିଧାନସଭାର ଚଳିତ ଅଧିବେଶନରେ ଏକ ଭିନ୍ନ ପ୍ରକାରର ଦୃଶ୍ୟ ଦେଖିବାକୁ ମିଳିଛି। ଟିଭିକେ ଦଳର ପ୍ରଥମ ଥର ପାଇଁ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ଆର୍ ପଲ୍ଲବୀ ତାଙ୍କ ନବଜାତ ଶିଶୁକୁ ସାଙ୍ଗରେ ଧରି ବିଧାନସଭାକୁ ଆସିଛନ୍ତି, ଯାହାକୁ ନେଇ ସୋସିଆଲ ମିଡ଼ିଆରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ମଧ୍ୟ ପଲ୍ଲବୀ ତାଙ୍କ ଶିଶୁକୁ ଧରି ମୁଖ୍ୟମନ୍ତ୍ରୀ ସି ବିଜୟ ଜୋସେଫ୍ ବିଜୟଙ୍କୁ ଭେଟିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଶିଶୁଟିକୁ ଆଶୀର୍ବାଦ କରିଥିଲେ। ଶିଶୁକୁ ଧରି ବିଧାନସଭା ଆଣିବାକୁ ନେଇ କିଛି ଲୋକ ସୋସିଆଲ ମିଡ଼ିଆରେ ତାଙ୍କୁ ସମାଲୋଚନା କରିଥିବା ବେଳେ, ସେ ନବଜାତ ଶିଶୁକୁ ଘରେ ଏକାକୀ ଛାଡ଼ିବା ଅସମ୍ଭବ ବୋଲି କହି ସମାଲୋଚକଙ୍କୁ କଡ଼ା ଜବାବ ଦେଇଛନ୍ତି। ଚଳିତ ବର୍ଷ ଏପ୍ରିଲ ମାସରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପଲ୍ଲବୀ ବିଜୟୀ ହୋଇଥିଲେ।

## ନିଟ୍, ସୀମା ନିର୍ଦ୍ଧାରଣକୁ ବିରୋଧ କଲେ ଦକ୍ଷିଣ ଭାରତୀୟ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଦକ୍ଷିଣାଞ୍ଚଳ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇ ନିଟ୍ ପରୀକ୍ଷା ଉଚ୍ଛେଦ, ନ୍ୟାୟସଙ୍ଗତ କେନ୍ଦ୍ରୀୟ ପାଣ୍ଠି ଆବଣ୍ଟନ ଏବଂ ଆସନ ପୁନଃନିର୍ଦ୍ଧାରଣ ସମୟରେ ରାଜ୍ୟଗୁଡ଼ିକର ସ୍ୱାର୍ଥର ସୁରକ୍ଷା ପାଇଁ ଦାବି ଜଣାଇଛନ୍ତି। ଗ୍ରାମାଞ୍ଚଳ ଏବଂ ଅବହେଳିତ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନେ ଯେପରି କ୍ଷତିଗ୍ରସ୍ତ ନ ହୁଅନ୍ତି, ସେଥିପାଇଁ ରାଜ୍ୟଗୁଡ଼ିକୁ ଏହି ଜାତୀୟ ପ୍ରବେଶିକା ପରୀକ୍ଷାରୁ ବାଦ୍ ଦେବାକୁ ଦାବି କରାଯାଇଛି। ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ରାଜ୍ୟଗୁଡ଼ିକୁ ଆସନ ସଂଖ୍ୟା ହ୍ରାସ କିମ୍ବା ଆର୍ଥିକ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ନେତାମାନେ ମତ ରଖିଛନ୍ତି। କେନ୍ଦ୍ର ସରକାରୀ ପାଣ୍ଠିର ସମାନ ଆବଣ୍ଟନ, ମହିଳା ସଂରକ୍ଷଣ ବିଧେୟକର କାର୍ଯ୍ୟକାରିତା ଏବଂ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ପାଇଁ ମଧ୍ୟ ଆଲୋଚନା ହୋଇଛି। ଦ୍ରୁତଗାମୀ ରେଳ କରିଡର ଭଳି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। କେନ୍ଦ୍ର ଏବଂ ଦକ୍ଷିଣ ରାଜ୍ୟଗୁଡ଼ିକ ମଧ୍ୟରେ ସହଯୋଗପୂର୍ଣ୍ଣ ବିକାଶ ଜାରି ରଖିବା ସହିତ ଆଞ୍ଚଳିକ ପ୍ରାଥମିକତାଗୁଡ଼ିକୁ ସମାଧାନ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିଛି ରାଜ୍ୟ କେନ୍ଦ୍ର ସହ ମିଳିମିଶି କାମ କରିବାକୁ ଆଗ୍ରହ ପ୍ରକାଶ କରିଥିବାବେଳେ ଅନ୍ୟମାନେ ନିଜର ସ୍ୱତନ୍ତ୍ର ଦାବିକୁ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି।

## ଯାଦବପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ସଂଘର୍ଷ

କୋଲକାତା, ୨୦।୮(ଏଜେନ୍ସି): କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ବୁଧବାର ବିଳମ୍ବିତ ରାତିରେ ଛାତ୍ରଗୋଷ୍ଠୀ ମଧ୍ୟରେ ସଂଘର୍ଷ ଉଗ୍ର ରୂପ ନେଇଛି। ପଥରମାଡ଼, ଅଗ୍ନିକାଣ୍ଡ, ଭଙ୍ଗାରୁଜା ଓ ଆହତ ଘଟଣା ପରେ ପରିସ୍ଥିତି ଭୟାବହ ହୋଇପଡ଼ିଥିଲା। ଏକ ଛାତ୍ର ବୈଠକକୁ ନେଇ ବିବାଦରୁ ଘଟଣାର ଆରମ୍ଭ ହୋଇଥିବା ଜଣାପଡ଼ିଛି। ବାମପନ୍ଥୀ ଛାତ୍ର ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥକମାନେ ବାଉଁଶ ଠେଙ୍ଗା ଧରି ବୈଠକରେ ପ୍ରବେଶ କରି ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ, ପରିଷଦ ଏହି ଅଭିଯୋଗକୁ ଖଣ୍ଡନ କରି ବାମପନ୍ଥୀ ସଂଗଠନଗୁଡ଼ିକ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ କରିଛି। ପରେ ବିବାଦ କ୍ୟାମ୍ପସର ଅନ୍ୟ ଅଞ୍ଚଳକୁ ବ୍ୟାପିଥିଲା। ବହୁ ସଂଖ୍ୟକ ଲୋକ କ୍ୟାମ୍ପସରେ ପହଞ୍ଚିଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଉତ୍ତେଜନା ବଢ଼ିବାରୁ କିଛି ଛାତ୍ର ଅରବିନ୍ଦ ଭବନ ଭିତରେ ଆଶ୍ରୟ ନେଇଥିଲେ। ବାହାରେ ନିଆଁ ଜଳୁଥିବା, ପଥରମାଡ଼ ହେଉଥିବା ଓ ଫାଟକ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣାରେ ଅନେକ ଛାତ୍ର ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ରାତି ପ୍ରାୟ ୩ଟା ବେଳକୁ ଭିଡ଼ ଛିନ୍ନଭିନ୍ନ ହେବା ପରେ ପରିସ୍ଥିତି ଧୀରେଧୀରେ ଶାନ୍ତ ହୋଇଥିଲା। ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି।

## ପାରସ୍ୟ ଉପସାଗରରେ ସୈନ୍ୟ ସଂଖ୍ୟା ହ୍ରାସ କରିପାରେ ଆମେରିକା

ୱାସିଂଟନ୍, ୨୦।୮(ଏଜେନ୍ସି): ଇରାନ ସହିତ ଚାଲିଥିବା ଯୁଦ୍ଧ ଏବଂ ସାମରିକ ଘାଟିଗୁଡ଼ିକର କ୍ଷତିକୁ ଦୃଷ୍ଟିରେ ରଖି ଆମେରିକା ପାର୍ସୀୟ ଉପସାଗରୀୟ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତି ଏବଂ ସୈନ୍ୟସଂଖ୍ୟା ହ୍ରାସ କରିବା ନେଇ ବିଚାର କରୁଛି। ବର୍ତ୍ତମାନ ଆମେରିକାର ପ୍ରାୟ ୪୦, ୦୦୫ ସୈନିକ ଜୋର୍ଡାନଠାରୁ ଓମାନ ପର୍ଯ୍ୟନ୍ତ ପ୍ରାୟ ୨୦ଟି ସାମରିକ ଘାଟିରେ ମୁତୟନ ଅଛନ୍ତି।



ଯୁଦ୍ଧ ସମୟରେ ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣରେ ଆମେରିକାର ଅନେକ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ସୈନିକ ମୃତ୍ୟୁବରଣ କରିଛନ୍ତି। ଆକ୍ରମଣର ଆଶଙ୍କା କମାଇବା ପାଇଁ ସୈନ୍ୟ ଓ ଯାନ୍ତ୍ରିକ ଉପକରଣଗୁଡ଼ିକୁ ସାଉଦି ଆରବ, ଜୋର୍ଡାନ କିମ୍ବା ଇସ୍ରାଏଲ ଭଳି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ରହିଛି। ସେପ୍ଟେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ଏହି ଯୁଦ୍ଧରେ ଆମେରିକାର ଖର୍ଚ୍ଚ ପ୍ରାୟ ୩୭.୫ ଶହ କୋଟି ଡଲାରରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ଆମେରିକା ଦ୍ୱାରା ଉପସାଗରୀୟ ଅଞ୍ଚଳରେ ସୈନ୍ୟସଂଖ୍ୟା ହ୍ରାସ କରାଗଲେ ଏହା ମଧ୍ୟପ୍ରାଚ୍ୟର ସୁରକ୍ଷା ବ୍ୟବସ୍ଥା ଏବଂ କ୍ଷମତାର ସନ୍ତୁଳନକୁ ବଦଳାଇ ଦେଇପାରେ। ତଥାପି, ଆମେରିକା ଓ ଏହାର ସହଯୋଗୀ ଦେଶମାନଙ୍କ ମଧ୍ୟରେ ସାମରିକ ସହଯୋଗ ଜାରି ରହିବ।

## 'ମୋ ଯୌବନକୁ ନେଇ ସ୍ୱପ୍ନ ଦେଖନ୍ତୁ ନାହିଁ'

ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାନାଓ୍ୱତ ଯୋଗ ଗୁରୁ ବାବା ରାମଦେବଙ୍କୁ ଏକ କଡ଼ା ଜବାବ ଦେଇଛନ୍ତି। ବାବା ରାମଦେବ ତାଙ୍କର



ଏକ ବିବାଦୀୟ ମନ୍ତବ୍ୟକୁ ସମାଲୋଚନା କରିବା ପରେ କଙ୍ଗନା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ତାଙ୍କୁ ଯୌବନ ବା ବେଡରୁମ୍ ନେଇ ଦିବାସ୍ୱପ୍ନ ନ ଦେଖିବାକୁ ପରାମର୍ଶ ଦେଇଛନ୍ତି। ବିଜେପି ସାଂସଦ କଙ୍ଗନା ରାନାଓ୍ୱତ କହିଛନ୍ତି ଯେ ତାଙ୍କର ବ୍ୟକ୍ତିତ୍ୱ ବାବା ରାମଦେବଙ୍କ ଅପେକ୍ଷା ବହୁତ ଭଲ। ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ କେବଳ ଗୁଜବ ଏବଂ ଅନୁମାନ ଆଧାରରେ କାହାରି ଚରିତ୍ର ନେଇ ମତ ଦିଆଯାଇପାରିବ ନାହିଁ। କଙ୍ଗନା ଆହୁରି ମଧ୍ୟ କହିଛନ୍ତି ଯେ ଅତିକମରେ ସୁପ୍ରିମକୋର୍ଟଙ୍କଠାରୁ ମିଥ୍ୟା ଦାବି ଏବଂ ଠକେଇ ଅଭିଯୋଗରେ ତାଙ୍କୁ କେବେ ମଧ୍ୟ ଭର୍ତ୍ସନା କରାଯାଇ ନାହିଁ। ତେଣୁ ତାଙ୍କୁ ଚରିତ୍ରର ପାଠ ପଢ଼ାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ବାବା ରାମଦେବ କଙ୍ଗନାଙ୍କ ଏକ ମନ୍ତବ୍ୟକୁ କଟାକ୍ଷ କରି ତାଙ୍କର ଅତୀତ ଏବଂ ଯୌବନକୁ ନେଇ ପ୍ରଶ୍ନ ଉଠାଇଥିଲେ। କଙ୍ଗନାଙ୍କର ଏହି କଡ଼ା ପ୍ରତିକ୍ରିୟା ସେହି ପ୍ରଶ୍ନର ଜବାବରେ ଆସିଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ରାଜନୈତିକ ଏବଂ ସାମାଜିକ ସ୍ତରରେ ବେଶ୍ ଚର୍ଚ୍ଚା ଜାରି ରହିଛି। ଉଭୟଙ୍କ ମଧ୍ୟରେ ଏହି ବୟାନବାଜି ସୋସିଆଲ ମିଡିଆରେ ଏକ ବଡ଼ ବିବାଦର ରୂପ ନେଇଛି।

**ଗାଁରେ ମିଳିବ ସହରୀ ସୁବିଧା**

# ପଞ୍ଚାୟତ ପାଇଁ ପାଣ୍ଠି ବର୍ଷା କରିବେ ସରକାର

ଭୁବନେଶ୍ୱର,୨୦।୮ (ସମିସ): ଗାଁରେ ମିଳିବ ସହରୀ ସୁବିଧା। ପଞ୍ଚାୟତବାସୀଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। "ଗ୍ରାମ ସମ୍ପଦ କାର୍ଯ୍ୟକ୍ରମ' ଜରିଆରେ ପଞ୍ଚାୟତସ୍ତରରେ ଆଦର୍ଶ ଖେଳ ପଡ଼ିଆ, କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ, ପୋଖରୀ, ପାର୍କ, ପାଠାଗାର ଓ ଶ୍ମଶାନ ଭଳି ବିଭିନ୍ନ ଭିତ୍ତିଭୂମି ବିକଶିତ କରାଯିବ। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ପଞ୍ଚାୟତରେ କେଉଁ ପ୍ରକଳ୍ପର ଆବଶ୍ୟକତା ରହିଛି, ତାହା ଗ୍ରାମସଭା ମାଧ୍ୟମରେ ନିର୍ଦ୍ଧାରଣ କରାଯିବ। ଲୋକଙ୍କ ଆବଶ୍ୟକତା ଓ ପ୍ରସ୍ତାବ ଆଧାରରେ ବିଭିନ୍ନ ବିକାଶମୂଳକ କାମ କରିବାକୁ ନିଷ୍ପତ୍ତି ହେବ। ଏହା ମାଧ୍ୟମରେ ଗାଁରେ ମନୋରଞ୍ଜନ, କ୍ରୀଡ଼ା, ସାମାଜିକ କାର୍ଯ୍ୟ ଓ ସାର୍ବଜନୀନ ସୁବିଧାକୁ ଆହୁରି ସୁଦୃଢ଼ କରାଯିବ ବୋଲି ବିଭାଗ କହିଛି।

ଏହି କ୍ରମରେ ଗୁରୁବାର ବିଭାଗ ପକ୍ଷରୁ କୁହାଯାଇଛି। 'ଗ୍ରାମ ସମ୍ପଦ' ମାଧ୍ୟମରେ ମନୋରଞ୍ଜନ, ଶିକ୍ଷା, କ୍ରୀଡ଼ା, ଜଳ ସୁରକ୍ଷା, ଜୀବିକା, ସାମାଜିକ କାର୍ଯ୍ୟକ୍ରମ, ପରିବେଶ ସୁରକ୍ଷା ଭଳି ମୁଖ୍ୟ ଗ୍ରାମୀଣ ଆବଶ୍ୟକତାକୁ ପୂରଣ କରିବ। ଏହି ଆଦର୍ଶ ଗୋଷ୍ଠୀ ସମ୍ପଦର ଯୋଜନା ପାଇଁ ଡିଜାଇନ୍, ମୂଲ୍ୟ

■ କଲ୍ୟାଣ ମଣ୍ଡପଠାରୁ ନିର୍ମାଣ ହେବ ଆଦର୍ଶ ଶ୍ମଶାନ
■ ଆଦର୍ଶ ହାଟ ପାଇଁ ସରକାର ଦେବେ ୧୬.୫୦ ଲକ୍ଷ

ଆକଳନ, କାର୍ଯ୍ୟନ୍ୱୟନ, ଗୁଣବତ୍ତା ନିୟନ୍ତ୍ରଣ ଏବଂ ରକ୍ଷଣାବେକ୍ଷଣ ପାଇଁ ଏକ ଏସ୍ଓପି ଗ୍ରହଣ କରାଯାଇଛି। ଏଥିରେ ୭ଟି ଆଦଶ ସମ୍ପତ୍ତିର ଆନୁମାନିକ ନିର୍ମାଣ ଖର୍ଚ୍ଚ ବର୍ଣ୍ଣନା କରାଯାଇଛି। ଆଦର୍ଶ ଖେଳ ପଡ଼ିଆ ପାଇଁ ୬୫.୭୫ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ ଲକ୍ଷ, ଆଦର୍ଶ ପୋଖରୀ/ଜଳାଶୟ ପାଇଁ ୩୪ ଲକ୍ଷ, ଆଦର୍ଶ ଶ୍ମଶାନ ୨୨ ଲକ୍ଷ, ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ୨୦ ଲକ୍ଷ, ଆଦର୍ଶ ଗ୍ରାମୀଣ ହାଟ ପାଇଁ ୧୬.୫୦ଲକ୍ଷ, ଆଦର୍ଶ ପଞ୍ଚାୟତ ପାଠାଗାର ପାଇଁ, ୧୦ ଲକ୍ଷ ଟଙ୍କାକ୍ରଚ କରାଯିବ।

ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୭୦.୩୨ ଫୁଟ୍ ଅଞ୍ଚଳରେ ଆଦର୍ଶ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ଏଥିରେ ଦୁଇଟି ଗ୍ରୀନ୍ ରୁମ୍ ସହ ପେଣ୍ଡାଲର ବ୍ୟବସ୍ଥା ରହିବ। ନାଚ, ଗୀତ, ଡ୍ରାମା ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯାଇପାରିବ। ଭୋଜିଭାତ ପାଇଁ ମଧ୍ୟ ସୁବିଧା ରହିବ ଏବଂ ପଞ୍ଚାୟତ ପକ୍ଷରୁ ପାଣି ଯୋଗାଣ କରାଯିବ। ଆଦର୍ଶ ପୋଖରୀ ନିର୍ମାଣ ଓ ବିକାଶ ପାଇଁ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପୋଖରୀ ଚାରିପଟେ ପଥର ବନ୍ଧେଇ ସହ ପେଭର ବ୍ଲକ୍ ଲଗାଯିବ। ଏହା ସହ ଜିମ୍ ସାମଗ୍ରୀର ବ୍ୟବସ୍ଥା ମଧ୍ୟ ରହିବ। ଗାଁର ଶ୍ମଶାନର ଉନ୍ନତିକରଣ ପାଇଁ ସରକାର ୨୨ ଲକ୍ଷ ଟଙ୍କା ଦେବେ। ଶ୍ମଶାନର ଚାରିପଟେ ପାଚେରୀ ନିର୍ମାଣ କରାଯିବ। ଆଦର୍ଶ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପାର୍କରେ ଜିମ୍ ସହ ଲୋକଙ୍କ ବସିବା ପାଇଁ ସ୍ଥାନ ରହିବ। ଗ୍ରାମୀଣ ହାଟକୁ ମଧ୍ୟ ଆଦର୍ଶ ରୂପ ଦିଆଯିବ। ହାଟରେ ପାନୀୟ ଜଳର ବ୍ୟବସ୍ଥା ସହ ପ୍ରବେଶ ପାଇଁ ସୁନ୍ଦର ଗେଟ୍ ଓ ଆବଶ୍ୟକ ଭିତ୍ତିଭୂମି ବିକଶିତ କରାଯିବ। ପରିବେଶ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।

ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗ୍ରାମ ପଞ୍ଚାୟତରେ ୭୦୦ଟି ଗଛ ଲଗାଯିବ ବୋଲି ଯୋଜନା ରହିଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ପାଠକଙ୍କ ପାଇଁ ଆଦର୍ଶ ପାଠାଗାର ନିର୍ମାଣ କରାଯିବ। ଏଥିପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଗ୍ରାମସଭାର ପ୍ରସ୍ତାବ ଆଧାରରେ ଏହି ସବୁ ପ୍ରକଳ୍ପକୁ ଆଗକୁ ନିଆଯିବ। ମୋଟାମୋଟି ଭାବେ, ଗାଁରେ ସହରୀ ସୁବିଧା ଯୋଗାଇ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ନୂଆ ରୂପ ଦେବା ଉପରେ ଫୋକସ୍ କରିଛି ପଞ୍ଚାୟତିରାଜ ବିଭାଗ।

**ବିଜେଡିର ସମାଲୋଚନା**

# ପ୍ରତି ପଞ୍ଚାୟତକୁ ୩ କୋଟି ଘୋଷଣା କେବଳ ଏକ ଭେଳିକି



● ବନ୍ୟା ପ୍ରଭାବିତଙ୍କୁ ସହାୟତା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ
● ୨ ବର୍ଷରେ ରାଜ୍ୟ ସରକାର ୧,୩୮,୦୦୦ କୋଟି ଟଙ୍କା ଋଣ କରିଛନ୍ତି
● ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ଏହି ଘୋଷଣା

ଭୁବନେଶ୍ୱର, ୨୦।୮ (ସମିସ): ପ୍ରତି ପଞ୍ଚାୟତକୁ ୩ କୋଟି ଟଙ୍କା ଅନୁଦାନ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ସୂଚନା ଦେଇଥିବା ବେଳେ ଏହା ରାଜ୍ୟ ସରକାରଙ୍କର ଆଉ ଏକ ଭେଳିକି ବୋଲି କହିଛି ବିଜେଡି। ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଦେବାରେ ସରକାର ବିଫଳ ହୋଇଛନ୍ତି। ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ସରକାର ଏହି ଭେଳିକି କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ବଜେଟରେ କୌଣସି ବ୍ୟବସ୍ଥା ନଥିବା ବେଳେ ଏହି ଘୋଷଣା କେବଳ ଏକ ଭେଳିକି ଛଡ଼ା କିଛି ନୁହେଁ। ରାଜ୍ୟର ବଜେଟରେ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ଟଙ୍କା ଖର୍ଚ୍ଚ ହୋଇନପାରି ପଡ଼ି ରହୁଥିବା ବେଳେ, ଆଜିର ଏହି ଘୋଷଣା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨ ବର୍ଷରେ ବିଜେପିର ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ହୋଇଛି । ବିଜେପି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ଋଣର ସିଂହଭାଗ ଖୋଲା ବଜାରରୁ ଅଧିକ ସୁଧରେ ନିଆଯାଇଛି, ଯାହା ରାଜ୍ୟର ଆର୍ଥିକ ବୋଝ ବୃଦ୍ଧି କରିଛି । ପ୍ରତି ପଞ୍ଚାୟତକୁ ୩ କୋଟି ପ୍ରଦାନ କଲେ ରାଜ୍ୟକୁ ସମୁଦାୟ ପ୍ରାୟ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ରାଜ୍ୟ ବଜେଟରେ ବ୍ୟବସ୍ଥା ନଥିବା ବେଳେ, ଏହି ୨୧ ହଜାର କୋଟି ଟଙ୍କା କେଉଁଠାରୁ ଆସିବ ତାର କୌଣସି ସ୍ପଷ୍ଟତା ନାହିଁ । ବିଜେପି ସରକାରଙ୍କ ସମୟରେ ହୋଇଥିବା ଅଧିକାଂଶ ଘୋଷଣା କାର୍ଯ୍ୟକାରୀ ହୋଇପାରୁ ନାହିଁ। ରାଜ୍ୟରେ ବିକାଶ କାର୍ଯ୍ୟ ଠପ୍ ହୋଇଛି। ବନ୍ୟାରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ସରକାର ବିଫଳ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜିର ୩ କୋଟି ଘୋଷଣା କେବଳ ଭେଳିକି ଛଡ଼ା ଆଉ କିଛି ନୁହେଁ ବୋଲି ଡ.ମହାନ୍ତି କହିଛନ୍ତି।

# ବନ୍ୟା ପ୍ରଭାବିତ ୪ ଜିଲ୍ଲାକୁ ମିଳିବ ଅତିରିକ୍ତ ରିଲିଫ୍ ଚାଉଳ

ଭୁବନେଶ୍ୱର,୨୦।୮ (ସମିସ): ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ରାଜ୍ୟର ଏକାଧିକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଲକ୍ଷାଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ତେବେ ବନ୍ୟାରେ ସର୍ବାଧିକ ପ୍ରଭାବିତ ୪ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ଅଧିକ ଚାଉଳ ଆବଶ୍ୟକ ଥିବା ଜଣାପଡ଼ିଛି। ତେଣୁ ଏହି ଜିଲ୍ଲାକୁ ତୁରନ୍ତ ଅତିରିକ୍ତ ରିଲିଫ୍ ଚାଉଳ ଯୋଗାଇବାକୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ରାଜେଶ ପ୍ରଭାକର ପାଟିଲ୍ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍ଆରସିଙ୍କ ପକ୍ଷରୁ ଏହି ୪ ଜିଲ୍ଲାର ଜିଲ୍ଲାପାଳଙ୍କୁ ଲିଖିତ ଚିଠିରେ ଦର୍ଶାଯାଇଛି, "ଲଗାଣ ବର୍ଷା ଯୋଗୁଁ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବଢ଼ିବାରୁ ଏକାଧିକ ତଳିଆ ଗ୍ରାମ ପଞ୍ଚାୟତ ଓ ଗାଁ ଜଳମଗ୍ନ ହୋଇଛି। ଅନେକ ଅଞ୍ଚଳର ଲୋକେ ଜଳବନ୍ଦୀ ହୋଇଥିବାବେଳେ ଜନଜୀବନ ପ୍ରଭାବିତ ହୋଇଛି। ଏହା ସହିତ ସ୍ଥାନୀୟ ଅଞ୍ଚଳରେ ଖାଦ୍ୟ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଏବେ ସାମୂହିକ ରୋଷେଇ କେନ୍ଦ୍ର ଓ ଜରୁରୀକାଳୀନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଜାରି ରହିଛି। ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଯୋଗାଣ ଏବଂ ଜଳବନ୍ଦୀ ଅଞ୍ଚଳରେ ଚାଉଳ ବଣ୍ଟନ ବନ୍ୟା ପରିସ୍ଥିତି ସୁଧୁରିବା ଓ ବିସ୍ଥାପିତ ପରିବାର ଗୁଡ଼ିକ ନିରାପଦରେ ଘରକୁ ଫେରିବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଜାରି ରଖିବାକୁ କୁହାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ନେଇଛନ୍ତି। ତେଣୁ ଅତିରିକ୍ତ ରିଲିଫ୍ ଚାଉଳର ତୁରନ୍ତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

ପ୍ରତ୍ୟେକ ପ୍ରାପ୍ତବୟସ୍କଙ୍କ ପାଇଁ ଦୈନିକ ୧ କିଲୋଗ୍ରାମ ଏବଂ ୧୨ ବର୍ଷରୁ କମ୍ ଶିଶୁଙ୍କ ପାଇଁ ଦୈନିକ ୫୦୦ ଗ୍ରାମ ହିସାବରେ ଚାଉଳ ବଣ୍ଟନ କରାଯିବ। ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାରେ ପ୍ରଭାବିତ ଲୋକଙ୍କ ଆନୁମାନିକ ସଂଖ୍ୟା, ସ୍ୱତନ୍ତ୍ର ରିଲିଫ୍ କେତେଦିନ ଆବଶ୍ୟକ ହେବ ଏବଂ ମୋଟ କେତେ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ, ତାହାର ଆକଳନ କରି ଶୀଘ୍ର ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ, ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଚାଉଳ ପଠାଇବାରେ ଯେପରି କୌଣସି ବିଳମ୍ବ ନ ହୁଏ, ସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ପ୍ରାଥମିକତା ଭିତ୍ତିରେ ଚାଉଳ ଯୋଗାଇବାକୁ କୁହାଯାଇଛି।

# ୨୦ ହଜାର ଲାଞ୍ଚ ନେବାବେଳେ କାବୁ ହେଲେ ବିପିଏମ୍

କୁଜଙ୍ଗ,୨୦।୮ (ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ଲକ୍ ପ୍ରୋଗ୍ରାମିଂ ଅଫିସର (ବିପିଏମ୍) ମନୋରଞ୍ଜନ ନାୟକ ଆଜି ଜନୈକା ଆଶା କର୍ମୀଙ୍କ ଠାରୁ ମେଡିକାଲ ପରିସର ମଧ୍ୟରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରି ନେଇଯାଇଛନ୍ତି। ପୂର୍ବରୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ପ୍ରମାଣ ପତ୍ର ପ୍ରଦାନରେ ବହୁ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ନେଇ ତଦନ୍ତ ଚାଲିଥିବା ବେଳେ ଆଜି ଗୁରୁବାର ପୁଣି ଲାଞ୍ଚ କାରବାର ବେଳେ ଭିଜିଲାନ୍ସ ପଶି ଘଟଣା ସ୍ଥଳରୁ ଅଭିଯୁକ୍ତଙ୍କୁ ଟଙ୍କା ସହ କାବୁ କରିବା କୁଜଙ୍ଗରେ ଜୋର ଚର୍ଚ୍ଚା ଚାଲିଛି। କୁଜଙ୍ଗ ବ୍ଲକ ଫତେପୁର ଗ୍ରାମର ରୀନା ଲେଙ୍କା ଆଶା କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ୨୦୦୫ ମସିହାରେ ସେ ନିଯୁକ୍ତ ହୋଇଥିବାରୁ ତାଙ୍କର ଆଧାର କାର୍ଡ ନଥିଲା। ଫଳରେ ସେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ଚାକିରି କରିଥିଲେ। ପରେ ଆଧାର ବାହାରିବା ପରେ ସ୍କୁଲ ସାର୍ଟିଫିକେଟ ଓ ଆଧାର ବୟସ ମଧ୍ୟରେ ଦୁଇ ବର୍ଷର ଫରକ ରହିଥିଲା। ଆଧାର ଅନୁଯାୟୀ ତାଙ୍କର ଅବସର ସମୟ ହୋଇଯାଇଥିବା ବେଳେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ତାଙ୍କର ଆଉ ଦୁଇବର୍ଷ ଚାକିରି କାର୍ଯ୍ୟକାଳ ରହିଥିଲା। ତେବେ ଅଭିଯୁକ୍ତ ବିପିଏମ୍ ମନୋରଞ୍ଜନ ରୀନାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ଆଧାର ଅନୁଯାୟୀ ତାଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର କରିଦେବେ ବୋଲି ଧମକ ଦେଇଥିଲେ। ୨୦ ହଜାର ହାତ ଗୁଞ୍ଜା ଦେଲେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ଆଉ ଦୁଇବର୍ଷ ଚାକିରି କରାଇଦେବେ ବୋଲି କହିଥିଲେ। କେବଳ ରୀନା ଏକା ନୁହେଁ; ଏହିପରି ୨୦ ଜଣ ଆଶା କର୍ମୀ ରହିଥିଲେ। ମନୋରଞ୍ଜନ ବାରମ୍ବାର ଟଙ୍କା ମାଗିବାରୁ ରୀନା ଭିଜିଲାନ୍ସ ସହିତ ଯୋଗାଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ରୀନା ମନୋରଞ୍ଜନଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ଖାମ୍‌ରେ ୨୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ତାଙ୍କୁ କାବୁ କରି ନେଇଥିଲେ।

# ଭିଜିଲାନ୍ସ ଜାଲରେ ଲାଠିକଟା ତହସିଲଦାର

● ସ୍କର୍ପିଓରୁ ୫ ଲକ୍ଷ ଟଙ୍କା ଜବତ
● ୩ ସ୍ଥାନରେ ଏକକାଳୀନ ଚଢ଼ଉ

ରାଉରକେଲା,୨୦।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ଲାଠିକଟାର ତହସିଲଦାର କମ୍ ସବ୍‌ରେଜିଷ୍ଟ୍ରାର ମୁରଲୀଧର ଉର୍ମାଲଙ୍କୁ ପିଛା କରି ଭିଜିଲାନ୍ସ ତାଙ୍କ ସ୍କର୍ପିଓରୁ ୫ ଲକ୍ଷ ଟଙ୍କା ଜବତ କରିଛି। ଏହି ଅର୍ଥ ସେ ଅସାଧୁ ଉପାୟରେ ଅର୍ଜିତ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଉର୍ମାଲଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏନେଇ ୩ଟି ସ୍ଥାନରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଚଢ଼ଉ ଜାରି ରଖିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଗୁରୁବାର ଭିଜିଲାନ୍ସର ଏକ ଟିମ୍ ତହସିଲଦାର ଉର୍ମାଲ ଲାଠିକଟା ସ୍ଥିତ କାର୍ଯ୍ୟାଳୟରୁ ବାସଭବନକୁ ଯାଉଥିବାବେଳେ ପିଛା କରିଥିଲା। ଲାଠିକଟା ବ୍ଲକ ଅନ୍ତର୍ଗତ ରାମଜୋଡ଼ି ମୁଣ୍ଡାଜୋର ନିକଟ ରାଜାବସା ଛକ ନିକଟରେ ଉର୍ମାଲ ଯାଉଥିବା ଅଫିସ ସ୍କର୍ପିଓକୁ ଅଟକାଇଥିଲା। ତଲାସିବେଳେ ସେଥିରୁ ୫ ଲକ୍ଷ ଟଙ୍କା ନଗଦ ମିଳିଥିଲା। ଜବତ ହୋଇଥିବା ଉକ୍ତ ୫ ଲକ୍ଷ ଟଙ୍କା ସେ କେଉଁଠାରୁ ଆଣିଲେ ସେ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଫଳରେ ଭିଜିଲାନ୍ସ ପକ୍ଷରୁ ସମ୍ପୂର୍ଣ୍ଣ ୫ ଲକ୍ଷ ଟଙ୍କା ସହ ସ୍କର୍ପିଓ ଗାଡ଼ିଟିକୁ ଜବତ କରାଯାଇଥିଲା। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଉର୍ମାଲଙ୍କ ସହ ସମ୍ପୃକ୍ତ ୩ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇ ନଥିବାବେଳେ ଚଢ଼ଉ ପରେ ସ୍ପଷ୍ଟ କରାଯିବ ବୋଲି କୁହାଯାଇଛି।

● ରାଜ୍ୟ ସରକାରଙ୍କ ନିଷ୍ପତ୍ତି

# ଏଣିକି ପ୍ରତି ମାସରେ ୨ଥର କ୍ୟାବିନେଟ

ଭୁବନେଶ୍ୱର,୨୦।୮ (ସମିସ): ଏଣିକି ପ୍ରତି ମାସରେ ୨ଥର ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଯାହାଫଳରେ ରାଜ୍ୟରେ ବିକାଶ ପ୍ରକ୍ରିୟାକୁ ବଳ ମିଳିବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ନିଷ୍ପତ୍ତି ଅଧିକ ସଂଖ୍ୟାରେ ନିଆଯାଇପାରିବା ସହଜ ହୋଇପାରିବ ବୋଲି ସରକାର ଚିନ୍ତା କରିଛନ୍ତି। ନିକଟରେ ମୁଖ୍ୟ ଶାସନ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ନିଷ୍ପତ୍ତି ଅନୁଯାୟୀ କ୍ୟାବିନେଟ ବୈଠକ ପୂର୍ବରୁ ସମସ୍ତ ପ୍ରଶାସନିକ ବିଭାଗ ଆଗୁଆ ଭାବେ ନିଜ ନିଜ ପ୍ରସ୍ତାବ ପ୍ରସ୍ତୁତ କରିବେ। ଏହା ସହ ନିର୍ଦ୍ଧାରିତ ବୈଠକର ଯଥେଷ୍ଟ ପୂର୍ବରୁ କ୍ୟାବିନେଟ ନୋଟ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦାଖଲ କରାଯିବ। ଏହା ଦ୍ୱାରା କ୍ୟାବିନେଟରେ ପ୍ରସ୍ତାବ ଉପରେ ସମୟୋଚିତ ନିଷ୍ପତ୍ତି ନେବାର ପ୍ରକ୍ରିୟା ଅଧିକ ସୁସଂଗଠିତ ହେବ ବୋଲି ଆଶା କରାଯାଉଛି। ତେବେ କେବଳ ନିଷ୍ପତ୍ତି ନେବାରେ ସରକାରଙ୍କ ଫୋକସ୍ ସୀମିତ ରହିବ ନାହିଁ। କ୍ୟାବିନେଟରେ ଅନୁମୋଦିତ ନିଷ୍ପତ୍ତିଗୁଡ଼ିକର ନିୟମିତ ଅନୁଧ୍ୟାନ କରି ସେଗୁଡ଼ିକୁ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ରହିଛି। ଏଥିପାଇଁ ନିଷ୍ପତ୍ତିର ଅଗ୍ରଗତି ଉପରେ ନିୟମିତ ନଜର ରଖିବା ଏବଂ ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଅନେକ ସମୟରେ କ୍ୟାବିନେଟ ବୈଠକରେ ନିଆଯାଉଥିବା ନିଷ୍ପତ୍ତିର ସଠିକ୍ ତଥା ସମୟୋଚିତ ଅନୁପାଳନ ହେଉନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ବେଳେ ଏହାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି ସରକାର। ଅପରପକ୍ଷେ ସଚିବମାନଙ୍କୁ ଜିଲ୍ଲା ଗସ୍ତ ପାଇଁ ବାରମ୍ବାର କୁହାଯାଉଥିଲେ ମଧ୍ୟ କେତେକ ସଚିବ ଏହାକୁ ଗୁରୁତର ସହ ଗ୍ରହଣ କରୁନାହାନ୍ତି। ଏନେଇ ମଧ୍ୟ ମୁଖ୍ୟ ସଚିବ ଉକ୍ତ ବୈଠକରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଯେଉଁ ସଚିବ ମେ-ଜୁଲାଇ ମାସରେ ଜିଲ୍ଲାଗସ୍ତ କରିନାହାନ୍ତି, ସେମାନେ ତୁରନ୍ତ ନିଜ ଗସ୍ତ ସମାପ୍ତ କରିବାକୁ କୁହାଯାଇଛି। ଏହାସହ ନିଜ ଗସ୍ତ ସମ୍ପର୍କିତ ବିସ୍ତୃତ ବିବରଣୀ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ ସଚିବଙ୍କ ନିକଟରେ ଦାଖଲ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

● ବୈଠକ ପୂର୍ବରୁ ମୁଖ୍ୟ ସଚିବଙ୍କ ନିକଟରେ ଦାଖଲ ହେବ କ୍ୟାବିନେଟ ନୋଟ୍
● ତାଗିଦ ସତ୍ତ୍ୱେ ଜିଲ୍ଲାଗସ୍ତ କରୁନାହାନ୍ତି ବାବୁ
● ତୁରନ୍ତ ଜିଲ୍ଲା ଗସ୍ତ ସମାପ୍ତ କରି ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

# ଇଭି, ମେଥାନଲ୍ ଓ ଇଥାନଲ୍ ଚାଳିତ ବଡ଼ ଗାଡ଼ିକୁ ପରମିଟ୍ ଫି' ଛାଡ଼

ଭୁବନେଶ୍ୱର,୨୦।୮ (ସମିସ): ରାଜ୍ୟରେ ଚାଲୁଥିବା ସମସ୍ତ ବ୍ୟାଟେରୀ ଚାଳିତ (ଇଲେକ୍ଟ୍ରିକ୍), ମେଥାନଲ୍ ଏବଂ ଇଥାନଲ୍ ଇନ୍ଧନ ଚାଳିତ ପରିବହନ ଯାନ ଗୁଡ଼ିକୁ ପରମିଟ୍ ଫି' ଛାଡ କରାଯିବ। ଏହି ନିୟମ ଅଧୀନରେ ଯୋଗ୍ୟ ଗାଡ଼ିଗୁଡ଼ିକୁ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିନା କୌଣସି ପରମିଟ୍ ଦେୟରେ ଉପଯୁକ୍ତ ପରମିଟ୍ ପ୍ରଦାନ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ୩୦୦୦ କିଲୋଗ୍ରାମରୁ କମ୍ 'ଜିଭିଡବ୍ଲ୍ୟୁ' ଥିବା ମାଲ୍ ପରିବହନ ଗାଡ଼ି ଗୁଡ଼ିକ ଏହି ଫି' ଛାଡ଼ ବ୍ୟବସ୍ଥାରୁ ବାଦ୍ ପଡ଼ିବେ। ମୋଟର ଯାନ ଅଧିନିୟମ, ୧୯୮୮ର ନିୟମାବଳୀ ଅନୁଯାୟୀ ଏହି ସମସ୍ତ ଯାନ ପାଇଁ ପରମିଟ୍ ନେବା ବାଧ୍ୟତାମୂଳକ ରହିବ, କିନ୍ତୁ ଏଥିପାଇଁ କୌଣସି ପରମିଟ୍ ଫି' ଦେବାକୁ ପଡ଼ିବ ନାହିଁ। ଏହା ସହିତ ଗାଡ଼ିଗୁଡ଼ିକର ବୈଧ ପଞ୍ଜୀକରଣ, ବୀମା, ଫିଟନେସ୍ ପ୍ରମାଣପତ୍ର, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ସରକାରୀ ଟିକସ ପୈଠ ଭଳି ସମସ୍ତ ପ୍ରଚଳିତ ନିୟମ ପାଳନ କରିବା ସମାନ ଭାବେ ଆବଶ୍ୟକ ରହିବ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ବୈଦ୍ୟୁତିକ ଗାଡ଼ିର ବ୍ୟବହାର ବୃଦ୍ଧି ପାଇବ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏହା ବେଶ୍ ସହାୟକ ହେବା ନେଇ ବିଭାଗ ଆଶା ରଖିଛି।

**କ୍ରିପ୍ଟୋ-ପୁଞ୍ଜି ଠକେଇ**

# 'ୟେସ୍ ୱାର୍ଲ୍ଡ'ର ଆଉ ଜଣେ ଗିରଫ

ଭୁବନେଶ୍ୱର ୨୦।୮ (ସମିସ): କ୍ରିପ୍ଟୋ-ପଞ୍ଜି ଠକେଇ ମାମଲାରେ ଆଉ ଜଣଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ଜିଲ୍ଲାର ଚିତ୍ତରଞ୍ଜନ ମହାନ୍ତି। ତାଙ୍କ ବିରୋଧରେ ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଇଓଡବ୍ଲ୍ୟୁ ସୂଚନାନୁସାରେ, ଚିତ୍ତରଞ୍ଜନ ମହାନ୍ତି, ଶଙ୍କର ସରକାର ଓ ଅନ୍ୟ ସହଯୋଗୀମାନେ "ୟେସ୍ ୱାର୍ଲ୍ଡ' ନାମରେ ଏକ ୱେବ୍ ପ୍ଲାଟଫର୍ମ



ଚଳାଉଥିଲେ। କ୍ରିପ୍ଟୋ ଆକାଉଣ୍ଟରେ ନିବେଶ କଲେ ଅଳ୍ପ ସମୟରେ ଅତ୍ୟଧିକ ଲାଭ ମିଳିବ ବୋଲି ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରୁଥିଲେ। ପିରାମିଡ୍ ପଞ୍ଜି ଯୋଜନା ଯୋଜନା ଆଳରେ ଅଧିକ ସଦସ୍ୟ ଯୋଡ଼ିବା ପାଇଁ "ଡାଉନ୍‌ଲାଇନ୍' ସଦସ୍ୟ ଯୋଡ଼ି ସେମାନଙ୍କୁ ପ୍ରଲୋଭିତ କରୁଥିଲେ। କେବଳ ରାଜ୍ୟର ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କେନ୍ଦୁଝର ଓ ନୟାଗଡ଼ ଆଦି ଅଞ୍ଚଳର ୮ ହଜାରରୁ ଅଧିକ ନିବେଶକ ଏହି ଯୋଜନାରେ ଟଙ୍କା ଲଗାଇଛନ୍ତି। ସେହିପରି ଦେଶବ୍ୟାପୀ ଏହି ଯୋଜନାରେ ପ୍ରାୟ ୨.୫ ଲକ୍ଷ ସଦସ୍ୟ ଥିବାବେଳେ ମୋଟ ଅର୍ଥ କାରବାର ୨୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ତଦନ୍ତକାରୀ ସଂସ୍ଥା ଆକଳନ କରିଛି।

ନୂଆ ସଦସ୍ୟ ଯୋଡ଼ିବା ପାଇଁ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରେ ସଭା, ସେମିନାର ଏବଂ ଭର୍ଚୁଆଲ୍ ବୈଠକ କରୁଥିଲେ। ୱେବସାଇଟ୍, ମୋବାଇଲ୍ ଆପ୍ ଓ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମିଥ୍ୟା ରିଟର୍ଣ୍ଣ ଓ ନେଟୱର୍କ ବୃଦ୍ଧିର ତଥ୍ୟ ପ୍ରଦର୍ଶନ କରୁଥିଲେ। ଗିରଫ ଚିତ୍ତରଞ୍ଜନ "ୟେସ୍ ୱାର୍ଲ୍ଡ'ର ଜଣେ ପ୍ରମୁଖ ସଦସ୍ୟ ଥିଲା। ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ସଭା କରି ସେ ନିବେଶକମାନଙ୍କୁ ଏହି ଯୋଜନାରେ ସାମିଲ କରୁଥିଲା। ବ୍ୟାଙ୍କ ଆକାଉଣ୍ଟ ଓ ନଗଦ ମାଧ୍ୟମରେ ନିବେଶକ ମାନଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରୁଥିଲା। ଚିତ୍ତରଞ୍ଜନର ଦୁଇଟି ବ୍ୟକ୍ତିଗତ ଆକାଉଣ୍ଟକୁ ନିବେଶକମାନଙ୍କ ଆକାଉଣ୍ଟରୁ ସିଧାସଳଖ ୧୯.୩୨ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ସଂପୃକ୍ତି ସ୍ପଷ୍ଟ ହେବାପରେ ଆଜି ଚିତ୍ତରଞ୍ଜନକୁ ଗିରଫ କରି କଟକ ସ୍ଥିତ ଓପିଆଇଡି କୋର୍ଟକୁ ଚାଲାଣ କରିଛି ଇଓଡବ୍ଲ୍ୟୁ। ତା' ଠାରୁ ଦୁଇଟି ମୋବାଇଲ୍ ହ୍ୟାଣ୍ଡସେଟ୍ ଜବତ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି। ଏହି ମାମଲାରେ ଅନ୍ୟ ଦୁଇ ଅଭିଯୁକ୍ତ ସନ୍ଦୀପ ଚୌଧୁରୀ ଓ ଶଙ୍କର ସରକାର ପୂର୍ବରୁ ଗିରଫ ହୋଇଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ପୁଅ ମୃତ

ବାରିପଦା, ୨୦।୮ (ସମିସ): ଏକ ଅଜଣା ଗାଡ଼ି ଧକ୍କାରେ ବାରିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ବିଜେଡି ନେତ୍ରୀ ପାର୍ବତୀ ହେମ୍ବ୍ରମଙ୍କ ପୁଅ ହରିଶଙ୍କ ମୃତ୍ୟୁ ଘଟଣା ବାରିପଦାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବୁଧବାର ରାତିରେ ସେ ସାଙ୍ଗଙ୍କ ସହିତ ନିଜ କାର୍‌ରେ ଭୁବନେଶ୍ୱର ଯାଉଥିବାବେଳେ ପ୍ରାୟ ରାତି ୧ଟା ବେଳେ ସୋର-ସିମୁଳିଆ ଜାତୀୟ ରାଜପଥ ପାଶ୍ୱର୍ ଷ୍ଟାର ହୋଟେଲ ନିକଟରେ କାର୍ ପାର୍କ କରି ପରିଶ୍ରା କରିବା ସମୟରେ ଏକ ଅଜଣା ଗାଡ଼ି କାର୍‌କୁ ଧକ୍କା ଦେବା ସହ ହରିଶ ଓ ଅନ୍ୟଜଣଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ହରିଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହରିଶ ମୟୂରଭଞ୍ଜ ଡାକ ମଣ୍ଡଳର ଜଣେ ଡାକ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ଘଟଣାସ୍ଥଳରେ ସୋର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଥିବାବେଳେ ଦୁର୍ଘଟଣା ଘଟାଇଥିବା ଫେରାର ଗାଡ଼ିର ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ପାଇପାରିନାହିଁ। ଗୁରୁତର ଆହତ ଯୁବକ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ହରିଶଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି। ବ୍ୟବଚ୍ଛେଦ ଶରୀର ବାରିପଦାରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



# ଥାର ସହିତ ୨ ଅଟୋ ମୁହାଁମୁହିଁ; ୧ ମୃତ, ୧୩ ଆହତ

ଆନନ୍ଦପୁର/ମହୁଲଡିହା/ଠାକୁରମୁଣ୍ଡା, ୨୦।୮ (ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ନାକଝରୀ ନାଳପାଖ ଗୋଡଭଙ୍ଗା ଘାଟିର ପ୍ରଥମ ବାଙ୍କରେ ଗୁରୁବାର ଥାର ସହିତ ଦୁଇଟି ଅଟୋ ସହିତ ମୁହାଁମୁହିଁ ଧକ୍କା ଦେବାରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ଲତିକା କୁଙ୍କାଲ (୪୭)। ଆନନ୍ଦପୁର ଥାନା ସିକାବେଡ଼ା ଗ୍ରାମର ପୁରୁଷ ଓ ମହିଳା ମିଶି ଚାଷ କାମ ପାଇଁ ଆନନ୍ଦପୁର ଯାଇ ୨ଟି ଅଟୋରେ ଫେରୁଥିବାବେଳେ ଥାର ସହିତ ଧକ୍କା ହୋଇଥିଲା। ଥାରର ଡାହାଣ ପାଖ ଟାୟାର ଫାଟିଯାଇଛି। ଅଟୋ ଦୁଇଟି ଆଗ ପଛ ଆସୁଥିବାରୁ ଗୋଟିଏ ଅଟୋ ଓଲଟି ପଡ଼ିଥିଲେ। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ୧୩ ଜଣ ଆହତ ହୋଇଥିଲେ। ଖବର ପାଇ ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଓ ଆହତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଲିସ ଦୁର୍ଘଟଣାସ୍ଥଳରୁ ଥାର ଓ ଅଟୋ ଦୁଇଟି ଜବତ କରି ତଦନ୍ତ କରୁଛି।




# ପତ୍ନୀହନ୍ତାଙ୍କୁ ଆଜୀବନ ଜେଲ୍

ଉଦଳା, ୨୦।୮ (ସମିସ): ଉଦଳା ଅତିରିକ୍ତ ଦୌରା ନ୍ୟାୟାଧୀଶଙ୍କ ଅଦାଲତ ଖୁଣ୍ଟା ଥାନା ଅଧୀନରେ ଘଟିଥିବା ଏକ ସ୍ତ୍ରୀ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଉଦଳା ଥାନା ଅଧୀନ କଣ୍ଡାସାହି ମଧୁସୂଦନ ମୁର୍ମୁ ( ୩୪)। ୨୦୨୨ ନଭେମ୍ବର ୨୧ ତାରିଖ ରାତି ପ୍ରାୟ ୧୦ଟା ୩୦ ମିନିଟରେ ଅଭିଯୁକ୍ତ ନିଜ ସ୍ତ୍ରୀଙ୍କୁ କଇଁଚି ଦ୍ୱାରା ଆଘାତ କରିଥିଲେ। ମହିଳାଙ୍କୁ ତୁକୁରା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରଦିନ ଖୁଣ୍ଟା ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତରେ ସାକ୍ଷୀଙ୍କ ବୟାନ, ଘଟଣାସ୍ଥଳ ପରିଦର୍ଶନ, ଅସ୍ତ୍ର ଓ ପୋଷାକ ଜବତ ସହିତ ପୋଷ୍ଟମର୍ଟମ ଓ ରାସାୟନିକ ପରୀକ୍ଷା କରାଯାଇଥିଲା। ଅଦାଲତ ୨୦୨୬ ଅଗଷ୍ଟ ୧୪ ତାରିଖରେ ରାୟ ପ୍ରଦାନ କରି ଆଜି ଦଣ୍ଡାଦେଶ ଦେଇଛନ୍ତି। ଏହାକୁ 'ବିରଳରୁ ବିରଳତମ' ମାମଲା ନ ମାନି ଆଜୀବନ କାରାଦଣ୍ଡ ସହିତ ୫୦,୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅତିରିକ୍ତ ଏକବର୍ଷ ଜେଲ୍ ଦଣ୍ଡ ଭୋଗ କରିବାକୁ ପଡ଼ିବ। ଜରିମାନା ଅର୍ଥ ମୃତକଙ୍କ ନିର୍ଭରଶୀଳଙ୍କୁ ଦିଆଯିବ।

**ବନ୍ୟାପ୍ଲାବିତ ଅର୍ଜୁନପୁର ଓ ହସନାବାଦରେ ବିପନ୍ନଙ୍କୁ ଭେଟିଲେ ପ୍ରଣବ ପ୍ରକାଶ ଦାସ**

# ବନ୍ୟା ଦୁର୍ଦ୍ଦଶାରେ ଧାମନଗର; ରିଲିଫ୍ ବଣ୍ଟନକୁ ନେଇ ଅସନ୍ତୋଷ

ଭଦ୍ରକ/ଧୂଷୁରୀ/ଅସୁରାଳି,୨୦।୮ (ସମିସ): ବୈତରଣୀ ନଦୀର କ୍ରମାଗତ ବନ୍ୟାରେ ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ଚରମସୀମାରେ ପହଞ୍ଚିଛି। ଏପରି ସମୟରେ ସରକାରୀ ବନ୍ୟା ସହାୟତା ବଣ୍ଟନକୁ ନେଇ ଅସନ୍ତୋଷ ଓ ଅଭିଯୋଗ ସାମ୍ନାକୁ ଆସିଛି। ପ୍ରକୃତ ବନ୍ୟା ପ୍ରଭାବିତଙ୍କ ନିକଟରେ ପର୍ଯ୍ୟାପ୍ତ ରିଲିଫ୍ ପହଞ୍ଚୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ (ବବି) ଧାମନଗର ବ୍ଲକ୍‌ର ଅର୍ଜୁନପୁର ଓ ହସନାବାଦ ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି।

ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେଇସାହି, ବ୍ରହ୍ମଚାରୀପାଟଣା, ମୁକ୍ତାନଗର, ମଠସାହି ଏବଂ ହସନାବାଦ ପଞ୍ଚାୟତର ମଠସାହି, ବନବାଗ, ହସନାବାଦ, ତଳ ଅସ୍ତକ, ଉପର ଅସ୍ତକ, ପଙ୍ଗଟା ଶାସନ ଓ ଅନଳଡିହ ଗ୍ରାମକୁ ଯାଇ

**ଘରଭଙ୍ଗା ଓ ଗୁରୁତର ରୋଗୀଙ୍କୁ ବ୍ୟକ୍ତିଗତ ସହାୟତା**

ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀମାନେ ବବି ଦାସଙ୍କ ନିକଟରେ ଅଭିଯୋଗ କରି କହିଥିଲେ ଯେ, ସରକାରୀ ବନ୍ୟା ସହାୟତା ସମସ୍ତ ପ୍ରକୃତ ପ୍ରଭାବିତଙ୍କ ପାଖରେ ପହଞ୍ଚିନାହିଁ। କେତେକ ସ୍ଥାନରେ ଚୁଡ଼ା, ଚିନି ଓ ବିସ୍କୁଟ ଭଳି ସାମଗ୍ରୀ ବଣ୍ଟନ ହୋଇଥିବାବେଳେ ଅନେକ ବିପନ୍ନ ପରିବାର ପର୍ଯ୍ୟାପ୍ତ ସହାୟତାରୁ ବଞ୍ଚିତ ଥିବା ସେମାନେ କହିଥିଲେ। ସହାୟତା ଅଭାବରେ ସ୍ଥାନୀୟ ସରପଞ୍ଚମାନେ ନିଜସ୍ୱ ସ୍ତରରେ ଲୋକଙ୍କୁ ସହାୟତା ଯୋଗାଇ ଦେଉଥିବା ନେଇ ମଧ୍ୟ



ଗ୍ରାମବାସୀ ପ୍ରକାଶ କରିଥିଲେ। ବିପନ୍ନଙ୍କ ଅଭିଯୋଗ ଶୁଣି ବବି ସେମାନଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣିବା ସହ ପ୍ରକୃତ ଦୁର୍ଗତଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ ଆଶ୍ୱାସନ ଦେଇଥିଲେ। ଏଥିସହ ସରପଞ୍ଚଙ୍କ ମାଧ୍ୟମରେ ନିଜସ୍ୱ ସ୍ତରରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ କହିଥିଲେ। ବନ୍ୟାରେ ଘର ଭାଙ୍ଗିଯାଇଥିବା ଦୁର୍ଗତ ଏବଂ ଚିକିତ୍ସା ପାଇଁ ଡାକ୍ତରଖାନା ଯିବାକୁ ଥିବା ଗୁରୁତର ରୋଗୀଙ୍କୁ ସେ ତୁରନ୍ତ ବ୍ୟକ୍ତିଗତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ଦାସଙ୍କ ଗସ୍ତ ସମୟରେ ଧାମନଗର ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ସମିତିସଭ୍ୟ ଭାରତ ବିଜୟ ଦଳେଇ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଯୁବନେତା ସୁଧ୍ୱନା ନାୟକ, ପୂର୍ବତନ ବ୍ଲକ୍ ସଭାପତି ଉମେଶ ମହାନ୍ତି, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ସମିତିସଭ୍ୟ ଜ୍ଞାନ ମହାକୁଡ଼ ଓ ସୁଦୀପ୍ତ ଖଟୁଆଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ୍ ହୋଇଥିଲେ। ବନ୍ୟା ପରିସ୍ଥିତିରେ ପ୍ରକୃତ ପ୍ରଭାବିତ ପରିବାରଙ୍କ ଚିହ୍ନଟ, ରିଲିଫ୍‌ର ସମାନ ବଣ୍ଟନ ଏବଂ ତୁରନ୍ତ ସହାୟତା ପହଞ୍ଚାଇବା ଏବେ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଶିକ୍ଷକ ନାହାନ୍ତି, ପାଠପଢ଼ା ଠପ୍; ରଜିଆ ସ୍କୁଲ ଗେଟ୍‌ରେ ତାଲା

# ୧୨ ବଦଳରେ ମାତ୍ର ୫ ଶିକ୍ଷକ, ଚିନ୍ତାରେ ଅଭିଭାବକ

ଚମ୍ପୁଆ, ୨୦।୮ (ସମିସ)



ଶିକ୍ଷକ ଅଭାବରେ ବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗକୁ ନେଇ ଆଜି ରଜିଆରେ ଦେଖିବାକୁ ମିଳିଛି ଅସନ୍ତୋଷର ପ୍ରତିଫଳନ। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଗେଟ୍‌ରେ ଅଭିଭାବକ ଓ ଛାତ୍ରଛାତ୍ରୀ ତାଲା ପକାଇ ପ୍ରତିବାଦ କରିଛନ୍ତି। ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ ପାଇଁ ସେମାନେ ଦାବି ଜଣାଇଛନ୍ତି। ସୂଚନା ଅନୁସାରେ, ଏହି ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୧୪୨ ଜଣ ଏବଂ ନବମ ଓ ଦଶମ ଶ୍ରେଣୀରେ ୧୧୭ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ମୋଟ ୨୫୯ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୧୨ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ମାତ୍ର ୫ ଜଣ ଶିକ୍ଷକରେ ବିଦ୍ୟାଳୟ ଚାଲିଛି। ଫଳରେ ବିଭିନ୍ନ ବିଷୟର ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଗଣିତ ଶିକ୍ଷକ ଦୀର୍ଘ ଦୁଇମାସ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିୟୋଜିତ ଥିବାରୁ ବିଦ୍ୟାଳୟକୁ ଆସୁନାହାନ୍ତି। ଏହାସହ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ମଧ୍ୟ ଆବଶ୍ୟକ ଶିକ୍ଷକ ନାହାନ୍ତି। ଅବସର ପରେ ଅନେକ ପଦ ଖାଲି ପଡ଼ିଥିବାବେଳେ ହିନ୍ଦୀ ଓ ଖେଳ ଶିକ୍ଷକ ପଦ ମଧ୍ୟ ବହୁବର୍ଷ ଧରି ପୂରଣ ହୋଇନାହିଁ।

ଶିକ୍ଷକ ଅଭାବର ପ୍ରଭାବ ସବୁଠାରୁ ଅଧିକ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉପରେ ପଡୁଥିବା ଅଭିଭାବକମାନେ କହିଛନ୍ତି। ଆଗକୁ ମାଟ୍ରିକ ପରୀକ୍ଷା ଥିବାରୁ ଏପରି ସ୍ଥିତିରେ ପିଲାଙ୍କ ପ୍ରସ୍ତୁତିକୁ ନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ବିଦ୍ୟାଳୟର ଶିକ୍ଷକ ଅଭାବ ସମ୍ପର୍କରେ ଅଭିଭାବକ ଓ ବିଦ୍ୟାଳୟ କମିଟି ପକ୍ଷରୁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ଉପଜିଲ୍ଲାପାଳଙ୍କୁ ଜଣାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ଶେଷରେ ନିରାଶ ହୋଇ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ପ୍ରତିବାଦକୁ ଓହ୍ଲାଇଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ କରି ଶିକ୍ଷକ ନିଯୁକ୍ତି ନକଲେ ଆଗାମୀ ଦିନରେ ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏନେଇ ଦାୟିତ୍ୱରେ ଥିବା ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତଙ୍କୁ ପଚାରିବାରୁ, ଗତକାଲି ଏ ସମ୍ପର୍କରେ ଖବର ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତାବ ପଠାଯାଇଥିବା ସେ କହିଛନ୍ତି। ପରେ ଏବିଓ ପହଞ୍ଚି ୭ ଦିନ ସମୟ ଭିତରେ ଶିକ୍ଷକ ନିଯୁକ୍ତି ଦେବେ ବୋଲି ସୂଚନା ଦେଇଛନ୍ତି।

## ବୈତରଣୀ ବନ୍ୟାରେ ବ୍ୟାପକ ଫସଲ ହାନି

# କ୍ଷୟକ୍ଷତି ଭରଣା ପାଇଁ ଚାଷୀଙ୍କ ଦାବି

ଆନନ୍ଦପୁର, ୨୦।୮ (ସମିସ): ଆନନ୍ଦପୁର ସବଡିଭିଜନ ଅନ୍ତର୍ଗତ ବୈତରଣୀ ଓ କୁଶୋଇ ନଦୀରେ ୩ ଥର ବନ୍ୟା ହେବା ଫଳରେ ବ୍ୟାପକ ଭାବେ ଫସଲ ନଷ୍ଟ ହେଇ ଚାଷୀମାନେ ସର୍ବସ୍ୱାନ୍ତ ହୋଇଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲୀ, ହରିଡ଼ାପାଳ, ବାଇଲୋ, ବୋଲବାହାଳି ଓ ଜଳସୁଆଁ ପ୍ରଭୃତି ପଞ୍ଚାୟତ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖିଥିଲେ। ଲଗାତାର ଭାବେ ବର୍ଷା ଓ ଲାଗ ଲାଗ ୩ ଥର ବନ୍ୟା ଫଳରେ ହଜାର ହଜାର ଏକର ଜମିରେ ଧାନ ଫସଲ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେଇଛି। ବିଶେଷ କରି ପଞ୍ଚୁପଲ୍ଲୀ ଗ୍ରାମର ୫ ଶହ ଏକର ଜମିରେ ପୋଟଳ, ବୋଇତାଳୁ, କଲରା, ଝୁଡ଼ଙ୍ଗ ପ୍ରଭୃତି ପରିବା ଫସଲ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପରିଦର୍ଶନ କରି ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆନନ୍ଦପୁର ସବଡିଭିଜନରେ ମାତ୍ରାଧିକ ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ଫସଲର ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ଆକଳନ କରିବା ସହିତ ଚାଷୀଙ୍କୁ କ୍ଷତିପୂରଣ



ପ୍ରଦାନ କରିବା ପାଇଁ ମହେଶ୍ୱର ସାହୁ ଦାବି କରିଛନ୍ତି। ଯେଉଁମାନଙ୍କର କଚାଘର କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏହି ପରିଦର୍ଶନରେ ଅନନ୍ତ ବାରିକ, ରତ୍ନାକର ବାରିକ, ଶରତଚନ୍ଦ୍ର ସ୍ୱାଇଁ, ପ୍ରାଣବନ୍ଧୁ ସାହୁ, କୈଳାଶଚନ୍ଦ୍ର ନାୟକ, କିଶୋର ଜେନା, ଗୋବିନ୍ଦ ନାୟକ, ପଞ୍ଚାନନ ରାଉତ, ମହେନ୍ଦ୍ର ନାୟକ, କେଶବ ଜେନା, ରତ୍ନାକର ଦେହୁରୀ, ରମେଶ ଦେହୁରୀ, ମଦନ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ହରି ଭାଇଙ୍କ ଦେହାନ୍ତ



ଆନନ୍ଦପୁର, ୨୦।୮ (ସମିସ): ଘଷିପୁରା ଅଞ୍ଚଳର ସମାଜସେବୀ ତଥା ସମସ୍ତଙ୍କ ପ୍ରିୟ ହରିଭାଇ ଓରଫ ହରିହର ସାହୁ (୬୪)ଙ୍କ ଦେହାନ୍ତ ହୋଇଯାଇଛି। ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଗତ ୧୦ ଦିନ ହେବ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଆଜି ଭୋର୍ ସାଢେ ୫ଟାରେ ହୃଦଘାତରେ ହରି ଭାଇଙ୍କ ଦେହାନ୍ତ ହୋଇଥିବା କଟକ ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସରସ୍ୱତୀ ସାହୁ, ଝିଅ ଆଶ୍ରିତା ସାହୁ, ବୋହୂ ସିମରନ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଝାଡେଶ୍ୱର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ପ୍ରଳୟ ସାହୁ ମୁଖାଗ୍ନି ଦେଇଥିଲେ। ଖବର ପାଇ ବହୁମାନ୍ୟ ଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜାତୀୟ ପାୱାର ଲିଫ୍ଟିଙ୍ଗରେ ବିଶ୍ୱଜିତଙ୍କୁ ରୌପ୍ୟ




ଆନନ୍ଦପୁର, ୨୦।୮ (ସମିସ): ନୂଆଦିଲ୍ଲୀ ଠାରେ ଆୟୋଜିତ ଜାତୀୟସ୍ତରୀୟ ପାୱାର ଲିଫଟିଙ୍ଗ ପ୍ରତିଯୋଗିତାରେ ଆନନ୍ଦପୁରର ବିଶ୍ୱଜିତ ସାମଲ ଅଂଶଗ୍ରହଣ କରି ଗୋଟିଏ ରୌପ୍ୟ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏହାଦ୍ୱାରା ଆନନ୍ଦପୁର ଅଞ୍ଚଳର ଖେଳାଳିଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆନନ୍ଦପୁର ଇଣ୍ଡୋର ଷ୍ଟାଡିଅମ ପ୍ରଶିକ୍ଷକ ରୋଶନ କୁମାରଙ୍କ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରିଥିବା ବିଶ୍ୱଜିତ ଜୁନିଅର ଏବଂ ସବଜୁନିଅର ପାୱାର ଲିଫଟିଙ୍ଗ ପ୍ରତିଯୋଗିତାରେ ଓଡିଶା ପାଇଁ ରୌପ୍ୟ ପଦକ ହାସଲ କରିବାରୁ ଆୟୋଜନ କମିଟି ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାଟଡ଼ିହୀ କଲେଜରେ ଶକ୍ତିଶ୍ରୀ କର୍ମଶାଳା



ହାଟଡ଼ିହୀ,୨୦।୮ (ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରେକୃଷ୍ଣ ରାଉତ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ କାର୍ଯ୍ୟକ୍ରମର ମୁଖ୍ୟ ପ୍ରବକ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜିକା ଭାବେ ଲିପ୍ସା ପ୍ରିୟଦର୍ଶିନୀ ବେହେରା, ଆତ୍ମରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଭାବେ ନିଲମ୍ ସ୍ୱାଁୟଆ, ଆତ୍ମରକ୍ଷା ପ୍ରଶିକ୍ଷିକା ସିମନ୍ତିନୀ ସାହୁ, ସ୍ୱାଗତିକା ନାୟକ, ମିନତୀ ବେହୁରିଆ, ବୃନ୍ଦାବନ ଓଝା, ରବିନ୍ଦ୍ରନାଥ ଜେନା, ଚକ୍ରଧର ଦାସ, ଜଳଧର ଦାସ, ଶଶିକଳା ଦାସ, ମେନକାରାଣୀ ଧୁରୁଆ, ପ୍ରିୟଙ୍କା ମହାନ୍ତି, ଚୁମକିରାଣୀ ନାଏକ, ବିଶ୍ୱରଞ୍ଜନ ଜେନା, ଅଜୟ ଦାସ, ଜନ୍ମଜୟ ପ୍ରଧାନ, ସରିତା ପଣ୍ଡା, ଅଞ୍ଜନ ମହନ୍ତି, ଗଙ୍ଗାଧର ପରିଡ଼ାଙ୍କ ସମେତ ମୁଖ୍ୟ କିରାଣି ଅନନ୍ତ ଚରଣ ବେହେରା, ବିଭୁତି ଭୂଷଣ ପହି, ଜ୍ୟୋତିରୂପା ମଲ୍ଲିକ, ସନାତନ ଖୁଣ୍ଟିଆ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ୍ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଶକ୍ତଶ୍ରୀ ଆପ୍ ସମ୍ବନ୍ଧରେ ଉପଦେଶ ପ୍ରଦାନ କରିଥିଲେ।

# ୨ ଅଧ୍ୟାପକଙ୍କୁ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ





ଆନନ୍ଦପୁର/ତେଲକୋଇ, ୨୦।୮ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଡ. ବିଜୟ କୁମାର ସାହୁଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ପିସିସି ସଭାପତି ଭକ୍ତଚରଣ ଦାସ ମୁଖ୍ୟଅତିଥି, ପ୍ରଖ୍ୟାତ ସ୍ନାୟୁ ବିଶେଷଜ୍ଞ ପ୍ରଫେସର ଡ. ଅଶୋକ ମହାପାତ୍ର, ବିଶିଷ୍ଟ ନେତା ସୁରେଶଚନ୍ଦ୍ର ରାଉତରାୟ, ରାମଚନ୍ଦ୍ର କଦ୍ଧଡାମ, ପର୍ଯ୍ୟବେକ୍ଷକ ସମ୍ବାଦପତ୍ରର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଡ. ସାହୁଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍କାଉଟ ବିଭାଗରେ ଦୀର୍ଘ ୩୦ ବର୍ଷ ଉଲ୍ଲେଖନୀୟ କାର୍ଯ୍ୟ କରି ସଫଳତା ଅର୍ଜନ କରିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଏଥିପାଇଁ କଲେଜର ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀଗଣ ଡ. ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସେହିପରି ତେଲକୋଇ ବ୍ଲକ୍ ସିରିଗିଡ଼ା ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ସଂଯୋଜକ ନରେନ୍ଦ୍ର କୁମାର ଶତପଥୀଙ୍କୁ ତାଙ୍କର ଉଲ୍ଲେଖନୀୟ ସେବା ଓ ସାମାଜିକ କାର୍ଯ୍ୟ ପାଇଁ ବିଶେଷ ଭାବେ ସମ୍ମାନିତ ଓ ଅଭିନନ୍ଦିତ କରାଯାଇଛି। ଗତବର୍ଷ ତାଙ୍କ ନେତୃତ୍ୱରେ ଯୁବ ରେଡକ୍ରସ୍ ପକ୍ଷରୁ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ସହ ଏଡ୍‌ସ୍ ସଚେତନତା, ସଡ଼କ ସୁରକ୍ଷା, ସ୍ୱଚ୍ଛତା, ବୃକ୍ଷରୋପଣ ଓ ବିଭିନ୍ନ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିଲା। ଏହି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ–୨୦୨୬'ର ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ଆବାସ ହିତାଧିକାରୀ ଚୟନରେ ଅନିୟମିତତା

ହାଟଡ଼ିହୀ,୨୦।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ସୋସୋ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର ବିନୋଦ ସିଂ, ଖଗେଶ୍ୱର ପଣ୍ଡିତ, ରମାକାନ୍ତ ସିଂ, ଅଜୟ ସିଂ, ଅଭୟ ସିଂ, ଜିତେନ୍ଦ୍ର ସିଂ, ରାମଚନ୍ଦ୍ର ନାୟକ, ଦୀନବନ୍ଧୁ ପଣ୍ଡିତ, ସୁରେନ୍ଦ୍ର ପଣ୍ଡିତ, ଭୁବନାନନ୍ଦ ବିନ୍ଧାଣୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ହାଟଡ଼ିହୀ ବିଡ଼ିଓଙ୍କୁ ଅଭିଯୋଗ କରି ଘଟଣାର ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ ଯୋଗ୍ୟ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଯାଞ୍ଚ ଓ ହିତାଧିକାରୀ ଚୟନ ପ୍ରକ୍ରିୟା ଚାଲିଛି। ସୋସୋ ପଞ୍ଚାୟତରେ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନଥିବା ଅଭିଯୋଗ କରାଯାଇଛି। ଅନେକ ଗରିବ ଓ ଅସହାୟ ଯୋଗ୍ୟ ପରିବାରଙ୍କ ନାମ ତାଲିକାରେ ନଥିବାବେଳେ, ଆର୍ଥିକ ଭାବେ ସ୍ୱଚ୍ଛଳ ବ୍ୟକ୍ତି, ବହୁତଳ କୋଠାଘର ଥିବା ବ୍ୟକ୍ତି, ପୂର୍ବରୁ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ପାଇଥିବା ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ ହୋଇଛି। ଫଳରେ ସରକାରଙ୍କ ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ଦିଗହରା ହେଉଛି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ସହ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ କରିବାକୁ ଗ୍ରାମବାସୀ ବିଡ଼ିଓଙ୍କ ନିକଟରେ ଦାବି କରିଛନ୍ତି। ବିଡ଼ିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ବିଭିନ୍ନ ପଞ୍ଚାୟତରୁ ଆବାସ ଯୋଜନା ସମ୍ପର୍କିତ ଅଭିଯୋଗ ଆସୁଛି। ବ୍ଲକ୍ କର୍ମଚାରୀଙ୍କ ଦ୍ୱାରା ଅଭିଯୋଗ ଦିଗରେ ତଦନ୍ତ କରାଯାଇ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ବେଳେ ଏହାର ତଦନ୍ତ ପ୍ରକ୍ରିୟା ମଧ୍ୟ ଏବେ ଚାଲୁ ରହିଛି।

# ରେଳ ଦ୍ୱାରା ଖଣିଜ ପରିବହନକୁ ଯୋଡ଼ା ଟ୍ରକ୍ ମାଲିକ ସଙ୍ଘର ବିରୋଧ

## ଅଢ଼େଇ ହଜାର ଗାଡ଼ି ମାଲିକଙ୍କ ଜୀବନ ଜୀବିକା କ୍ଷତିଗ୍ରସ୍ତ ଆଶଙ୍କା

ଯୋଡ଼ା/ଚମ୍ପୁଆ, ୨୦।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିମଣ୍ଡଳରେ ଟ୍ରକ ଦ୍ୱାରା ଖଣିଜ ପରିବହନ କାର୍ଯ୍ୟ ଏକ ମୁଖ୍ୟ ରୋଜଗାରର ମାଧ୍ୟମ ହୋଇଥିବା ବେଳେ ଅଞ୍ଚଳର ଆର୍ଥିକ ସ୍ଥିତି ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୁଏ। ଟ୍ରକ ଦ୍ୱାରା ପରିବହନ କାର୍ଯ୍ୟ ଜୋରଦାର ହେଲେ ଗାଡି ମାଲିକ, ବଜାର ଘାଟ, ବେପାର ବଣିଜ ସୁରୁଖୁରୁରେ ଚାଲେ। ତେବେ ଯୋଡ଼ା ଅଞ୍ଚଳର ଖଣ୍ଡବନ୍ଧ ଖଣି ଉପରେ ଗାଡି ମାଲିକମାନେ ପ୍ରାୟ ନିର୍ଭରଶୀଳ ଥିବା ବେଳେ ଉକ୍ତ ଖଣିରୁ ସଡକପଥ ପରିବହନ ଉପରେ କଟକଣା ଥିବା ହେତୁ ସଙ୍ଘ ମାଲିକଙ୍କ ସ୍ୱାର୍ଥ ପାଇଁ ଆଗକୁ ଆସିଥିବା ଦେଖିବାକୁ ମିଳିଛି

ସୂଚନା ଅନୁଯାୟୀ, ଖଣ୍ଡବନ୍ଧ ଖଣିରୁ ମେରାମୁଣ୍ଡଲୀ ଓ ଚାଲିଆମାସ୍ଥିତ ରୁଙ୍ଗଟା ଷ୍ଟିଲ୍‌କୁ ରେକ୍ ଯୋଗେ ଖଣିଜ ପରିବହନ କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ କରିବାକୁ ଦାବି କରିଛି ଯୋଡ଼ା ଟ୍ରକ୍ ମାଲିକ ସଂଘ। ଏନେଇ ସଂଘ ପକ୍ଷରୁ ଖଣ୍ଡବନ୍ଧ ଆଇରନ୍ ମାଇନ୍‌ର ହେଡ୍ ଲଜିଷ୍ଟିକ୍ସଙ୍କୁ ଏକ ଚିଠି ଦିଆଯାଇଛି।

ସଂଘର ଅଭିଯୋଗ ଅନୁସାରେ, ଗତ ପାଞ୍ଚ ବର୍ଷ ଧରି ଯୋଡ଼ା ଟ୍ରକ୍ ମାଲିକ ସଂଘ ଖଣି ପରିବହନ କ୍ଷେତ୍ରରେ ଲଜିଷ୍ଟିକ୍ସ ସହଯୋଗ ଯୋଗାଇ ଆସୁଛି। ଖଣ୍ଡବନ୍ଧ ଖଣି ଉପରେ ପ୍ରାୟ ୨୫୦୦ ଟ୍ରକ୍ ମାଲିକ ନିର୍ଭରଶୀଳ ଥିବା ସଂଘ ଦାବି କରିଛି। ପୂର୍ବରୁ ଖଣିରୁ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଦୈନିକ ୪୦୦ରୁ ୫୦୦ଟି ଟ୍ରିପ୍ ସଡ଼କ ପରିବହନ ମାଧ୍ୟମରେ ମିଳୁଥିଲା। ତେବେ ବର୍ତ୍ତମାନ ଏହାକୁ ପ୍ରାୟ ୨୦୦ ଟ୍ରିପ୍‌ରେ ସୀମିତ କରାଯାଇଥିବାରୁ ଟ୍ରକ୍ ମାଲିକମାନେ ଆର୍ଥିକ ସଙ୍କଟରେ ପଡ଼ିଥିବା ସଂଘ କହିଛି। ରେକ୍ ଯୋଗେ ଖଣିଜ ପରିବହନ ବୃଦ୍ଧି ପାଇଲେ ସଡ଼କ ପରିବହନ ଉପରେ ନିର୍ଭର କରୁଥିବା ଟ୍ରକ୍ ମାଲିକଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି। ଟ୍ରିପ୍ କମିଯିବା ଯୋଗୁଁ ଗାଡ଼ି ମାଲିକମାନେ ନିଜ ଗାଡ଼ିର ଋଣ କିସ୍ତି ସମୟରେ ପରିଶୋଧ କରିବାରେ ଅସୁବିଧାରେ ପଡ଼ିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ତେଣୁ ମେରାମୁଣ୍ଡଲୀ ଓ ଚାଲିଆମାସ୍ଥିତ ରୁଙ୍ଗଟା ଷ୍ଟିଲ୍‌କୁ ରେକ୍ ଯୋଗେ ପରିବହନ କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ କରି ପୂର୍ବଭଳି ଅଧିକ ସଡ଼କ ପରିବହନ ସୁଯୋଗ ଦେବାକୁ ସଂଘ ଦାବି କରିଛି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଖଣିର ଡିସ୍ପାଚ୍ ବନ୍ଦ କରିବାକୁ ସଂଘ ବାଧ୍ୟ



ହେବ ବୋଲି ଚିଠିରେ ଚେତାବନୀ ଦେଇଛି। ଏହି ଦାବିକୁ ନେଇ ଖଣ୍ଡବନ୍ଧ ଖଣି କର୍ତ୍ତୃପକ୍ଷ ଓ ଟ୍ରକ୍ ମାଲିକ ସଂଘ ମଧ୍ୟରେ ଆଲୋଚନା ହୋଇ ସମସ୍ୟାର ସମାଧାନ ବାହାରିବ କି ନାହିଁ, ତାହା ଉପରେ ଏବେ ସମସ୍ତ ଗାଡି ମାଲିକଙ୍କ ନଜର ରହିଛି। ଦାବିପତ୍ର ଦାଖଲ ବେଳେ ଯୋଡା ଟ୍ରକ୍ ମାଲିକ ସଙ୍ଘ ସଭପତି ମାତାପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ ବାରିକ, ସହସମ୍ପାଦକ ଅଶୋକ କାରୁଆ, ଉପସଭାପତି ବିଜୁ ଆପଟ, କୋଷାଧ୍ୟକ୍ଷ ରାଜେଶ ରୋଶନ ପ୍ରମୁଖ ଉପସ୍ଥିତ ଥିଲେ।

# କାନପୁର ଜଳସେଚନ କେନାଲରୁ ହାତୀଛୁଆ ଉଦ୍ଧାର

ଚମ୍ପୁଆ, ୨୦।୮ (ସମିସ): ଉଦ୍ଧାର ହେଲା କାନପୁର ଜଳସେଚନ କେନାଲରେ ଫସି ରହିଥିବା ହାତୀଛୁଆ। କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ କାହ୍ନୁ ସାହିସ୍ଥିତ କାନପୁର ଜଳସେଚନ କେନାଲରେ ଖସି ପଡିଥିଲା ଏକ ହାତୀଛୁଆ। ୨୦ ଟିକିଆ ହାତୀପଲ ସାତହଳିଆଠାରୁ ଜାମୁଦଳକ ଯାଉଥିବା ସମୟରେ କାହ୍ନୁ ସାହି କେନାଲରେ ଖସି ପଡିଥିଲେ ମା ସହ ଏକ ଛୁଆ ହାତୀ। ତେବେ ବହୁ କଷ୍ଟରେ ମା' ହାତୀଟି ଉଠି ଆସିବାକୁ ସକ୍ଷମ ହୋଇଥିବା ବେଳେ ଛୁଆ ହାତୀଟି ସେଠାରୁ ଉଠି ପାରି ନଥିଲା। ଲୋକମାନଙ୍କ ଗହଳି ହେବାରୁ ହାତୀପଲ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ଖବର ପାଇ ରେଞ୍ଜରଙ୍କ ନେତୃତ୍ୱରେ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀ ଛୁଆକୁ ଉଦ୍ଧାର କରିଥିଲେ। ମା ହାତୀଟି ଛୁଆର ପାଖେ ପାଖେ ଥିବାରୁ ଉଦ୍ଧାର କରିବା ପାଇଁ ୪ ଘଣ୍ଟା ସମୟ ଲାଗିଥିଲା। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି. ହନୁମନ୍ତଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ସୁଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

# ଚାରିଗଡ଼ ମହାବିଦ୍ୟାଳୟରେ ନିଶାମୁକ୍ତି ଅଭିଯାନ

ତେଲକୋଇ, ୨୦।୮ (ସମିସ): କେନ୍ଦ୍ର ସରକାରଙ୍କ 'ନଶାମୁକ୍ତ ଭାରତ ଅଭିଯାନ' ଏବଂ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଚାଲିଥିବା '୧୦ କୋଟି ନଶା ମୁକ୍ତି ପ୍ରତିଜ୍ଞା ମହା ଅଭିଯାନ' ଅନ୍ତର୍ଗତ ତେଲକୋଇ ଚାରିଗଡ଼ ମହାବିଦ୍ୟାଳୟରେ ଅଧ୍ୟକ୍ଷା ସୁଶ୍ରୀ ପାର୍ବତୀ ସାହୁଙ୍କ ସଭାପତିତ୍ୱରେ ନିଶାମୁକ୍ତି ଉଦ୍ଦେଶ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ସବିତା, ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାର କବୀନ୍ଦ୍ର ଏବଂ ସମ୍ମାନିତ ଅତିଥି ଭାବେ ବ୍ରହ୍ମାକୁମାର ସତ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା ଏବଂ କର୍ମଚାରୀ ଏକତ୍ରିତ ହୋଇ ଆଜୀବନ ନଶାମୁକ୍ତ ରହିବା ସହ ଦେଶ ଗଠନରେ ନିଜର ସହଯୋଗ ପ୍ରଦାନ କରିବା ପାଇଁ ସମୂହ ଶପଥ ପାଠ କରିଥିଲେ। ସମସ୍ତେ ମିଳିତ ଭାବେ ଏହି ୧୦ କୋଟି ସଂକଳ୍ପ ଅଭିଯାନର ଡିଜିଟାଲ୍ ଶପଥପତ୍ର ମଧ୍ୟ ଗ୍ରହଣ କରିଥିଲେ। କଲେଜର ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ଚେମଣା ଉଚ୍ଚବିଦ୍ୟାଳୟରେ ଚାରା ବଣ୍ଟନ

ତୁରୁମୁଙ୍ଗା, ୨୦।୮ (ସମିସ): ପରିବେଶ ସୁରକ୍ଷା ଓ ବୃକ୍ଷରୋପଣକୁ ପ୍ରୋତ୍ସାହନ ଲକ୍ଷ୍ୟରେ ଖିରେଇଟାଙ୍ଗିରୀ ସେକ୍ସନ ପକ୍ଷରୁ ବୁଧବାର ଚେମଣା ଉଚ୍ଚ ବିଦ୍ୟାଳୟରେ ମାଗଣା ଚାରା ବଣ୍ଟନ କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମୋଟ ୫୦୦ଟି ଚାରା ପ୍ରଦାନ କରାଯାଇଥିଲା।



ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ବାରିକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଖିରେଇଟାଙ୍ଗିରୀ ବନପାଳ ବନରକ୍ଷୀ ଓ ସ୍କ୍ୱାଡ୍ ସଦସ୍ୟମାନେ ଚାରା ବଣ୍ଟନ କାର୍ଯ୍ୟରେ ସହାୟତା କରିଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣ ସହ ଗଛର ଯତ୍ନ ନେବା ନେଇ ସଚେତନ କରାଯାଇଥିଲା। ଆଗାମୀ ଦିନରେ ବିଦ୍ୟାଳୟ, ହାଟ, ପଞ୍ଚାୟତ ସମେତ ବିଭିନ୍ନ ସ୍ଥାନରେ ମାଗଣା ଚାରା ବଣ୍ଟନ କରାଯିବ ବୋଲି ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

# ହୁଡ଼ୀସାହି ମୌଳିକ ସମସ୍ୟା ବୁଝିଲେ ଏନ୍‌ଏସି ଅଧିକାରୀ



ଚମ୍ପୁଆ, ୨୦।୮ (ସମିସ): ଦିନରେ ମଶା, ରାତିରେ ହାତୀ। ଚମ୍ପୁଆ ଏନଏସିର ହୁଡ଼ୀସାହିରେ ମୌଳିକ ସୁବିଧା ଅଭାବକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ତତ୍ପର ହୋଇଛି ଏନଏସି ପ୍ରଶାସନ। ଖବର ପ୍ରକାଶର ଦିନକ ମଧ୍ୟରେ ହୁଡ଼ୀସାହିରେ ବନ୍ଦ ଥିବା ଷ୍ଟ୍ରିଟ୍ ଲାଇଟ୍ ମରାମତି କରାଯାଇ ଜଳିବା ଆରମ୍ଭ କରିଛି। ଏହାସହ ଅଞ୍ଚଳରେ ବଢ଼ି ଯାଇଥିବା ବଣବୁଦା କଟାଯାଇ ସଫା କରାଯାଇଛି। ଏପରିକି ଦୀର୍ଘଦିନ ଧରି ବ୍ଲିଚିଂ ପାଉଡର ପଡ଼ି ନଥିବା ହୁଡ଼ୀସାହିରେ ଏବେ ବ୍ଲିଚିଂ ପାଉଡର ପକାଯାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କିଛିଟା ଆଶ୍ୱସ୍ତି ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଚମ୍ପୁଆ ଏନଏସି ଗଠନ ହେବାର ପ୍ରାୟ ୧୧ ବର୍ଷ ମଧ୍ୟରେ ହୁଡ଼ୀସାହି ଗାଁରେ ମାତ୍ର ଦୁଇଜଣ ଏନଏସି ଅଧିକାରୀଙ୍କ ପାଦ ପଡ଼ିଥିବା ଗ୍ରାମବାସୀ କହିଛନ୍ତି। ପ୍ରଥମ ଅଧିକାରୀ ଭାବେ ଗୌର ମହାନ୍ତ ଗାଁରେ ପହଞ୍ଚିଥିଲେ। ତାଙ୍କ ସମୟରେ କିଛି ଉନ୍ନୟନମୂଳକ କାମ ହାତକୁ ନିଆଯାଇଥିଲେ ମଧ୍ୟ ସେଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରି ନଥିବା ଅଭିଯୋଗ ରହିଛି। ଦୀର୍ଘ ସମୟ ପରେ ଏବେ ଦ୍ୱିତୀୟ ଅଧିକାରୀ ଭାବେ ଜଗନ୍ନାଥ ବେହେରା ହୁଡ଼ୀସାହିରେ ପହଞ୍ଚିଛନ୍ତି। ସେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିବା ସହ ତତ୍କାଳୀନ ଭାବେ ଷ୍ଟ୍ରିଟ୍ ଲାଇଟ୍ ମରାମତି, ବଣବୁଦା ସଫେଇ ଓ ବ୍ଲିଚିଂ ପକାଇବା ଭଳି କାର୍ଯ୍ୟ କରାଇଛନ୍ତି। ତେବେ ହୁଡ଼ୀସାହିର ସବୁଠାରୁ ବଡ଼ ସମସ୍ୟା ରାସ୍ତା ରହିଛି। ଗାଁକୁ ଭଲ ରାସ୍ତା ନଥିବାରୁ ବର୍ଷା ଦିନରେ ଯାତାୟାତରେ ବିଭିନ୍ନ ସମସ୍ୟା ଦେଖାଦେଉଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଶୀଘ୍ର ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏନେଇ ଏନଏସି ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି, ପର୍ଯ୍ୟାୟକ୍ରମେ ଏବେ କିଛି କାମ କରାଯାଉଛି। ପାଗ ଅନୁକୂଳ ହେଲେ ଅନ୍ୟାନ୍ୟ ଆବଶ୍ୟକ କାମ ମଧ୍ୟ କରାଯିବ। ଖବର ପ୍ରକାଶ ପରେ ଏନଏସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାରୁ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ତତ୍କାଳୀନ ପଦକ୍ଷେପ ପରେ ଗାଁର ଦୀର୍ଘଦିନର ରାସ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହାକୁ ନେଇ ଏବେ ଗ୍ରାମବାସୀଙ୍କ ନଜର ରହିଛି।

**ପ୍ରାଥମିକ ପର୍ଯ୍ୟାୟରେ ନିଆଗଲା ପଦକ୍ଷେପ**

# ଯୁବ କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ

କେନ୍ଦୁଝର, ୨୦।୮ (ସମିସ): ଆଧୁନିକ ଭାରତର ନିର୍ମାତା, ଯୁବ ମାନସର ପ୍ରତୀକ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୦ତମ ଜୟନ୍ତୀ କଂଗ୍ରେସ ଭବନରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ଏହି ସଦଭାବନା ଦିବସରେ କଂଗ୍ରେସ ନେତାମାନେ ସ୍ୱର୍ଗତ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭାରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ରଶ୍ମିରଞ୍ଜନ ଜେନା ଓ ବ୍ଲକ କଂଗ୍ରେସ ସଭାପତି



ଉତ୍ତମ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ପାଟଣା ବିଧାନସଭା ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ତେଲକୋଇ ବିଧାନସଭା ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା, ଟାଉନ ସଭାପତି ଲୋକନାଥ ଟୁଡୁ, ପାଟଣା ବ୍ଲକ ସଭାପତି ଗୋବିନ୍ଦ ମହାନ୍ତ, ଛାତ୍ର କଂଗ୍ରେସ ନେତା ଅଭିନାଶ ଓଝା, ଶୁଭମ ମହାନ୍ତ ଓ ପ୍ରଦୀପ ରାଉତଙ୍କ ସହ ବହୁ ଆଗଧାଡ଼ିର କର୍ମକର୍ତ୍ତା-ସଦସ୍ୟ ସାମିଲ ହୋଇଥିଲେ।

ବାରିପଦାରେ ଓରମାସ୍ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ

# ମହିଳା କାରିଗରଙ୍କ ଆୟ ଓ ଆତ୍ମନିର୍ଭରତା ବୃଦ୍ଧି ଉପରେ ଗୁରୁତ୍ୱ

ବାରିପଦା,୨୦।୮(ସମିସ): ସ୍ଥାନୀୟ ବୟନିକା ବିକ୍ରୟ ଷ୍ଟୋର "ମୟୂର ଶିଳ୍ପ' ପରିସରରେ ଗୁରୁବାର ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏହି ଷ୍ଟଲର ଉଦ୍‌ଘାଟନ କରିଛନ୍ତି। ମୟୂରଭଞ୍ଜର ସ୍ଥାନୀୟ କାରିଗରଙ୍କ ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ରାକ୍ଷୀକୁ ବ୍ୟାପକ ବଜାର ସୁଯୋଗ ପ୍ରଦାନ ସହ ମହିଳା କାରିଗରଙ୍କ ଜୀବିକା ଓ ଆୟ ବୃଦ୍ଧି ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ସ୍ଥାନୀୟ ସମ୍ବଳ, ପାରମ୍ପରିକ କାରିଗରୀ ଓ ମହିଳାଙ୍କ ଦକ୍ଷତାକୁ ବଜାର ସହ ଯୋଡ଼ିବା ମାଧ୍ୟମରେ ସେମାନଙ୍କ ଆତ୍ମନିର୍ଭରତା ସୁଦୃଢ଼ ହେବା ସହ ସ୍ଥାନୀୟ ଅର୍ଥନୀତି ମଧ୍ୟ ଅଧିକ ସୁଦୃଢ଼ ହେବ ବୋଲି ସେ ପ୍ରକାଶ କରିଛନ୍ତି।



ମୟୂରଭଞ୍ଜ ସବାଇ କୃଷକ ଉତ୍ପାଦନ କମ୍ପାନୀ ଲିମିଟେଡ୍, ଜିଲ୍ଲାର ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟଙ୍କ ସହଯୋଗରେ ଏହି ରାଖି ତିଆରି କରିଛନ୍ତି। ସାବାଇ, ଡୋକ୍ରା ଓ ବାଉଁଶ ଭଳି ପ୍ରାକୃତିକ ଓ ସ୍ଥାନୀୟ ସାମଗ୍ରୀରେ ନିର୍ମିତ ଏହି ରାକ୍ଷୀଗୁଡ଼ିକ ମୟୂରଭଞ୍ଜର ସମୃଦ୍ଧ କାରିଗରୀ ପରମ୍ପରା, ସୃଜନଶୀଳତା ଓ ସ୍ଥାନୀୟ ସମ୍ବଳର ସୁନ୍ଦର ସମନ୍ୱୟକୁ ପ୍ରତିଫଳିତ କରୁଛି। ଏହାଦ୍ୱାରା ସ୍ଥାନୀୟ କାରିଗରଙ୍କ ଉତ୍ପାଦକୁ ବଜାର ସହ ଯୋଡ଼ିବା, ବିକ୍ରୟ ସୁଯୋଗ ବୃଦ୍ଧି କରିବା, ମହିଳା କାରିଗରଙ୍କୁ ନିଜ ଦକ୍ଷତାର ଉପଯୋଗ କରି ଅତିରିକ୍ତ ଆୟର ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ଏହି ପଦକ୍ଷେପ ଦ୍ୱାରା ପୂରଣ କରାଯାଇପାରୁଛି।

**ମୟୂରଭଞ୍ଜର ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ରାକ୍ଷୀକୁ ମିଳୁଛି ବ୍ୟାପକ ବଜାର ସୁଯୋଗ**

ମୟୂରଭଞ୍ଜର ଏହି ହସ୍ତନିର୍ମିତ ରାକ୍ଷୀର ଚାହିଦା ଜିଲ୍ଲା ସୀମା ଅତିକ୍ରମ କରିଛି। ବାଲେଶ୍ୱର, ସମ୍ବଲପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଓରମାସ୍ ମଧ୍ୟ ମୟୂରଭଞ୍ଜ ଓରମାସ୍ ନିକଟରୁ ଏହି ରାକ୍ଷୀ ସଂଗ୍ରହ କରିଛନ୍ତି। ଏହା ମୟୂରଭଞ୍ଜର ରାକ୍ଷୀ ପ୍ରସ୍ତୁତକାରୀ କାରିଗରମାନଙ୍କ ଉଚ୍ଚମାନର କାରିଗରୀ ଦକ୍ଷତା, ସୃଜନଶୀଳତା ଓ ସେମାନଙ୍କ ଉତ୍ପାଦର ବୃଦ୍ଧିଶୀଳ ବଜାର ଚାହିଦାର ପ୍ରମାଣ। ଏହା ମୟୂରଭଞ୍ଜର ସ୍ଥାନୀୟ ହସ୍ତଶିଳ୍ପକୁ ବ୍ୟାପକ ବଜାର ସହ ଯୋଡ଼ିବାରେ ଓରମାସ୍‌ର ପ୍ରୟାସର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି। ଏ ଅବସରରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍)ର ଡେପୁଟି ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ଓଡ଼ିଶା ଜୀବିକା ମିଶନ୍‌ର ଜିଲ୍ଲା ପ୍ରକଳ୍ପ ପରିଚାଳକ ନବୀନ ସେନାପତି, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଓ ପିଏମ୍ ଲିଭଲିହୁଡ୍‌ର ମଧୁସ୍ମିତା ଭୂୟାଁଙ୍କ ସମେତ ଓରମାସ୍, ମିଶନ୍ ଶକ୍ତି ଓ ସମ୍ପୃକ୍ତ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଏମପିଭିଏ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ

● ଅନନ୍ତ ବାଗଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୦।୮(ସମିସ): ମୟୂରଭଞ୍ଜ ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଆସୋସିଏସନ (ଏମପିଭିଏ) ପକ୍ଷରୁ ବୁଧବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ବାରିପଦା ମା'ଅମ୍ବିକା ମନ୍ଦିର ପ୍ରାଙ୍ଗଣରୁ ପୂର୍ବାହ୍ନରେ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଥିବାବେଳେ ଷ୍ଟେସନ ବଜାରସ୍ଥ ବିବାହ ମଣ୍ଡପରେ ୭୦ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫର ଓ ଭିଡିଓଗ୍ରାଫରଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ସାରା ଓଡ଼ିଶାର ଚିରପରିଚିତ ବାର୍ଷିକ୍ୟାନ ସିନେ କଳାକାର ଅସିତ ବସୁ ପତି କେକ୍ କାଟି ଶୁଭାରମ୍ଭ କରିଥିଲେ। ପରେ ମୟୂରଭଞ୍ଜ ତଥା ବାରିପଦାର ଚିରପରିଚିତ ସମସ୍ତଙ୍କ ଅତିପ୍ରିୟ ବାର୍ଷିକ୍ୟାନ ଫଟୋଗ୍ରାଫର ଅନନ୍ତ କୁମାର ବାଗଙ୍କୁ ମୁଖ୍ୟଅତିଥି ଆସୋସିଏସନ ପକ୍ଷରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୟୂରଭଞ୍ଜ ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଆସୋସିଏସନର ସଭାପତି ସଂଜୀବ ଦ୍ୱିବେଦୀ, ସମ୍ପାଦକ ଭବାନୀ ଶଙ୍କର ରାମ, କୋଷାଧ୍ୟକ୍ଷ କୌଶିକ ଭକତ, ଉପକୋଷାଧ୍ୟକ୍ଷ ଜି ଜାନକୀ ରାମ ଓ ସୁବ୍ରତ ସାହୁ ଯୋଗଦେଇ ଆଗାମୀ ଦିନ ପାଇଁ ସୁଦୃଢ଼ ହୋଇ କାମ କରିବାକୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ବାରିପଦାର ରଘୁନାଥସ୍ଥ ରୋଜମେରୀ ଆବାସିକ ହଷ୍ଟେଲରେ ରହୁଥିବା ମାନସିକ ଅନଗ୍ରସର ପିଲାଙ୍କୁ ବିସ୍କୁଟ ଓ ଚୋକଲେଟ ବିତରଣ କରାଯାଇଥିଲା।

## ଭୋଟର ସଚେତନତା ଶିବିର

ରାଇରଙ୍ଗପୁର,୨୦।୮(ସମିସ): ବାମନଘାଟୀ ଉପଖଣ୍ଡ ଅଧୀନସ୍ଥ ବିଭିନ୍ନ ବ୍ଲକରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇତିମଧ୍ୟରେ ଇଲେକ୍ଟୋରାଲ ଲିଟେରାସି କ୍ଲବ୍ ପକ୍ଷରୁ ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋରୁମହିଷାଣି ଓ ତିରିଂରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋରୁମହିଷାଣିଠାରେ ରାଇରଙ୍ଗପୁର ବ୍ଲକର ଏବିଡିଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସୁରେଇ ମାରାଣ୍ଡି ଓ ତିରିଂଠାରେ ବିଡିଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଷ୍ପାପର ଓ ନୈତିକ ଭାଗିଦାରୀ ସମ୍ପର୍କରେ ଅବଗତ କରିଥିଲେ। ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟର ମୂଲ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବିଧାନ ପ୍ରଦତ୍ତ ନିର୍ବାଚନୀ ଅଧିକାର ତଥା ଦାୟିତ୍ୱ କିପରି ଦେଶ ଗଠନରେ ସହାୟକ ସେ ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ଇଆରଓ ଯୁବପିଢ଼ିଙ୍କ ପାଇଁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ଓ ବର୍ତ୍ତମାନ ଚାଲୁ ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୋଗ୍ୟ ନାଗରିକ ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ସହ ନିଜ ଅଧିକାର ସାବ୍ୟସ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ।



## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଠାକୁରମୁଣ୍ଡା,୨୦।୮(ସମିସ):ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କ ବଦଳି ହୋଇଥିବାବେଳେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ କର୍ମେଲା ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ସନ୍ତୋଷ ମିଶ୍ର ଯୋଗଦେଇ ବଳରାମ ସ୍ୱାଇଁଙ୍କୁ ଜଣେ ସଫଳ ଓ ଆଦର୍ଶ ଶିକ୍ଷକ ବୋଲି ଅଭିହିତ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜ ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗଦେଇ ବଳରାମ ସାରଙ୍କ ସହିତ ବିତିଥିବା ସମୟ ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ଏ ଅବସରରେ କେଶଡିହା ପିଏମଶ୍ରୀ ବିଦ୍ୟାଳୟ, ବୋର୍ଡିଂ ଆଶ୍ରମ, ହାତୀଗୋଡ଼ା ଆଶ୍ରମ, ପରିଚାଳନା କମିଟି, ନାରୀ ଶକ୍ତି ଏସ୍‌ଏଚ୍‌ଜି, ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଲ୍ୟାଣ ବିଭାଗ ଜିଲ୍ଲା ସଭାପତି ଡିମ୍ପଲ ଦାସ, ପାଞ୍ଚପିଢ଼ ସଂଘ ସମ୍ପାଦକ ପ୍ରଶାନ୍ତ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ନଳରାଜ ସେଠୀ, ସାମ୍ବାଦିକ ଶରତ ତ୍ରିପାଠୀ, ସରପଞ୍ଚ ସୁଜିତ ଲୁଗୁନ, କବୟିତ୍ରୀ ପଦ୍ମାବତୀ ସିହ୍ନା, ଏବିଇଓ ସଂଯୁକ୍ତା ନାୟକ ପ୍ରମୁଖ ଯୋଗ ଦେଇଥିବାବେଳେ ଶିକ୍ଷୟିତ୍ରୀ ରଶ୍ମୀରେଖା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମନୋରଞ୍ଜନ ମହାନ୍ତ, ତରଣୀସେନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭେଷଜ ବିଶେଷଜ୍ଞ ପ୍ରମୋଥ ନାଥ ଭୂୟାଁଙ୍କ ପରଲୋକ



ବାରିପଦା, ୨୦।୮(ସମିସ): ମୟୂରଭଞ୍ଜ ଜିଲ୍ଲାର ସ୍ୱନାମଧନ୍ୟ ଭେଷଜ ବିଶେଷଜ୍ଞ ଡା ପ୍ରମୋଥ ନାଥ ଭୂୟାଁଙ୍କ ପରଲୋକ ଘଟିଛି। ଭାଦ୍ରବ ସଂକ୍ରାନ୍ତି ତଥା ନାଗପଞ୍ଚମୀ ତିଥି ମଙ୍ଗଳବାର ସନ୍ଧ୍ୟାରେ ବାରିପଦାସ୍ଥ ବାସଭବନରେ ସେ ଅସୁସ୍ଥ ହେବାରୁ ବାରିପଦାର ଏକ ଘରୋଇ ନର୍ସିଂହୋମକୁ ନିଆଯାଇଥିଲା। ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର ସମୟରେ ବାଟରେ ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଚାକିରିରୁ ଅବସର ପରେ ପରିଣତ ବୟସରେ ମଧ୍ୟ ସେ ସ୍ୱାସ୍ଥ୍ୟ ସେବା ଜାରି ରଖିଥିଲେ। ବାରିପଦା ସେବା ସଂଘର ସେ ସଭାପତି ଭାବେ ଦୀର୍ଘଦିନ ଦାୟିତ୍ୱ ତୁଲାଇ ଶେଷ ସମୟରେ ଉପଦେଷ୍ଟା ଭାବେ ସଂଘର ଦିଗଦର୍ଶନ ଦେଉଥିଲେ। ଗରିବ ପରିବାରେ ଜନ୍ମ ସ୍ୱର୍ଗତ ଭୂୟାଁ ମେଧାବୀ ଛାତ୍ର ଥିବାବେଳେ ବହୁ କଷ୍ଟରେ ଡାକ୍ତରୀ ଶିକ୍ଷା ଲାଭ କରି ଜିଲ୍ଲାର ବନ୍ୟାପ୍ରବଣ ଅଞ୍ଚଳ ବଡସାହି ବ୍ଲକର ମାଣତ୍ରୀ ଡାକ୍ତରଖାନା ପଞ୍ଚାୟତର ଏକ ମାଟି ଘରେ ଆରମ୍ଭରୁ ନିଜର ଚାକିରି ଆରମ୍ଭ କରିଥିଲେ। ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀରେ ସେତେବେଳେ ପୋଲ ନ ଥିବାରୁ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ମାଣତ୍ରୀ ଡାକ୍ତରଖାନାରେ ନିର୍ଭର କରୁଥିଲେ। ଆମ୍ବୁଲାନ୍ସ ଓ ଗାଡି ସୁବିଧା ନ ଥିବାବେଳେ ସେ ପିଅନ ସହିତ ସାଇକଲରେ ଗାଁ ଗାଁ ବୁଲି ସ୍ୱାସ୍ଥ୍ୟ ସେବା ଯୋଗାଉଥିଲେ। ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱ ନିର୍ବାହ କରି ସେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସହିତ ଚାକିରି କରିଥିବା ଡାକ୍ତର ଓ କର୍ମଚାରୀ ସମେତ ପିଢି ପରେ ପିଢି ସ୍ୱାସ୍ଥ୍ୟସେବା ପାଉଥିବା ପରିବାର ଶୋକବ୍ୟକ୍ତ କରି ଝୁରୁଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପୁଅଙ୍କ ଭୁବନେଶ୍ୱର ବାସଭବନ ଓ ପୁରୀ ସ୍ୱର୍ଗଦ୍ୱାରରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବଡପୁଅ ମୁଖାଗ୍ନି ଦେଇଛନ୍ତି।

## ଅଭିଯୋଗକାରୀଙ୍କୁ ପୁଲିସର ଅସଦବ୍ୟବହାର ଓ ଧମକ ଅଭିଯୋଗ

ବାରିପଦା, ୨୦।୮(ସମିସ): ଭଞ୍ଜପୁର ଥାନାରେ ଏକ ଚୋରି ମାମଲାର ତଦନ୍ତ ବେଳେ ମହିଳା ଅଧିକାରୀ (ଆଇଓ) ଜୟଶ୍ରୀ ସାହୁ ଅଭିଯୋଗକାରୀଙ୍କୁ ଅସଦବ୍ୟବହାର ଓ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ବାରିପଦା ଶଙ୍ଖପଙ୍ଗା ଅଞ୍ଚଳର ଅମିତ କୁମାର ମହାନ୍ତ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଅଭିଯୋଗ ପତ୍ରର ନକଲ ବାଲେଶ୍ୱର ଡିଆଜି ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଛନ୍ତି। ୧୮ ତାରିଖ ସକାଳ ୧୧ଟାରେ ମୁର୍ଗାବାଡିସ୍ଥ ତାଙ୍କ କାର୍ଯ୍ୟସ୍ଥଳରୁ ସେଣ୍ଟରିଂ ପ୍ଲେଟ ଚୋରି ହୋଇଥିବା ବିଷୟରେ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଥିଲା। ସେହିଦିନ ଅପରାହ୍ନ ୨ଟା ସମୟରେ ଥାନାରୁ ଫୋନ କରି ତାଙ୍କୁ ଆସିବାକୁ କୁହାଯାଇଥିଲା। ଥାନାରେ ପହଞ୍ଚିବା ପରେ ଆଇଓ ଜୟଶ୍ରୀ ସାହୁ ଅନ୍ୟ ପୁଲିସ କର୍ମଚାରୀଙ୍କ ସାମ୍ନାରେ ତାଙ୍କୁ ଅଭିଯୋଗକାରୀ ବଦଳରେ ଚୋର ଭାବି(ବୋଧହୁଏ) ଅସଦବ୍ୟବହାର ଓ ଧମକ ଦେଇଥିବା ଅଭିଯୋଗ କରାଯାଇଛି। ଅମିତ ଏହି ଘଟଣାର ତଦନ୍ତ କରି ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପିଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଆଇଆଇସି ରଶ୍ମିରଞ୍ଜନ ପୃଷ୍ଟିଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ଜାଣି ନ ଥିବା କହିବା ସହିତ ବୁଝି ଜଣାଇବେ କହିଛନ୍ତି।

● ନାଳ ମହାନାଳ ସଫେଇ ନ ହେବା ପଡ଼ିଲା ମହଙ୍ଗା

## ଲଗାଣ ବର୍ଷା ପାଇଁ ବିପଦରେ ଭିଆଇପି ରୋଡ୍

ବାରିପଦା, ୨୦।୮(ସମିସ): ବର୍ଷାଦିନ ପୂର୍ବରୁ ବାରିପଦା ସହରର ପ୍ରମୁଖ ନାଳ ଓ ମହାନାଳ ସଫେଇ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କରା ନ ଯିବା ବର୍ତ୍ତମାନ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଇଛି। ସହରର ପ୍ରମୁଖ ସଡ଼କ ପାଶ୍ୱର୍ରୁ ମାଟି ଧସୁଥିବାବେଳେ ୩ ଦିନ ତଳେ ବାରିପଦା ଓ ଭଞ୍ଜପୁର ରେଳ ଷ୍ଟେସନ ମଝିରେ ରେଳଧାରଣା ଦବି ଟ୍ରେନ ଚଳାଚଳ ବନ୍ଦ ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଥିଲେ ହେଁ ଶେଷ ହୋଇପାରୁନି। କିଛିଦିନ ତଳେ ସହରର ଭିଆଇପି ରୋଡ (ସତ୍ୟସାଇ ଛକ-ଦାରଗାଡାହି ଅଣ୍ଡରପାସ)ର ଭଞ୍ଜେଶ୍ୱର ଶିବମନ୍ଦିର ପାଶ୍ୱର୍ରେ ରାସ୍ତାର ଗାର୍ଡୱାଲ ଧସି ଯାତ୍ରୀବାହୀ ବସ ଓଲଟିଥିଲା। ମଙ୍ଗଳବାର ରାତିରେ ଏହା ଅପରପାଶ୍ୱର୍ରେ ଅନୁରୂପ ରାସ୍ତାରେ ବିରାଟ ଫାଟ ସୃଷ୍ଟି ଖବର ପାଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବିଜେଡି ନେତା ସୁଜିତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଜିଲ୍ଲାପାଳ, ଏସପି ଓ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସୂଚନା ଦେବାରୁ ସେମାନେ ରାତିରେ ଘଟଣାସ୍ଥଳ ପରିଦର୍ଶନ ପୂର୍ବକ ରାସ୍ତାରେ ଯାନବାହନ ପାର୍କିଂ ଓ ଚଳାଚଳ କଟକଣା ଜାରି କରି ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି।

ଅପରପକ୍ଷରେ ପୂର୍ବରୁ ବିପରୀତ ପାଶ୍ୱର୍ ଗାର୍ଡୱାଲ ଧସିବା ସମ୍ପର୍କରେ ବିଭାଗ ପକ୍ଷରୁ ୧୬ ଲକ୍ଷ ଟଙ୍କାର ଅଟକଳ ବିଭାଗ ପାଖକୁ ପଠାଯାଇଥିଲେ ହେଁ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ କାର୍ଯ୍ୟ ଆରମ୍ଭ ହୋଇନି। ସହରର ଜରାଳୀ, ସରାଳୀ ଓ ଶୁକଯୋଡା ୩ଟି ନାଳ ଓ ମହାନାଳ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଦୀର୍ଘଦିନ ଧରି ସଫା କରାଯାଉ ନ ଥିବାରୁ ଏକମାସ ଧରି ଲଗାଣ ବର୍ଷାରେ ସହର ଓ ସହର ପୂର୍ବରୁ ଉଦବୃତ୍ତ ବର୍ଷାଜଳ ବୁଢାବଳଙ୍ଗ ନଦୀକୁ ସ୍ୱାଭାବିକ ନିଷ୍କାସିତ ହୋଇ ନ ପାରିବାରୁ ଜମି ରହି ଉପରୋକ୍ତ ସମସ୍ୟା ଆଣୁଛି। ସହର ମଧ୍ୟ ଦେଇ ଯାଇଥିବା ପ୍ରତିଟି ସଡକ ଓ ରେଳପଥ ବର୍ତ୍ତମାନ ଅସୁରକ୍ଷିତ ହୋଇରହିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ସମସ୍ତ ବିଭାଗର ଏକ ସମନ୍ୱୟ ବୈଠକ ଡାକି ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା ପୂର୍ବକ ସରକାରଙ୍କଠାରୁ ଅର୍ଥ ମଞ୍ଜୁର କରାଇ ନିଜ ସହରର ସ୍ଥାୟୀ ସମାଧାନ କାର୍ଯ୍ୟ ସମ୍ପାଦନ ପାଇଁ ସହରବାସୀ ଦାବି କରୁଛନ୍ତି।

## ଶୁକ୍ଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ବୁଲି ଦେଖିଲେ ବିଜେଡି କର୍ମୀ

ଶୁକ୍ଳି,୨୦।୮(ସମିସ): ଶୁକ୍ଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ରୋଗୀ ଓ ସାଧାରଣ ଲୋକେ ଯାତାୟାତରେ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ଏ ସମସ୍ୟା ସମ୍ପର୍କରେ ଖବର ପାଇ ଯଶିପୁର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ପୂର୍ବତନ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କ ସମେତ ଦଳର ଅନେକ କର୍ମୀ ଶୁକ୍ଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଡାକ୍ତରଖାନାକୁ ଯିବା ରାସ୍ତାରେ ଜମି ରହୁଥିବା ପାଣି ସମସ୍ୟାକୁ ଅନୁଧ୍ୟାନ କରିଥିଲେ। ରୋଗୀ, ସମ୍ପର୍କୀୟ ଓ ସାଧାରଣ ଲୋକଙ୍କ ଯାତାୟାତରେ ଯେପରି ଅସୁବିଧା ନ ହୁଏ, ସେଥିପାଇଁ ସମସ୍ୟାର ସମାଧାନ ନିମନ୍ତେ ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ଚେଷ୍ଟା କରିବେ ବୋଲି ଚକ୍ରଧର ହେମ୍ବ୍ରମ ପ୍ରତିଶ୍ରୁତି ଦେଇଥିଲେ। ତେବେ ଡାକ୍ତରଖାନା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯିବା ରାସ୍ତାରେ ଦୀର୍ଘଦିନ ଧରି ପାଣି ଜମି ରହିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ମଧ୍ୟ ତୁରନ୍ତ ସ୍ଥାୟୀ ସମାଧାନ ଦାବି କରିଛନ୍ତି।



■ ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟର ସଂଘ ମୟୂରଭଞ୍ଜ ଶାଖାର ନିର୍ବାଚନ

## ସନତ ସଭାପତି, ବିକାଶ ସମ୍ପାଦକ ନିର୍ବାଚିତ

ବାରିପଦା, ୨୦।୮(ସମିସ): ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟର ସଂଘ ମୟୂରଭଞ୍ଜ ଶାଖାର ବାର୍ଷିକ ଅଧିବେଶନ ବାରିପଦା ଡିପ୍ଲୋମା ଇଂଜିନିୟର ସେବା ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ ସନତ କୁମାର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଜୋନର ସଂଯୋଜକ ଡ. ଇଂ ହୃଷିକେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ଜୀବନରେ ଇଂଜିନିୟରମାନେ ସମାଜ ପାଇଁ କିଛି କାମ କରିବା ଉଚିତ ବୋଲି ମତ ରଖିଥିଲେ। ମୟୂରଭଞ୍ଜ ଶାଖାର ଉପଦେଷ୍ଟା ଇଂ ଜଗଦୀଶ ବେହେରା, ଉପସଭାପତି ଇଂ ହୃଦେଶ୍ୱର ବେହେରା, ସଂଗଠନ ସହସଂପାଦକ ଇଂ ମନୋଜ ଦଳବେହେରା ଉକ୍ତ ଆଲୋଚନାରେ ବକ୍ତବ୍ୟ ରଖିଥିଲେ। ଶେଷରେ ୨୦୨୬-୨୮ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ଇଂ ଜଗଦୀଶ ବେହେରା, ସଭାପତି ଇଂ ସନତ କୁମାର ମଣ୍ଡଳ, ଉପସଭାପତି ଇଂ ହୃଦେଶ୍ୱର ବେହେରା, ସମ୍ପାଦକ ବିକାଶ କୁମାର ପାଣି, ସହସଂପାଦକ (ସଂଗଠନ) ଇଂ ମନୋଜ ଦଳବେହେରା, ସହସଂପାଦକ (ଅର୍ଥ) ଇଂ ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ଇଂ ହରିଶ ଚନ୍ଦ୍ର ଦ୍ୱାରୀ, ଅଡିଟର୍ ଇଂ ଅଜୟ କୁମାର ବେହେରା, କାର୍ଯ୍ୟକାରୀ ସମିତି ସଦସ୍ୟ ଇଂ ସର୍ବେଶ୍ୱର ପରିଡା, ଇଂ ତପନ କୁମାର ମହାପାତ୍ର, ଇଂ ନରେନ୍ଦ୍ରନାଥ ସି, ଇଂ ବିଶ୍ୱରଞ୍ଜନ ପଣ୍ଡା, ଇଂ ଅମୀୟ କୁମାର ଗିରି, ଇଂ ଚିତ୍ତରଞ୍ଜନ ନାୟକ, ଇଂ ଭବାନୀ ଶଙ୍କର ମହାନ୍ତ, ଇଂ ଯୁଧିଷ୍ଠିର ମହାନ୍ତ ଓ ଇଂ ଜଗଦୀଶ ସାହୁ ନିର୍ବାଚିତ ହୋଇଥିଲେ।




## ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦଯାପିତ




ବାରିପଦା,୨୦।୮(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ୧୦ ତାରିଖରେ ଆରମ୍ଭ ହୋଇଥିବା ଏହି ଶିବିରରେ ମହାବିଦ୍ୟାଳୟର ୩୦୦ ଛାତ୍ରୀ ପ୍ରଶିକ୍ଷିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲର ସଂଯୋଜିକା ତଥା ପ୍ରାଣିବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ ସୁଶ୍ରୀ ସଂଗୀତା ପତି ଅତିଥି ପରିଚୟ ସହ ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ମତ ରଖିଥିଲେ। ଅଧ୍ୟକ୍ଷ ଡ ଚନ୍ଦ୍ରକାନ୍ତ ଦାସ ସଭାପତିତ୍ୱ କରିଥିଲେ। ତିନିଜଣ ପ୍ରଶିକ୍ଷିକା କ୍ରିଷ୍ଣା ରାଉତ, ସିଲୁ ବେଣ୍ଡକାର, ତୃପ୍ତିରେଖା ଜେନା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ଅନୁଭୂତି ପ୍ରକାଶ କରିବା ସହିତ କୌଣସି ପରିସ୍ଥିତିରେ ନିଜକୁ ଦୁର୍ବଳା ନ ଭାବି ଆତ୍ମବିଶ୍ୱାସର ସହ ଲଢ଼ିଲେ, କେହି ଆମକୁ ହରାଇପାରିବେନାହିଁ ବୋଲି ଛାତ୍ରୀଙ୍କୁ କହିଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷିକା ତନିସ୍କା ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି

ଠାକୁରମୁଣ୍ଡା, ୨୦।୮(ସମିସ): ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି ସହିତ ଓଡ଼ିଶାରେ ଦ୍ୱିତୀୟ ରାଜ ମାନ୍ୟତା ଦାବିରେ ରାଜଭବନ ଅଭିମୁଖେ ପଦଯାତ୍ରା ୧୬ ତାରିଖଠାରୁ ତିରିଂଠାରୁ ଭୁବନେଶ୍ୱର ରାଜଭବନ ଅଭିମୁଖେ ପଦଯାତ୍ରା ଆରମ୍ଭ ହୋଇଛି। ପଦଯାତ୍ରୀ ଦଳ ଆଜି ପଦଯାତ୍ରାରେ ଆସି ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବୀର ବିର୍ସା ମୁଣ୍ଡା କମିଟି, ଜାମଦା କମିଟିର ସଭାପତି ଘନଶ୍ୟାମ ପିଙ୍ଗୁଆ ଏହି ପଦଯାତ୍ରାର ନେତୃତ୍ୱ ନେଉଛନ୍ତି। ଠାକୁରମୁଣ୍ଡାକୁ ପଦଯାତ୍ରାରେ ପହଞ୍ଚିବା ପରେ ସାଲାଇବେଡାର ପୂର୍ବତନ ସରପଞ୍ଚ ସୁକୁଲାଲ ପାଳିଆ ସେମାନଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଏହି ପଦଯାତ୍ରାରେ ରାମେଶ୍ୱର କଣ୍ଡାଙ୍କେଲ, ଜଟିଆ ସାଉଁୟା, କୃଷ୍ଣଚନ୍ଦ୍ର କାରୁଆ, ଦାମୋଦର ପୂର୍ତ୍ତି, ବିଶିଷ୍ଟ ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇ, ଜମାଦାର ବାଲମୁଚୁ, ଗୋପିନାଥ ହାଇବୁରୁ, ତୁରୀରାମ ବିରୁଆ, ସଞ୍ଜୟ ହେମ୍ବ୍ରମ, ଡାକ୍ତର ବିରୁଆ, ଗୁଲୁ ହୋ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ଅଛନ୍ତି। ପଦଯାତ୍ରୀ ଦଳ କହିଛନ୍ତି, ସେମାନେ ଭୁବନେଶ୍ୱର ରାଜଭବନ ପର୍ଯ୍ୟନ୍ତ ପହଞ୍ଚି ଅଗଷ୍ଟ ୨୪ ତାରିଖ ଦିନ ରାଜ୍ୟପାଳଙ୍କୁ ଭେଟି ହୋ ଭାଷା ସଂକ୍ରାନ୍ତିୟ ଦାବିପତ୍ର ପ୍ରଦାନ କରିବେ। ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହୋ ଭାଷା ଭାଷୀ ଲୋକ ବସବାସ କରୁଥିବାବେଳେ ସମଗ୍ର ଭାରତ ବର୍ଷରେ ସେମାନଙ୍କର ସଂଖ୍ୟା ପ୍ରାୟ ୫୦,୦୦୦ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି। ତେଣୁ ଦାବି ପୂରଣ ଦିଗରେ ସରକାର ଯତ୍ନବାନ ହେବାକୁ ସରକାର ତତ୍ପରତା ପ୍ରକାଶ କରିବାକୁ ସେମାନେ ଦାବି କରିଛନ୍ତି।

## ବେଆଇନ କରତକଳ ଉପରେ ଚଢ଼ଉ, ଦୁଇ ଗିରଫ

● ମେସିନ ସହ ଦେଢ଼ ଲକ୍ଷ ଟଙ୍କାର କାଠ ଓ ଦୁଇଟି ଗାଡ଼ି ଜବତ

ରାସଗୋବିନ୍ଦପୁର,୨୦।୮(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନ ବଡ଼ାମପୁର ସେକ୍ସନ ଅନ୍ତର୍ଗତ ବଧି କୁଚବଣିଆରେ ବେଆଇନ ଭାବେ ଚାଲୁଥିବା କରତ କଳ ଉପରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧ ଲକ୍ଷ ୫୦ ହଜାର ଟଙ୍କାର କାଠ, ଏକ ହୋଣ୍ଡା ଆକ୍ଟିଭା ସ୍କୁଟି ଓ ଏଚଏଫ ଡିଲକ୍ସ ବାଇକ ଜବତ କରାଯାଇଛି। ଏଥିସହିତ ବଡାମପୁର ଗ୍ରାମର ପ୍ରମୋଦ ମହାନ୍ତ ଓ ସମାଇଡ଼ିହି ଗ୍ରାମର ରବୀନ୍ଦ୍ର ବେହେରାଙ୍କୁ ଗିରଫ ମଧ୍ୟ କରିଛି ବନ ବିଭାଗ। ଉକ୍ତ ଚଢ଼ଉ ଏସିଏଫ ମେହେରବାନ ଅଲ୍ଲୀଙ୍କ ନେତୃତ୍ୱରେ ହୋଇଥିବାବେଳେ ବେତନଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକ, ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ଦୀପକ ପାତ୍ର ଓ ବନ ବିଭାଗ କର୍ମଚାରୀ ଚଢ଼ଉରେ ସାମିଲ ଥିଲେ।



# କଂଗ୍ରେସର ବନ୍ୟାଞ୍ଚଳ ପରିଦର୍ଶନ ଓ ସମୀକ୍ଷା

ବଡ଼ସାହି,୨୦।୮(ସମିସ): ବଡ଼ସାହି ବ୍ଲକରେ ଲଗାତର ୩ଟି ବନ୍ୟାରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବାବେଳେ ପରିବା ଚାଷ ବ୍ୟାପକ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ପଞ୍ଚାୟତ ରାସ୍ତା, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ରାସ୍ତା ଧସିଯିବା ସହିତ ପ୍ରବଳ ସ୍ରୋତରେ ଧୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବୁଢାବଳଙ୍ଗ ନଦୀର ପ୍ରତାପପୁରର ନଦୀ ପାଶ୍ୱର୍ ପୂର୍ତ୍ତ ବିଭାଗ ରାସ୍ତା ଧସି ପଥର ପ୍ୟାକିଂ ସବୁ ନଦୀ ଗର୍ଭକୁ ଚାଲିଯାଇଥିବା ବେଳେ ରାସ୍ତାଟି ମଧ୍ୟ ଅଧା ଧୋଇଯାଇଛି। ଏହାକୁ ଯଦି ଯୁଦ୍ଧକାଳୀନ ଭିତିରେ ମରାମତି କରାନଯାଏ ତେବେ ପ୍ରତାପପୁର ସହିତ ସାନନୂଆଗାଁ, ପ୍ରତିମାଦେଇପୁର ଓ ବାଥୁଡିବନ୍ଧ ଗ୍ରାମରେ ପାଣି ପଶିବ ବୋଲି ସରପଂଚ ହରିଶଙ୍କର ନାଏକ ପ୍ରକାଶ କରିଛନ୍ତି। ଖବରପାଇ ଜଳସେଚନ ବିଭାଗର ଏସଡି, ଏସଡିଓ ଓ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଖୁବଶୀଘ୍ର ମରାମତି ହେବାର ପ୍ରତିଶୃତି ଦେଇଥିବାର ଜଣାଯାଇଛି। ସେହିପରି ବୁଢାବଳଙ୍ଗ ନଦୀର ଶାକୁଆରେ ଭେଡିବନ୍ଧ ଭାଙ୍ଗିଥିବା ବେଳେ କୁଂଚିବଣିଆରେ ଠାରେ ଗଙ୍ଗାହାର ନଦୀର ବନ୍ଧ ଭାଙ୍ଗିଛି। ଯାହାକି ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଥିବା ବେଳେ ବହୁ ଚାଷ ଜମି ଓ ରାସ୍ତା ଜଳମଗ୍ନ ହୋଇଛି। ବହୁ କଚା ଓ ମାଟି ଛପର ଘର ଭାଙ୍ଗିଥିବା ବେଳେ ଲୋକମାନେ ବେସାହାରା ହୋଇଯାଇଛନ୍ତି।



ମାଟି କାନ୍ଥ ଘରେ ଲୋକମାନେ ରହିବାକୁ ଉଚିତ ମଣୁନାହାନ୍ତି। ଦୁର୍ଗାପୁର ପଂଚାୟତ ଟିକରବାଟୀ ଗ୍ରାମର ସନ୍ତୋଷ ମହାନ୍ତଙ୍କ ଘର ଏହି ଲଘୁଚାପଜନିତ ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭୂଷୁଡି ପଡିଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମାତ୍ର ଘରର ସମସ୍ତ ଆସବାବାପତ୍ର, ଧାନଚାଉଳ, ଟଙ୍କା, ଦାରମାରୀ କାଗଜପତ୍ର ନଷ୍ଟ ହୋଇଥିବାର ଜଣାଯାଇଛି। ସେମାନେ ପରପିଣ୍ଡାରେ ଆଶ୍ରୟ ନେଉଥିବାର ଜଣାଯାଇଛି। କ୍ଷତିପୂରଣ ସହିତ ତୁରନ୍ତ ତାଙ୍କୁ ଘର ଖଣ୍ଡେ ଯୋଗାଇ ଦେବାକୁ ଦାବି ହୋଇଛି।

ଲୋକଙ୍କ ଦୁର୍ଦ୍ଦଶା ଲାଗି ରହିଥିବାବେଳେ ବହୁ ଘରେ ଚୁଲି ଜାଳି ରୋଷେଇ କରିବା ସମ୍ଭବ ହେଉନାହିଁ। ଏହାକୁ ନେଇ ବ୍ଲକ୍ କଂଗ୍ରେସ ପକ୍ଷରୁ ନିର୍ବାଚନମଣ୍ଡଳୀର ବିଏଲଏ ପ୍ରକାଶ କର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଂଚିବଣିଆ, ଜଡିଦା, ପାଳପାଟଣା, ଡୁମୁରିଆ, ଆଗ୍ରିଆ, ନୁଣୁକୁଆ, ଭୂରୁଡିହା, ଧନାପାଳ, କୁଡିମୁଣ୍ଡା, ମହୁପୁରା, ସର୍ବେଶ୍ୱରପୁର ଓ ଟୁଣା ଗମ୍ଭାରିଆ ଗ୍ରାମର ଗ୍ରାଉଣ୍ଡ ଜିରୋରେ ଫହଚି ଲୋକଙ୍କ ସମସ୍ୟା ବୁଝିବା ସହିତ ଏହାର ସମାଧାନ କିପରି ହୋଇପାରିବ ଆଲୋଚନା କରିଛନ୍ତି। ଖୁବ ଶୀଘ୍ର ସେମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବୀ ଉପସ୍ଥାପନ କରିବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କ ସହିତ ବ୍ଲକ୍ ସଭାପତି ଶଶାଙ୍କଶେଖର କର, ଯୁବ କଂଗ୍ରେସ ସଭାପତି ଦିପ୍ତିଭାନୁ ସେନାପତି, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା, ଉପସଭାପତି ସୁରେଶ ଚନ୍ଦ୍ର ପତି, ପୂର୍ବତନ ସମିତି ସଭ୍ୟ ରୁହ୍ୟା ସିଂ ଓ ଗଣେଶ୍ୱର ମହାଳିକ, ପୂର୍ବତନ ସରପଂଚ ବିରଂଚିନାରାୟଣ ମହାପାତ୍ର, ମହିଳା ଉପସଭାପତି ମିନାକ୍ଷୀ ପଣ୍ଡା, ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ଜେନା, ସମ୍ପାଦକ ନଟବର ମହାନ୍ତ ପ୍ରମୁଖ ସାମିଲ ଥିବାର ଜଣାଯାଇଛି। ଏହି ଟିମ୍ ବିଭିନ୍ନ ଗ୍ରାମରେ ଶୁଖିଲା ଖାଦ୍ୟ ମଧ୍ୟ ବଂଟନ କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଜଣେ ବ୍ୟକ୍ତିର ପଡ଼ୋଶୀ ବେରୋଜଗାର ହେଲେ 'ପାରିପାର୍ଶ୍ୱିକ-ସ୍ଥାଣୁତା' ସୃଷ୍ଟି ହୁଏ, ନିଜେ ସେହି ପରିସ୍ଥିତିରେ ପଡ଼ିଲେ ତା' ପାଇଁ ଅବସାଦ ଜନ୍ମ ନିଏ।

-ଏଚ୍ ଏସ୍ ଟ୍ରୁମ୍ୟାନ୍

## ଏମାନେ ଗରିବ ବୋଲି?

ବିଶ୍ୱର କେଉଁ ଅଞ୍ଚଳରେ ଯଦି ଯୁଦ୍ଧ ହୁଏ ପ୍ରବାସୀ ଭାରତୀୟଙ୍କୁ ଉଦ୍ଧାର କରିବାକୁ ଭାରତ ସରକାର ତତ୍ପର ହୋଇପଡ଼ନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିମାନ ଯୋଗେ ସେମାନଙ୍କୁ ଉଦ୍ଧାର କରାଯାଏ। ଏହାର ଉଦାହରଣ ବହୁଳ। ୨୦୧୩ରେ ଉତ୍ତରାଖଣ୍ଡରେ ବନ୍ୟାଦୁର୍ଗତଙ୍କୁ ଉଦ୍ଧାର କରିବା ପାଇଁ ଗୁଜରାଟରୁ ହେଲିକପ୍ଟର ଆସିଲା। ୨୦୨୩ରେ ଉତ୍ତରାଖଣ୍ଡ ସିଲ୍‌କ୍ୟାରା ସୁଡ଼ଙ୍ଗ ଭୁଶୁଡ଼ିବା ପରେ ତା'ମଧ୍ୟରୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ-ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସମାଗମ ହେଲା। କୌଣସି ନଳକୂପ ଗର୍ତ୍ତରେ ଅସାବଧାନତାବଶତଃ ଖସିପଡ଼ୁଥିବା ଶିଶୁଙ୍କୁ ଉଦ୍ଧାର ପାଇଁ ପ୍ରାଣପଣେ ଉଦ୍ଧାର ଉଦ୍ୟମ କରାଯିବାର ଦୃଷ୍ଟାନ୍ତ ମଧ୍ୟ ବହୁଳ।

ଏ ସବୁ ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ଜୀବନର ମୂଳ ଅମୂଲ୍ୟ। ତେଣୁ ଜଣେ ମଧ୍ୟ ଜୀବିତଙ୍କୁ ବିପଦରୁ ଉଦ୍ଧାର କରିବା ପାଇଁ ସବୁ କଳ-ବଳ-କୌଶଳ ଉପଯୋଗ କରିବାରେ ହେଳା କରାଯାଏ ନାହିଁ। ଏଥିରେ ଅବହେଳାକୁ ଅମାନବୀୟ କାର୍ଯ୍ୟ ସହିତ ତୁଳନା କରାଯାଏ। କିନ୍ତୁ ଏହାର ସମ୍ପୂର୍ଣ୍ଣ ବିପରୀତ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକରେ। ଉକ୍ତ ବ୍ଲକସ୍ଥିତ ଏକ ଆଶ୍ରମସ୍କୁଲ୍‌ର ପାଖାପାଖି ୨୫୦ ଜଣ ଛାତ୍ରଛାତ୍ରୀ ଚାରିଦିନ ଧରି ବନ୍ୟାପାଣି ଘେରରେ ଫସି ରହିଥିଲେ ମଧ୍ୟ ସେମାନଙ୍କୁ ଉଦ୍ଧାର କରିବାରେ ପ୍ରଶାସନ ଚରମ ଉଦାସୀନତା ପ୍ରଦର୍ଶନ କରିଛନ୍ତି। ଏବେ ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ସେଠାରେ ଧନିକ ଶ୍ରେଣୀର କିମ୍ବା ନେତାମନ୍ତ୍ରୀ କିମ୍ବା ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ପିଲାମାନେ ପଢୁଥା'ନ୍ତେ ତେବେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସମାନ ଆଭିମୁଖ୍ୟ ପୋଷଣ କରିଥା'ନ୍ତା କି? ଆଶ୍ରମ ସ୍କୁଲ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଗରିବ ବର୍ଗର ହୋଇଥିବାରୁ ସେମାନଙ୍କ ଜୀବନ ପ୍ରଶାସନ ଦୃଷ୍ଟିରେ ଗୌଣ ହୋଇଗଲା? ନା ଏହା ରାଜଧାନୀ କିମ୍ବା ମେଟ୍ରୋ ସହର ବଦଳରେ ପେଣ୍ଟପାଳ ପଞ୍ଚାୟତ ଭଳି ଏକ ଅଖ୍ୟାତ ଅଞ୍ଚଳରେ ଘଟିଥିବାରୁ ପ୍ରଶାସନ ସେତେଟା ଗୁରୁତ୍ୱ ଦେଲେ ନାହିଁ? ଏଭଳି ଏକାଧିକ ମାନବାଧିକାର ସହିତ ଜଡ଼ିତ ପ୍ରଶ୍ନବାଣ ପ୍ରଶାସନ ପ୍ରତି ଉଠିଛି।

କୋମଳମତି ଛାତ୍ରଛାତ୍ରୀ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ଧାରକୁ ଭୟକରନ୍ତି। ଆଖପାଖରେ ସାହାଭରସା କେହି ନାହାନ୍ତି। ଚାରିଆଡ଼େ ବନ୍ୟା ପାଣି। ପୁଣି ସେଥିରେ ସରୀସୃପମାନଙ୍କର ବିଚରଣର ଦୃଶ୍ୟ। ରାତିରେ ଚାରିଆଡ଼ କିଟିମିଟି ଅନ୍ଧାର। ଏଭଳି ଏକ ପରିବେଶରେ ଯୁବକଯୁବତୀଙ୍କ ମନରେ ମଧ୍ୟ ଛନକା ପଶିବ। କିନ୍ତୁ ପ୍ରଶାସନ କେବଳ ରନ୍ଧା ଖାଦ୍ୟ ଯୋଗାଇ ନିଜ ଦାୟିତ୍ୱ ସାରିଦେଲା। ଯଦି ପାଣିଘେରରେ ଥିବା ସ୍କୁଲ୍ ଘର କାନ୍ଥ ଭୁଶୁଡ଼ି ପଡ଼ିଥା'ନ୍ତା ଏବଂ ସେଥିଯୋଗୁଁ ଯଦି କିଛି ଅଘଟଣ ଘଟିଥା'ନ୍ତା ତାହାର ଉତ୍ତରଦାୟିତ୍ୱ କିଏ ମୁଣ୍ଡାଇ ଥା'ନ୍ତା? ସେଭଳି କିଛି ଅଘଟଣ ଘଟିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ନିଶ୍ଚିତ ହୋଇପାରିଥିଲେ କେଉଁ ଆଧାରରେ? ଯେଉଁ ଉଦ୍ଧାର କାର୍ଯ୍ୟ ଚାରିଦିନ ପରେ ହେଲା ତାହା ପ୍ରଥମ କିମ୍ବା ଅତିବେଶୀରେ ଦ୍ୱିତୀୟ ଦିନରେ ହୋଇପାରିଥା'ନ୍ତା। ଯଦି ବୋଟ୍ କିମ୍ବା ନୌକା ଯୋଗେ ଉଦ୍ଧାର କାର୍ଯ୍ୟ ସମ୍ଭବ ନଥିଲା ବିକଳ୍ପ ବ୍ୟବସ୍ଥା କରିବାରେ ଆମ ଦେଶ କିମ୍ବା ରାଜ୍ୟରେ ସମ୍ବଳର ଅଭାବ ନ ଥିଲା। ଏ କଥା କ'ଣ ଅଧିକାରୀମାନେ ଜାଣି ନଥିଲେ?

ଏହି ଘଟଣାରେ ଶାସନକଳର ଭୂମିକା ମଧ୍ୟ ଚର୍ଚ୍ଚାକୁ ଆସୁଛି। ଛାତ୍ରଛାତ୍ରୀମାନେ ପାଣି ଘେରରେ ବନ୍ଦୀ ହୋଇରହିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ଶାସନକଳର ଦୃଷ୍ଟିକୁ ଆସିଲା ନାହିଁ କିଭଳି? ପ୍ରଶାସନ କ'ଣ ଏ ବିଷୟରେ ଶାସନକଳକୁ ସୂଚିତ କରିବାକୁ ଉଚିତ ମନେ କଲା ନାହିଁ? ଶାସନ କଳ ପ୍ରଶାସନଠାରୁ ଜବାବ ତଲବ କରିଥିଲା? ଯଦି ପ୍ରଶାସନ ସୂଚନା ଦେଇ ନଥିଲା ତେବେ ଏ ପ୍ରକାର ଗୁରୁତର ଅବହେଳା ପାଇଁ ଜିଲ୍ଲାପ୍ରଶାସନକୁ କାରଣଦର୍ଶାଅ ନୋଟିସ୍ ଜାରି କରାଯିବ ନାହିଁ କାହିଁକି? ମୁଖ୍ୟମନ୍ତ୍ରୀ ସଦଳବଳ ଯାଜପୁର ଅଞ୍ଚଳରେ ନୌକାରେ ବନ୍ୟାଞ୍ଚଳ ପରିଦର୍ଶନ କଲେ। ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନୀୟ। କିନ୍ତୁ ନୌକା ଉପରୁ ବନ୍ୟା ପ୍ରପୀଡ଼ିତଙ୍କ ଅଭିବାଦନ ଗ୍ରହଣ ଏବଂ ଅନ୍ୟାନ୍ୟ ହାବଭାବର ଭିଡିଓ ଜାରି କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱାଗତଯୋଗ୍ୟ ଉଦ୍ୟମକୁ ନୌକାବିହାର ସହିତ ତୁଳନା କରାଯାଇଛି। ଏଭଳି ଆକ୍ଷେପ ମୂଲ୍ୟହୀନ। କିନ୍ତୁ ଏଥିସହିତ ଯେଉଁ ଅଭିଯୋଗଟି ଉଠିଛି ତାହା ଗୁରୁତ୍ୱପୂର୍ଣ୍ଣ। ଆରୋପ ହେଉଛି ଯେ ସରକାର ନୌକାବିହାରକୁ ଦେଇଥିବା ଅଗ୍ରାଧିକାର ଆଶ୍ରମସ୍କୁଲ୍ ପିଲାଙ୍କ ଉଦ୍ଧାର କାର୍ଯ୍ୟରେ ପରିଲକ୍ଷିତ ହେଲା ନାହିଁ। ଏହି ଆରୋପକୁ ହଠାତ୍ ହାଲ୍‌କା ଭାବେ ନିଆଯାଇପାରିବ ନାହିଁ।

ବାସ୍ତବତା ଯାହା ବି ହେଉ ନା କାହିଁକି କୋମଳମତି ଛାତ୍ରଛାତ୍ରୀଙ୍କୁ ବନ୍ୟା ଦୁର୍ଗତିରୁ ତୁରନ୍ତ ଉଦ୍ଧାର କରିବାରେ ଯେଉଁ ଆନ୍ତରିକତା ଓ ସମ୍ବେଦନଶୀଳତା ରହିବା କଥା ତାହା ହୋଇ ନାହିଁ - ଏହା ଅନସ୍ୱୀକାର୍ଯ୍ୟ। ଏହା ଶାସନକଳର ସମ୍ବେଦନହୀନତା କିମ୍ବା ପ୍ରଶାସନର ଦାୟିତ୍ୱହୀନତା ତାହା ଏବେ ଆଉ ଗୁରୁତ୍ୱ ରଖେ ନାହିଁ। ଏବେ ପ୍ରଶ୍ନ ହେଉଛି ଏହି ଅବହେଳା ଓ ଯତ୍ନହୀନତା କାହିଁକି? ଯଦି କିଛି ଅଘଟଣ ଘଟିଥା'ନ୍ତା ତେବେ ଉତ୍ତରଦାୟିତ୍ୱକୁ ଏ କାନ୍ଧରୁ ସେ କାନ୍ଧକୁ ଠେଲି ଦିଆଯାଇଥା'ନ୍ତା। ରକାରଙ୍କ ସମ୍ବେଦନଶୀଳତା କେବଳ ଅନୁକମ୍ପା ରାଶି ଘୋଷଣା ଓ ଦୁଃଖପ୍ରକାଶରେ ସୀମିତ ରହିଯାଇଥା'ନ୍ତା। ପିତାମାତା ଓ ଅଭିଭାବକ ହିଁ ବାସ୍ତବ କ୍ଷତି ସହିଥା'ନ୍ତେ, ଯାହା ଭରଣାଯୋଗ୍ୟ ନୁହେଁ।

ଗୋଟିଏ ପଟେ 'ଶୂନ୍ୟ ଜୀବନ ହାନି'ର ସ୍ଲୋଗାନ୍ ଏବଂ ଅନ୍ୟପଟେ ଅଢ଼େଇଶହ ପିଲାଙ୍କ ଜୀବନ ସହିତ ବାଜି। ଜଗନ୍ନାଥଙ୍କ କୃପାରୁ କିଛି ଅଘଟଣ ଘଟିନାହିଁ। କିନ୍ତୁ ଏଭଳି ଅବହେଳା ଆଦୌ କ୍ଷମାଯୋଗ୍ୟ ନୁହେଁ। ●

# ଜେନ୍-ଜେଡ୍ ଓ 'ଦିମାଗୀ ନକ୍ସଲ' ରାଜନୀତି

**ଇଂ. ଅମର ବେହେରା**

ଭାରତୀୟ ରାଜନୀତିର ଚିରାଚରିତ ସମୀକରଣକୁ ବଦଳାଇ ଦେଇଛି ନୂତନ ପିଢ଼ି ବା ଜେନ୍-ଜେଡ୍। ଆଜିର ସମୟରେ ଏହି ପିଢ଼ି କେବଳ ସାମାଜିକ ଗଣମାଧ୍ୟମର ବିଷୟବସ୍ତୁ ମଧ୍ୟରେ ସୀମିତ ନାହାନ୍ତି। ସେମାନେ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ନିର୍ବାଚନ ଫଳାଫଳକୁ ନିୟନ୍ତ୍ରଣ କରିବାରେ ଏକ ପ୍ରମୁଖ ଓ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ସମସ୍ତ ପ୍ରମୁଖ ରାଜନୈତିକ ଦଳମାନଙ୍କୁ ନୂତନ ରଣନୀତି ପ୍ରସ୍ତୁତ କରିବାକୁ ବାଧ୍ୟ କରିଛି।

ବର୍ତ୍ତମାନ ସମୟରେ ପ୍ରତ୍ୟେକ ବଡ଼ ରାଜନୈତିକ ଦଳ ଏହି ନବ୍ୟ-ଭୋଟର ବା ପ୍ରଥମ ଥର ଭୋଟ୍ ଦେଉଥିବା ଯୁବପିଢ଼ିଙ୍କ ସମର୍ଥନ ହାସଲ କରିବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ରାଜନୈତିକ ନେତାମାନେ ପାରମ୍ପରିକ ସଭାସମିତି ଛାଡ଼ି ଏବେ ଡିଜିଟାଲ୍ ପ୍ଲାଟଫର୍ମ ଆଡ଼କୁ ମୁହାଁଇଛନ୍ତି। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଇନଷ୍ଟାଗ୍ରାମ ରିଲ୍ସ, ଏକ୍ସ (ଟୁଇଟର), ୟୁଟ୍ୟୁବ୍ ପଡକାଷ୍ଟ ଏବଂ ମିମ୍ସର ବ୍ୟାପକ ବ୍ୟବହାର କରାଯାଉଛି। ନେତାମାନେ ନିଜର ଭାବମୂର୍ତ୍ତିକୁ ଯୁବସୁଲଭ ଏବଂ ଆଧୁନିକ କରିବା ପାଇଁ ଲୋକପ୍ରିୟ ସାମାଜିକ ଗଣମାଧ୍ୟମର ଇନଫ୍ଲୁଏନ୍ସରମାନଙ୍କ ସହ ସାକ୍ଷାତକାର କରୁଛନ୍ତି। ଜେନ୍-ଜି ପିଢ଼ି କେବଳ ଧର୍ମ କିମ୍ବା ଜାତିର ପୁରୁଣା ନାରାକୁ ପସନ୍ଦ କରନ୍ତି ନାହିଁ; ସେମାନେ ରୋଜଗାର, ଗୁଣାତ୍ମକ ଶିକ୍ଷା, ଜଳବାୟୁ ପରିବର୍ତ୍ତନ, ସ୍ୱାଧୀନ ଅଭିବ୍ୟକ୍ତି ଏବଂ ମାନସିକ ସ୍ୱାସ୍ଥ୍ୟ ଭଳି ପ୍ରଗତିଶୀଳ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଅନ୍ତି। ତେଣୁ ସେମାନଙ୍କ ଭୋଟ୍‌କୁ ପୁଞ୍ଜି କରିବା ପାଇଁ ଦଳୀୟ ଇସ୍ତାହାରରେ ନୂତନ ଯୋଜନାମାନ ସ୍ଥାନ ପାଉଛି। ଏହି ପିଢ଼ିର ବିଶେଷତ୍ୱ ହେଉଛି ସେମାନଙ୍କର ନିର୍ଭୀକତା। ସେମାନେ ପ୍ରଶ୍ନ କରିବାକୁ ଭୟ କରନ୍ତି ନାହିଁ। କୌଣସି ସରକାରୀ ନୀତି କିମ୍ବା ନିଷ୍ପତ୍ତି ପସନ୍ଦ ନ ହେଲେ, ସେମାନେ ତୁରନ୍ତ ଡିଜିଟାଲ୍ ମାଧ୍ୟମରେ କିମ୍ବା ରାଜପଥକୁ ଓହ୍ଲାଇ ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ପିଢ଼ିର ସୂଚନା ଗ୍ରହଣ କରିବାର କ୍ଷମତା ଏବଂ ସତ୍ୟାସତ୍ୟ ଯାଞ୍ଚ କରିବାର ଶୈଳୀ ବହୁତ ତୀବ୍ର। ସେମାନେ ମିଥ୍ୟା ପ୍ରତିଶ୍ରୁତି ବା ଗେମିଫିକେସନକୁ ସହଜରେ ଚିହ୍ନି ପାରନ୍ତି। ଏହା ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। କାରଣ ଏହି ସଚେତନ ଯୁବପିଢ଼ିଙ୍କୁ ଭେଦଭାବର ପୁରୁଣା ରାଜନୀତି ଦେଇ ଭ୍ରମିତ କରିବା ସହଜ ନୁହେଁ।

ରାଜନୀତିରେ ଜେନ୍-ଜେଡ୍‌ର ଏହି ପ୍ରଭାବଶାଳୀ ଏବଂ ପ୍ରଶ୍ନବାଚୀ ଭୂମିକାକୁ ନେଇ କିଛିସମୟ ହେବ ଏକ ଭିନ୍ନ ବିତର୍କ ମଧ୍ୟ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ବକ୍ତବ୍ୟ ପରେ ଶାସକ ଏବଂ ଅନ୍ୟାନ୍ୟ ରାଜନୈତିକ ନେତାମାନେ 'ଦିମାଗୀ ନକ୍ସଲ' ଶବ୍ଦର ପ୍ରୟୋଗ ବାରମ୍ବାର କରୁଛନ୍ତି। ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରୁଥିବା ତଥା ଦେଶର ବିକାଶ ଓ ଏକତା ବିରୋଧରେ କାର୍ଯ୍ୟ କରୁଥିବା ବୈଚାରିକ ଶକ୍ତି ପ୍ରତି ସତର୍କ କରାଇ ଦେଇଥିଲେ। ଏହି ଆଧାରରେ ଅନେକ ନେତା ବର୍ତ୍ତମାନ ସେହି ଯୁବପିଢ଼ି, ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀମାନଙ୍କୁ 'ଦିମାଗୀ ନକ୍ସଲ' ବୋଲି ଆଖ୍ୟା ଦେଉଛନ୍ତି, ଯେଉଁମାନେ ସରକାରଙ୍କର ବିଭିନ୍ନ ନୀତିକୁ ତୀବ୍ର ସମାଲୋଚନା କରୁଛନ୍ତି କିମ୍ବା ଭିନ୍ନ ମତ ପୋଷଣ କରୁଛନ୍ତି। ତେବେ ଏହି ବିବାଦ ଏକ ନୂଆ ମୋଡ଼ ନେଇଛି। ଏହି ଆକ୍ଷେପରୁ ଦୂରେଇ ରହିବା ପରିବର୍ତ୍ତେ ଅନେକ ପ୍ରମୁଖ ବିରୋଧୀ ଦଳର ନେତା ଏବଂ ସାମାଜିକ ଗଣମାଧ୍ୟମର ଯୁବଗୋଷ୍ଠୀ ନିଜକୁ ଗର୍ବର ସହ 'ଦିମାଗୀ ନକ୍ସଲ' ବୋଲି ଘୋଷଣା କରିବା ଆରମ୍ଭ କରିଛନ୍ତି। ସେମାନେ ଏହି ଶବ୍ଦକୁ ସରକାରଙ୍କ ବିରୋଧରେ ଏକ ରାଜନୈତିକ ଅସ୍ତ୍ର ଏବଂ ବ୍ୟଙ୍ଗ ଭାବରେ ବ୍ୟବହାର କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ସାମାଜିକ ଗଣମାଧ୍ୟମରେ ଲେଖିଥିଲେ, 'ମୁଁ ଜଣେ ଦିମାଗୀ ନକ୍ସଲ ହେବା ପାଇଁ ଗର୍ବିତ।' ସେହିପରି 'ଆପ୍' ଆବାହକ ଅରବିନ୍ଦ କେଜ୍ରିୱାଲ ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତି ମଧ୍ୟ କହିଛନ୍ତି ଯେ ଯଦି ସରକାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଅଧିକାର ଉପରେ ପ୍ରଶ୍ନ କଲେ କେହି ନକ୍ସଲ ହୋଇଯାଏ, ତେବେ ସେମାନେ ଏହି ଆଖ୍ୟା ଗ୍ରହଣ କରିବାକୁ ପ୍ରସ୍ତୁତ।

ବିରୋଧୀ ଦଳ ଏହି ଆକ୍ଷେପକୁ ନିଜର ରାଜନୈତିକ ଫାଇଦା ପାଇଁ ଏକ ଯୋଜନାବଦ୍ଧ ରଣନୀତି ଅନୁଯାୟୀ ବ୍ୟବହାର କରୁଛନ୍ତି। ପ୍ରଥମତଃ, ବିରୋଧୀ ଏବଂ ଜେନ୍-ଜେଡ୍ ଗ୍ରୁପ୍‌ଗୁଡ଼ିକ 'ଦିମାଗୀ' ଶବ୍ଦକୁ ଉଗ୍ରବାଦରୁ ହଟାଇ 'ନିଜ ବୁଦ୍ଧି ପ୍ରୟୋଗ କରୁଥିବା ବ୍ୟକ୍ତି' ଭାବେ ଉପସ୍ଥାପନ କରୁଛନ୍ତି। ଡିଜିଟାଲ୍ ମାଧ୍ୟମରେ 'ଦିମାଗୀ ନକ୍ସଲ ଜନତା ପାର୍ଟି'(ଡିଏନ୍‌ଜିପି) ଭଳି ବ୍ୟଙ୍ଗାତ୍ମକ ମିମ୍ସ ଆନ୍ଦୋଳନ ଆରମ୍ଭ କରି ଶାସକ ଦଳର ଗମ୍ଭୀର ଆରୋପକୁ ସେମାନେ ହାଲୁକା କରିବାକୁ ଚେଷ୍ଟା କରୁଛନ୍ତି। ଦ୍ୱିତୀୟତଃ, ନିଜକୁ ଏହି ଆଖ୍ୟା ଦେଇ ନେତାମାନେ ଯୁବପିଢ଼ିଙ୍କୁ ବାର୍ତ୍ତା ଦେଉଛନ୍ତି ଯେ ଯଦି ଆପଣ ବେକାରୀ, ପ୍ରଶ୍ନପତ୍ର ଲିକ୍ କିମ୍ବା ମହଙ୍ଗା ମାଡ଼ ଉପରେ ପ୍ରଶ୍ନ କରିବେ, ତେବେ ଆପଣଙ୍କୁ ସରକାରୀ ବିରୋଧୀ ଆଖ୍ୟା ଦିଆଯିବ। ଏହା ସରକାରଙ୍କୁ ଆଲୋଚନା-ବିରୋଧୀ ଭାବେ ଚିତ୍ରିତ କରି ଜେନ୍-ଜେଡ୍ ଭୋଟରଙ୍କ ସହାନୁଭୂତି ହାସଲ କରିବାର ଏକ ପ୍ରୟାସ।

ଆଜିର ରାଜନୀତିର ସବୁଠାରୁ ବଡ଼ ପ୍ରହସନ ହେଉଛି, ଜେନ୍-ଜେଡ୍‌ର ସ୍ୱାଭାବିକ ଆକ୍ରୋଶ ଓ ସରଳତାକୁ ରାଜନୈତିକ ଦଳଗୁଡ଼ିକ ନିଜର ସ୍ୱାର୍ଥ ପାଇଁ ଏକ ସାମଗ୍ରୀ ବା ପ୍ରଡକ୍ଟରେ ପରିଣତ କରିଦେଇଛନ୍ତି। ଏହି ପାର୍ଟିଗୁଡ଼ିକ ଯୁବପିଢ଼ିକୁ ଦେଶର ଭବିଷ୍ୟତ ନେତା ଭାବେ ଦେଖନ୍ତି ନାହିଁ; ବରଂ ସେମାନଙ୍କୁ ଦେଖନ୍ତି ଡିଜିଟାଲ୍ ସୈନିକ, ହାସଟ୍ୟାଗ୍ ଆର୍ମି ଏବଂ ହାଇ-ସ୍ପିଡ୍ ଇଣ୍ଟରନେଟ୍ ଥିବା ଏକ ବଡ଼ ଭୋଟ୍ ବ୍ୟାଙ୍କ ଭାବରେ। ଯେଉଁ ଅଣ-ଛାତ୍ର ନିଜକୁ ଏହି ପିଢ଼ିର ମୁଖପାତ୍ର ସଜାଉଛନ୍ତି, ସେମାନେ ପ୍ରକୃତରେ ରାଜନୈତିକ ଦଳଗୁଡ଼ିକର ଗୋଟି।

ଜେନ୍-ଜେଡ୍ ପାଇଁ ପ୍ରକୃତ ବିଜୟ ସେତେବେଳେ ଆସିବ, ଯେତେବେଳେ ସେମାନେ କୌଣସି ରାଜନୈତିକ ଦଳର ଇସାରାରେ ନାଚିବା ବନ୍ଦ କରିଦେବ। ଜେନ୍-ଜେଡ୍ ନିଜକୁ କୌଣସି 'ଦିମାଗୀ ନକ୍ସଲ'ଙ୍କ ପରୀକ୍ଷାଗାର କିମ୍ବା କର୍ପୋରେଟ୍ ରାଜନୀତିର ମାଧ୍ୟମ ହେବାକୁ ଦେବା ଉଚିତ୍ ନୁହେଁ। ଯେଉଁ ପିଢ଼ି ପାଖରେ ବିଶ୍ୱର ବଡ଼ ବଡ଼ ସାମାଜିକ ଗଣମାଧ୍ୟମର ଆଲଗୋରିଦମକୁ ବଦଳାଇବାର ଶକ୍ତି ଅଛି, ସେମାନେ ଆଜି ଏହି ଶସ୍ତା ରାଜନୈତିକ ଚକ୍ରବ୍ୟୂହକୁ ମଧ୍ୟ ଧୂଳିସାତ କରିବା ଦରକାର ନିଜର ସ୍ୱାଧୀନ ଚିନ୍ତାଧାରା, ନିରପେକ୍ଷ ପ୍ରଶ୍ନ ଏବଂ ନିଜର ସ୍ୱାଭିମାନ ବଳରେ। ଅପରପକ୍ଷରେ, ବିରୋଧୀଙ୍କ ଏହି ଆତ୍ମ-ଘୋଷଣାକୁ ନେଇ ଶାସକ ଦଳ ତୀବ୍ର ପଲଟା ଆକ୍ରମଣ କରିଛି। ସେମାନଙ୍କ ମତରେ, ବିରୋଧୀ ନେତାମାନେ ନିଜକୁ 'ଦିମାଗୀ ନକ୍ସଲ' କହି ନିଜର ପ୍ରକୃତ ଚେହେରା ଦେଖାଇଛନ୍ତି। ଦେଶର ସମ୍ବିଧାନକୁ ଅସ୍ୱୀକାର କରିବା, ସନ୍ତ୍ରାସବାଦକୁ ବୈଚାରିକ ସମର୍ଥନ ଦେବା ଏବଂ ଭାରତର ଅଖଣ୍ଡତା ବିରୋଧରେ ଯୁବପିଢ଼ିଙ୍କ ମାନସିକତାକୁ ବିଷାକ୍ତ କରିବା ହିଁ ଏହି ଶକ୍ତିଗୁଡ଼ିକର ପ୍ରକୃତ ଉଦ୍ଦେଶ୍ୟ ବୋଲି ଶାସକ ପକ୍ଷ ଦାବି କରିଛି।

ଏକ ସୁସ୍ଥ ଗଣତନ୍ତ୍ରରେ ଭିନ୍ନ ମତ ଏବଂ ପ୍ରଶ୍ନ କରିବାର ଅଧିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଜେନ୍-ଜେଡ୍ ପିଢ଼ି ଆଜିର ଡିଜିଟାଲ୍ ଯୁଗରେ ନିଜ ସ୍ୱର ପ୍ରତିଧ୍ୱନିତ କରି ଭାରତୀୟ ରାଜନୀତିକୁ ଅଧିକ ଉତ୍ତରଦାୟୀ କରିବାକୁ ପ୍ରୟାସ କରୁଛି। ଭାରତର ଯୁବପିଢ଼ିଙ୍କୁ କେବଳ ଏକ ସାମୟିକ ଭୋଟ୍ ବ୍ୟାଙ୍କ କିମ୍ବା କୌଣସି ବୈଚାରିକ ଯୁଦ୍ଧର ସୈନିକ ଭାବେ ନଦେଖି, ସେମାନଙ୍କ ପ୍ରକୃତ ସମସ୍ୟାର ସମାଧାନ କରିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ସେମାନଙ୍କ ପ୍ରଶ୍ନର ସଠିକ୍ ଉତ୍ତର ହିଁ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତକୁ ସୁଦୃଢ଼ କରିପାରିବ। ●

ଭୁବନେଶ୍ୱର, ମୋ: ୯୭୪୨୯୮୨୭୪୧

# ଭୋଟ ଦେଇ ଭୁଲ କଲି!

**ଅଶୋକ ମହାରଣା**



ରତନୀ ଭଙ୍ଗା କୁଡ଼ିଆର ଏକ ନିଃସହାୟ ମଣିଷ। ଖରା ବର୍ଷାର ଅବାଧ ପ୍ରବେଶ। ତା' ସାଙ୍ଗକୁ ସରୀସୃପ ବି। ଘରେ ପୁଅ ଝିଅ ସହିତ ସ୍ୱାମୀ। ଝାଟିମାଟିର ଘରେ ପଲିଥିନ ପଡ଼ିଛି। ଆଉ କ'ଣ ଛଣ ମିଳୁଛି ଯେ ଛାଉଣୀ କରିବ! ତଥାପି ରତନୀର ଆଶା ଥିଲା, ସରକାର ସମସ୍ତଙ୍କୁ ଘର ଦେବେ। ଭୋଟ ସମୟରେ କୁଜି ନେତାଠାରୁ ବଡ଼ ନେତା ପର୍ଯ୍ୟନ୍ତ ସମସ୍ତେ କହୁଥିଲେ ଏଥର କେହି ଭୋକ ଉପାସରେ ରହିବେ ନାହିଁ, ସମସ୍ତଙ୍କୁ ପକ୍କା ଘର ମିଳିବ, ମାଗଣା ଶିକ୍ଷା ସ୍ୱାସ୍ଥ୍ୟ ସେବା ସବୁକିଛି ସରକାର କରିବେ। ଗୋଟାଏ ଆଶା ଆଶ୍ୱାସନା ଭିତରେ ଭୋଟ ସମୟରେ ସ୍ୱପ୍ନରେ ମସଗୁଲ ହେଉଥିବା ରତନୀର ପରିବାର ଭୋଟ ଦିଅନ୍ତି। ଥରେ ନୁହଁ ଏମିତି ଥରକୁ ଥର, ରତନୀ ଭୋଟ ଦେବା ପରେ କାହାର ଦେଖା ମିଳେ ନାହିଁ। ଘର ତାଲିକାରେ ତା'ର ନାଁ ନଥାଏ। ୟା'କୁ, ତା'କୁ ଗୁହାରୀ କରି ବିଫଳ ହେବା ପରେ ପୁଣି ନିଜ ପାଇଁ ଆହାର ଖୋଜିବାରେ ଲାଗିପଡ଼େ। କିନ୍ତୁ ମନକୁ ଆସେ କିଛି ନହେଲେ ନାହିଁ ଦରଦାମ ତ କମିବ! ନା କିଛି ହୁଏନା।

ଘର ହେଉ କି ପରିବାର, ରାଜ୍ୟ ହେଉ କି ଦେଶ ଯେତେବେଳେ ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୁଏ, ମନକୁ ଗୋଟାଏ ପ୍ରଶ୍ନ ଆସେ - 'ଭୋଟ ଦେଇ କ'ଣ ଭୁଲ କରିଛି?' ଏଭଳି ପ୍ରଶ୍ନ ଅନେକଙ୍କ ମନରେ ସୃଷ୍ଟି ହୁଏ। ସାଧାରଣ ଭୋଟର ଯେଉଁ ଆଶା ଭରସାରେ ଭୋଟ ଦେଇଥାଏ ଯଦି ପ୍ରତିଶ୍ରୁତି ପୂରଣ ହୁଏନା କିମ୍ବା କୌଣସି ଦଳ ସାଧାରଣ ଲୋକଙ୍କ ଆବଶ୍ୟକତା ପୂରଣ କରିବାରେ ବିଫଳ ହୁଏ, ଦରଦାମରେ ନିୟନ୍ତ୍ରଣହୀନ ହୁଏ, ଶିକ୍ଷା-ସ୍ୱାସ୍ଥ୍ୟ-ବେକାରୀ ସମସ୍ୟା ସହିତ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଏ, ସେତେବେଳେ ମଣିଷ ଅସହାୟ ହୋଇପଡ଼େ। ଭୋଟର ପଶ୍ଚାତାପ କରେ 'ମୁଁ ଭୋଟ ଦେଇ ବୋଧେ ଭୁଲ କରିଛି!' ହୁଏତ ୟା'କୁ ନ ଦେଇ ତା'କୁ ଦେଇଥିଲେ ଭଲ ହୋଇଥା'ନ୍ତା। କିନ୍ତୁ ବାସ୍ତବରେ ଭୋଟର ବାରମ୍ବାର ଠକି ହୁଏ। ଥରେ ନୁହଁ ଅନେକ ଥର। ତା' ସତ୍ତ୍ୱେ ଭୁଲ ହୁଏ, ଯେଉଁ ଭୁଲକୁ ସୁଧାରିବାକୁ ପାଞ୍ଚ ବର୍ଷ ଲାଗିଥାଏ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଏକ ପ୍ରକ୍ରିୟା। ବିକାଶର ଧାରାକୁ କ୍ରିୟାନ୍ୱୟନ କରିବାର ଏକ ମାଧ୍ୟମ। ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ବଛା ହୁଅନ୍ତି ନେତା। ଏକାଧିକ ଦଳ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିଥା'ନ୍ତି। ସମସ୍ତଙ୍କର ଥାଏ ଗୋଟାଏ ସ୍ୱତନ୍ତ୍ର ଚିନ୍ତାଧାରା, ସ୍ୱତନ୍ତ୍ର ବାର୍ତ୍ତା। ଯେଯେତେ ଅଧିକ ମିଛ ସ୍ୱପ୍ନ ଦେଖାଇ ପ୍ରଲୋଭିତ କରିପାରିଲା ସେ ହେଲା ନେତା। ଯେଉଁ ମାନସିତକା ମଧ୍ୟରେ ଆମେ ଦଳର ଆଭିମୁଖ୍ୟକୁ ହୃଦୟଙ୍ଗମ କରି ଦେଇଥାଉ ତାହା ପ୍ରତିଫଳିତ ହୁଏନାହିଁ। ଭୋଟ ପରେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଏ। ନଦୀ ପାହାଡ଼ ପର୍ବତ ଡେଇଁ ଆସିବା ପରେ କେବେ ପାଶ୍ଚାତମୁଖୀ ହୁଏନା। ଥରେ ଭୋଟ ପାଇଗଲେ ଲୋକମାନଙ୍କ ପାଇଁ ଲୋକମାନଙ୍କ ଦ୍ୱାରା ସିଂହାସନର ଅଧିକାରୀ ହେବା କଥା ସମ୍ପୂର୍ଣ୍ଣ ଭୁଲିଯାଏ। ଭୋଟ ପୂର୍ବରୁ ପ୍ରତିଶ୍ରୁତିର ଲମ୍ବା ତାଲିକା, ଅଭାବ ଅନଟନର ଶୃଙ୍ଖଳକୁ ଛିନ୍ନ କରିବାର ଦୁର୍ବାର ଜିଜ୍ଞାସା। ଭୋଟ ପରେ ଲୋକମାନଙ୍କ କଥା ଭୁଲିଯାଇ ବ୍ୟକ୍ତିଗତ ଗରିବୀ ହଟାଓ ଅଭିଯାନରେ ସାମିଲ ହେବାକୁ ପଡ଼େ। ଲୋକମାନଙ୍କ କଥା ଭୁଲିଯାଇ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ପୁଅଝିଅଙ୍କ ପାଇଁ ଅର୍ଗଳୀ ଖୋଜାଯାଏ। ଲୋକଙ୍କ ତଣ୍ଟିଚିପି କିଭଳି ରକ୍ତ ଶୋଷଣ କରାଯାଏ ସେହି ବିଦ୍ୟା ହାସଲରେ ଲାଗିପଡ଼ିବା ସାର ହୁଏ। ସେତେବେଳେ ଲୋକଙ୍କ ଶୁଖିଲା ମୁହଁ ଓ ଭୋକିଲା ପେଟ ଦୃଷ୍ଟିଗୋଚର ହୁଏନାହିଁ।

ନିର୍ବାଚନ ସମୟରେ ଗରୀବ ଘରର ପଖାଳ କଂସା, ପିଆଜ ଖଣ୍ଡେ ଖାଇବା ମଧ୍ୟରେ ଥାଏ ଲୁକ୍କାୟିତ ଅଭିସନ୍ଧି ଭୋଟ ପାଇବାର ନିଶା। ମାଟି ପିଣ୍ଡାରେ ସଫେଦ କପଡ଼ା ଫିକା ବି ପଡ଼େନା। ନିର୍ବିକାର ଭାବରେ ହାତଯୋଡ଼ି ନମସ୍କାର ଜଣାଉଥିବା ନେତାଟି ଭିତରେ ଥାଏ ମଣିଷପଣିଆ ମାତ୍ର କେତେ ଦିନ ପାଇଁ। ତା' ପରେ ପୁଣି ଅଭିନୟ ଶେଷ କରି ଅଭିନେତା ଚାଲିଯାଏ ଜଣେ ସାଧାରଣ ମଣିଷକୁ। ଅଭିନୟର ଯାଦୁରେ ବିମୋହିତ ହୋଇ ଆମେ ସିନା ଭୋଟ ଦେଲେ। ମାତ୍ର ତା' ଆମପାଇଁ ଏକ ଶଠତା।

ସତରେ ଆମେ କ'ଣ ଭୋଟ ଦେଇ ଭୁଲ କରିଛୁ? - ଏ ପ୍ରଶ୍ନ ଅସମାହିତ। ଯେଉଁଠି ସାଧରଣ ବ୍ୟବସ୍ଥା ଭୁଶୁଡ଼ି ପଡ଼େ ସେଠି ସାଧାରଣଲୋକ ଠକିହେବା ସାର ହୁଏ। ସମଗ୍ର ଦେଶରେ ଯେତେ ବିକାଶମୂଳକ କାର୍ଯ୍ୟ ହେଉଛି ସେଥିରେ ଅଧାରୁ ଅଧିକ ଘୋଟାଲା। ଏ ଦେଶରେ ପ୍ରକୃତ ହିତାଧିକାରୀ ଭତ୍ତା ପାଏନା। ଭୋକଓପାସରେ ଅଶୀବର୍ଷରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଲୋକଟିକୁ ମିଳେନା ଭତ୍ତା। ଥିଲା ବାଲାକୁ ମିଳେ ଚାଉଳ। ପ୍ରକୃତ ହିତାଧିକାରୀଙ୍କୁ ମିଳେନା ଖଣ୍ଡେ ଘର। ଯିଏ ଟଙ୍କାଦେଲା ଖୋସାମତ କରିପାରିଲା ସେ ପାଇଲା ସବୁକିଛି। ଯେ କୁଜି ନେତାଙ୍କୁ ତେଲ ମାରିପାରିଲା, ସଭାରେ ତାଳି ମାରିପାରିଲା ସେ ଗେହ୍ଲାପୁଅ ହେଲା। ଦୁର୍ନୀତିର ମାତ୍ରା ଏଭଳି ନିମ୍ନସ୍ତରରେ ପହଞ୍ଚିଛି ଯେ ତାହା ସମସ୍ତ ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି। ଘର, ଭତ୍ତା, ଚାଉଳ, ଜବ୍‌କାର୍ଡରେ ଯଦି ହାତଗୁଞ୍ଜା ଦେବାକୁ ପଡୁଛି ସେଠାରେ ଦେଶର ବିକାଶ ହେବ ତ?

ଫୁଲମାଳ ପିନ୍ଧି, ସଫେଦ କପଡ଼ା ପିନ୍ଧି ଶୁଦ୍ଧତାର ପରିଚୟ ଦେଲେ କେବେବି ରଜନୀଗନ୍ଧାରେ ପରିଣତ ହୋଇଯାଏନା କି ଯେତେ ଲୁଚାଇଲେ ବି ନିଜର ପରିଚୟ ଲୁଚି ରହେନା। ସ୍ୱାର୍ଥାନ୍ଧ ମନୁଷ୍ୟ ସର୍ବଦା ସ୍ୱାର୍ଥ ଲିପସୁ। ଯାହାର ଶୋଷଣ କରିବାରେ ଆନନ୍ଦ ସେ କେବେ ତା'ର ପ୍ରକୃତିକୁ ପରିତ୍ୟାଗ କରିପାରେନା। ନେତା ହେବା ପାଇଁ ଲୋକପ୍ରିୟତା ନୁହେଁ, ଅର୍ଥବଳ, ବାହୁବଳଠାରୁ ଊର୍ଦ୍ଧ୍ୱରେ ରହି ନୀତି ଆଦର୍ଶକୁ ମନ୍ତ୍ର କଲେ ସେ ହେବ ପ୍ରକୃତ ନେତା। ଦେଶରେ ଲକ୍ଷ ଲକ୍ଷ ରତନୀ, ଲକ୍ଷ ଲକ୍ଷ ଭୋକିଲା ପେଟ, ଅପପୁଷ୍ଟିରେ ଶିକାର ହେଉଥିବା ଶିଶୁ, ଲକ୍ଷ ଲକ୍ଷ ଭଙ୍ଗା କୁଡ଼ିଆ, ଛପର ଉଡ଼ିଯାଇଥିବା ଘରେ ରହୁଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ସ୍ୱାସ୍ଥ୍ୟ ସେବା ନ ପାଇ ଘରେ ସଢୁଥିବା ଲୋକଙ୍କ ସଂଖ୍ୟାବି କମ୍ ନୁହଁ। ତେବେ ଏ ସମସ୍ୟାର ସମାଧାନ କେବେ? ନା ସମାଧାନ ହୋଇଗଲେ ଭୋଟ ବ୍ୟାଙ୍କରେ ତାଲା ପଡ଼ିଯିବ? ଯେତେବେଳେ ଚିନି ଦର ୭୦ ଟଙ୍କା ଛୁଇଁଲାଣି ସେଠାରେ ଭୋଟ ଦେଇ ଭୁଲ କରି ନାହିଁ କି? ଏହି ପ୍ରଶ୍ନ ମନରେ ଉଠିବା ସ୍ୱାଭାବିକ। ●

ସିମିନଇ(ଢେଙ୍କାନାଳ), ମୋ: ୯୦୯୦୮୩୯୩୬୯

# କୋଇଲି ପୂଜନ

## ନ୍ୟାୟ ପ୍ରଦାନ କରନ୍ତି କୋକିଳା ଦେବୀ

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ପାରମ୍ପରାଭିତ୍ତିକ କୋକିଳା ବ୍ରତ ବ୍ୟତୀତ ଉତ୍ତରାଖଣ୍ଡସ୍ଥିତ ପିଥୋରାଗଡ଼ ଜିଲ୍ଲାର ଗଙ୍ଗୋଲିହାଟ ନିକଟସ୍ଥ ପାଞ୍ଛୁ ଅଞ୍ଚଳରେ କୋକିଳାଦେବୀ ମନ୍ଦିର ବା କୋଟାଗାଡ଼ି ଦେବୀ ମନ୍ଦିର ଅବସ୍ଥିତ, ଯେଉଁଠି ଦେବୀ ଭଗବତୀ କୋକିଳା ଦେବୀ ଭାବେ ପୂଜା ପାଉଛନ୍ତି। ଏଠାରେ ମା' ସାତ୍ତ୍ୱିକ ବୈଷ୍ଣବୀ ଭାବେ ପୂଜିତା। କୋକିଳାଦେବୀଙ୍କୁ ମୂଳ ଉତ୍ତରାଖଣ୍ଡର ଗ୍ରାମଦେବତୀ ଭାବରେ ବିବେଚନା କରାଯାଏ। ପ୍ରସିଦ୍ଧ ମା'କୋକିଳାଦେବୀ ମନ୍ଦିର ଏହାର ଧାର୍ମିକ ଗୁରୁତ୍ୱ ଏବଂ ଇତିହାସ ପାଇଁ ବେଶ୍ ଜଣାଶୁଣା।

ଜନଶ୍ରୁତି ରହିଛି ଯେ, ଏହି ମନ୍ଦିରର ପ୍ରତିଷ୍ଠା ପାଇଁ ଦେବୀ ସ୍ଥାନୀୟ ଲୋକଙ୍କୁ ସ୍ୱପ୍ନାଦେଶ ପ୍ରଦାନ କରିଥିଲେ। ମନ୍ଦିରର ଏକ ଅନନ୍ୟ ବିଶେଷତା ହେଉଛି, ଏଠାରେ ମାତା କୋକିଳାଦେବୀଙ୍କ ମୂର୍ତ୍ତିକୁ ଘୋଡ଼ାଇ ରଖାଯାଇଛି। ମନ୍ଦିର ପରିସରରେ ବାଗାଦେବଙ୍କୁ ମଧ୍ୟ ବିଧିପୂର୍ବକ ପୂଜା କରାଯାଉଛି। ଲୋକକଥା ଅନୁସାରେ ବାଗାଦେବ ହେଉଛନ୍ତି ସୂରଜମଲ ଓ ଛୁର୍‌ମଲ୍ ନାମକ ଦୁଇଭ୍ରାତାଙ୍କ ପ୍ରତୀକ। ଏ ସମ୍ପର୍କରେ ମଧ୍ୟ ଅନେକ ପ୍ରକାର ଲୋକକଥା ଓ ଲୋକମତ ଜଡ଼ିତ। ମନ୍ଦିର ତଳେ ଥିବା ଭୂମିରୁ ଅବିରତ ଜଳ ପ୍ରବାହିତ ହୋଇଥାଏ ଏବଂ ଏହି ଜଳକୁ ଗଙ୍ଗାଜଳ ଭଳି ପବିତ୍ର ବିବେଚନା କରାଯାଏ। ସ୍ଥାନୀୟ ଲୋକମାନେ ଏହି ପବିତ୍ର ଜଳକୁ କଳସୀରେ ଠାକୁର ଘରେ ରଖି ମା'ଗଙ୍ଗାଙ୍କ ମାନ୍ୟରେ ନିତ୍ୟ ପୂଜାର୍ଚ୍ଚନା କରିଥା'ନ୍ତି। ସ୍ଥାନୀୟ ଲୋକମତ ଅନୁଯାୟୀ, ଏହି ଝରଣାର ପାଣି କେବେ ଶୁଖେ ନାହିଁ କିମ୍ବା ଆବିଳ ହୁଏନାହିଁ।

ଉତ୍ତରାଖଣ୍ଡରେ କୋକିଳା ମାତାଙ୍କୁ 'ନ୍ୟାୟର ଦେବୀ' ଭାବରେ ମଧ୍ୟ ପୂଜା କରାଯାଏ। ବିଶ୍ୱାସ ରହିଛି ଯେ, ମା' ସବୁବେଳେ ସମସ୍ତଙ୍କ ପାଇଁ ଉଚିତ୍ ନ୍ୟାୟ କରିଥା'ନ୍ତି। ତେଣୁ ଯେତେବେଳେ ଗାଁ ଲୋକଙ୍କ ମଧ୍ୟରେ କୌଣସି ବିବାଦ ସୃଷ୍ଟି ହୁଏ କିମ୍ବା କୋର୍ଟକଚେରି ଯିବାକୁ ପଡ଼େ ସେମାନେ ନ୍ୟାୟ ପାଇବା ପାଇଁ ମା'କୋକିଳା ଦେବୀଙ୍କ ମନ୍ଦିରକୁ ଆସିଥା'ନ୍ତି। ପୂର୍ବରୁ ଭକ୍ତମାନେ ଗୁହାରିଆ ପଡ଼ି ନ୍ୟାୟଭିକ୍ଷା କରୁଥିଲେ। କିନ୍ତୁ ଏବେ ନିଜ ସମସ୍ୟାକୁ ଷ୍ଟାମ୍ପ୍ ପେପର୍ କିମ୍ବା ଚିଠିରେ ଲେଖି ମନ୍ଦିରରେ ସମର୍ପଣ କରାଯାଉଛି। ମା'ଙ୍କ କୃପାରୁ ଭକ୍ତମାନଙ୍କ ସୁନିଶ୍ଚିତ ନ୍ୟାୟ ମିଳିଥିବାର ଅନେକ ପ୍ରମାଣ ମଧ୍ୟ ରହିଛି।

କୋକିଳାଦେବୀ ମନ୍ଦିର ସହିତ ଗୋଟିଏ ପୌରାଣିକ କିମ୍ବଦନ୍ତୀ ଜଡ଼ିତ। ଏହି ମନ୍ଦିରର ଶକ୍ତିଲିଙ୍ଗରେ ଏକ ଅସ୍ତ୍ରର ଗଭୀର ଚିହ୍ନ ରହିଛି। କିମ୍ବଦନ୍ତୀ ଅନୁସାରେ ସବୁଦିନ ଗୋଟିଏ ଗାଈ ଆସି ଏହି ଶକ୍ତିଲିଙ୍ଗକୁ କ୍ଷୀର ଅର୍ପଣ କରି ଚାଲିଯାଏ। ଗାଈ ଠିକ୍ ଭାବରେ କ୍ଷୀର ଦେଉ ନ ଥିବାରୁ ଗାଈର ମାଲିକ ବିରକ୍ତ ହୁଅନ୍ତି। ଏହି ସମସ୍ୟାର କାରଣ ଜାଣିବା ପାଇଁ ଏକଦା ମାଲିକ ଗାଈକୁ ଅନୁସରଣ କରିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ, ଗାଈଟି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କ୍ଷୀର କ୍ଷରଣ କରୁଛି। ଏହାକୁ ଦେଖି କ୍ରୋଧରେ ମାଲିକ ଗୋଟିଏ ଧାରୁଆ ଅସ୍ତ୍ର ନେଇ ଉକ୍ତ ସ୍ଥାନକୁ ପ୍ରହାର କରିଥିଲେ, ଯାହାଫଳରେ ଶକ୍ତିସ୍ଥଳରୁ ରକ୍ତର ଧାରା ପ୍ରବାହିତ ହୋଇଥିଲା। ଆଜି ମଧ୍ୟ ଭୂମିରେ ଉକ୍ତ ରକ୍ତଧାରା ଏକ ପ୍ରତୀକ ଭାବରେ ରହିଛି। ଭକ୍ତମାନେ ଏହି ଶକ୍ତିଲିଙ୍ଗରେ କ୍ଷୀର ଅର୍ପଣ କରି ବିଧିବିଧାନ ଓ ଅଖଣ୍ଡ ବିଶ୍ୱାସର ସହିତ ପୂଜାର୍ଚ୍ଚନା କରିଥା'ନ୍ତି। ଏଭଳି ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ଅବିଳମ୍ବେ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି।

ସ୍ଥାନୀୟ ଲୋକକଥା ଅନୁସାରେ, ପ୍ରାଚୀନ କାଳରେ ଏହା ସର୍ପମାନଙ୍କ ଦେଶ ଥିଲା। ସନ୍ଧ୍ୟା ପରେ କୋଟାଗଡ଼ି ଗାଁ ନିକଟରେ ଥିବା ପାହାଡ଼ଗୁଡ଼ିକ ସର୍ପ ସଦୃଶ ସେମାନଙ୍କର ଫଣା ଉଠାଇ ଠିଆ ହୁଅନ୍ତି। ସର୍ପଙ୍କ ଶତ୍ରୁପକ୍ଷ ଗରୁଡ଼ମାନେ କେବେବି ଏହି ମନ୍ଦିରର ଶିଖର ଅତିକ୍ରମ କରିପାରନ୍ତି ନାହିଁ। ପ୍ରତିବର୍ଷ ଚୈତ୍ର ଓ ଆଶ୍ୱିନ ମାସର ଅଷ୍ଟମୀ ଏବଂ ଭାଦ୍ରବ ମାସର ଋଷିପଞ୍ଚମୀ ତିଥିରେ ଏଠାରେ ଦେବୀଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ବଡ଼ ମେଳାର ଆୟୋଜନ ହୋଇଥାଏ। ଏହି ସମୟରେ ଗାଁ ବାହାରୁ ମଧ୍ୟ ଲୋକମାନେ ନ୍ୟାୟ ପାଇବା ଆଶାରେ ମା'ଙ୍କ ଦର୍ଶନ କରିବା ପାଇଁ ଆସିଥା'ନ୍ତି।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବନ୍ୟାଞ୍ଚଳ ପରିଦର୍ଶନ ବେଳେ ପୂର୍ବତନ ବିଧାୟକଙ୍କୁ କାମୁଡ଼ିଲା ସାପ

### ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

ରାଜନଗର/ପଟ୍ଟାମୁଣ୍ଡାଇ, ୨୦।୮ (ସମିସ): ବନ୍ୟାଅଞ୍ଚଳରେ ସାପ ଆତଙ୍କ ସୃଷ୍ଟି କରିଛି। ଗତ ଦୁଇଦିନରେ ସାପ କାମୁଡ଼ାରେ ୯ ଜଣ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆଜି ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବନ୍ୟାଞ୍ଚଳ ବୁଲୁଥିବାବେଳେ ସାପ କାମୁଡ଼ିଥିବା ଜଣାପଡିଛି। ସେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆଜି ଦିନ ପ୍ରାୟ ୧୨ଟା ସମୟରେ ବ୍ରାହ୍ମଣୀ ବନ୍ୟାରେ ପ୍ରଭାବିତ ପଟ୍ଟାମୁଣ୍ଡାଇ ବ୍ଲକର ବାଛରା, ମଣ୍ଡପଡ଼ା ଅଞ୍ଚଳରେ ଅଂଶୁମାନ ମହାନ୍ତି ପାଣିରେ ପଶି ବନ୍ୟା ଅଞ୍ଚଳ ବୁଲୁଥିଲେ। ଲୋକଙ୍କୁ ଭେଟିବା ସହ ସେମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝୁଥିଲେ। ବନ୍ୟା ଅଞ୍ଚଳରୁ ଫେରି ଡଙ୍ଗାରେ ବସିବା ପରେ ତାଙ୍କ ଡାହାଣ ଗୋଡ ପାଦ ଉପରକୁ ସାପ କାମୁଡ଼ା ଚିହ୍ନଥିବା ଦେଖିଥିଲେ। ଗୋଡରେ ଦୁଇଟି ଦାନ୍ତ ବସି ରକ୍ତ ବାହାରିଥିବା ଦେଖିଥିଲେ। ଏହାପରେ ତାଙ୍କ ଗୋଡ ଝିମ ଝିମ ହେବା ସହ ଗୋଦରା ହେଉଥିବା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତାଙ୍କ ରକ୍ତ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ରକ୍ତରେ କୌଣସି ବିଷ ନ ଥିବା ଜଣାପଡିଛି। ତାଙ୍କ ଗୋଡରେ କାମୁଡ଼ା ଚିହ୍ନ ଥିବାରୁ ସେ ଅବଜରବେସନରେ ଥିବା ଜଣାପଡିଛି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନାମଲେଖା ଆରମ୍ଭ

ବାରିପଦା, ୨୦।୮ (ସମିସ): ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ପୂର୍ବତନ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ)ରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାଯାଇଛି ଯେ, ସିପିଇଟି-୨୦୨୬ (ସାମସ) ମାଧ୍ୟମରେ ନିୟମିତ ଓ ସ୍ୱୟଂ ଅର୍ଥାୟିତ କୋର୍ସରେ ନାମଲେଖା ହେବ। ଏଥିସହିତ ଓଜେଇ-୨୦୨୬ ମାଧ୍ୟମରେ ଏମସିଏ ଓ ଏମବିଏ ଓ ୩ ବର୍ଷିଆ ଇଣ୍ଟିଗ୍ରେଟେଡ ବିଏଡ-ଏମଏଡ ପାଇଁ ସାମସ ମାଧ୍ୟମରେ ଭର୍ତ୍ତି କରାଯିବ। ଉପଲବ୍ଧ କୋର୍ସଗୁଡ଼ିକ ମଧ୍ୟରେ ନିୟମିତ କୋର୍ସ ଭାବେ ଓଡ଼ିଆ, ସାନ୍ତାଳୀ, ଗଣିତ, କମ୍ପ୍ୟୁଟର ଆପ୍ଲିକେସନ (ଏମସିଏ), କମ୍ପ୍ୟୁଟର ସାଇନ୍ସ, ବ୍ୟବସାୟ ପ୍ରଶାସନ (ଏମବିଏ), ଅର୍ଥନୀତି, ଆନ୍ଥ୍ରୋପୋଲୋଜି ଓ ଟ୍ରାଇବାଲ ଷ୍ଟଡିଜ, ସାମାଜିକ କାର୍ଯ୍ୟ (ଏମଏସଡବ୍ଲ୍ୟୁ), ରସାୟନ, ପଦାର୍ଥ ବିଜ୍ଞାନ, ଜୀବ ପ୍ରଯୁକ୍ତି, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଜୈବ ବିବିଧତା ସଂରକ୍ଷଣ, ଶିକ୍ଷା ଓ ୩ବର୍ଷିଆ ଇଣ୍ଟିଗ୍ରେଟେଡ ବିଏଡ-ଏମଏଡ ରହିଛି।

ସେହିପରି ସ୍ୱୟଂଅର୍ଥାୟିତ କୋର୍ସ ଇଂରାଜୀ, ସଂସ୍କୃତ, ଇତିହାସ, ରାଜନୀତି ବିଜ୍ଞାନ, ଯୋଗ ଓ ନେଚୁରୋପାଥି, ରିମୋଟ ସେନ୍ସିଂ ଓ ଜିଆଇଏସ, ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ (ଏମଏଲଆଇଏସ) ଓ କମର୍ସ ରହିଛି। ଅପରପକ୍ଷରେ ରାଇରଙ୍ଗପୁରରେ ଥିବା ସ୍କୁଲ ଅଫ ଇନଫରମେସନ ଟେକ୍ନୋଲୋଜିରେ ବିଏସସି ଓ ଏମଏସସି କମ୍ପ୍ୟୁଟର ସାଇନ୍ସ ଓ ଏମସିଏ ଉପଲବ୍ଧ। ଦୂରଶିକ୍ଷା ଓ ଅନଲାଇନ କେନ୍ଦ୍ର (ସିଡିଓଇ) ମାଧ୍ୟମରେ ମଧ୍ୟ ଅନେକ ସ୍ନାତକୋତ୍ତର କୋର୍ସ ଉପଲବ୍ଧ। ବିଶ୍ୱବିଦ୍ୟାଳୟ ଏନଇପି-୨୦୨୦ ଅନୁଯାୟୀ ଆଧୁନିକ ପାଠ୍ୟକ୍ରମ, ଆଇସିଟି ସଜ୍ଜିତ ଶ୍ରେଣୀ କକ୍ଷ, ବ୍ୟାଗିଂ ମୁକ୍ତ କ୍ୟାମ୍ପସ, ଜାତୀୟ ସେବା ଯୋଜନା, ସେଣ୍ଟ୍ରାଲ ଲାଇବ୍ରେରୀ, ୱାଇଫାଇ କଭରେଜ, ହଷ୍ଟେଲ ସୁବିଧା ସହିତ ଅନେକ ଆଧୁନିକ ସୁବିଧା ପ୍ରଦାନ କରୁଛି। ଏହା ଏନଏଏସି "ଏ' ଗ୍ରେଡ୍‌ପ୍ରାପ୍ତ ଏକ ମଲ୍ଟିଡିସିପ୍ଲିନାରୀ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଅଟେ। ଅଧିକ ସୂଚନା ପାଇଁ ବିଶ୍ୱବିଦ୍ୟାଳୟର ଅଫିସିଆଲ ୱେବସାଇଟ ଏଚଟିଟିପିଏସ://ଏମ ଏସସିବିୟୁ ଏସି.ଇନ୍ କିମ୍ବା ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଯୋଗାଯୋଗ କରିପାରିବେ ବୋଲି କୁଳପତି ପ୍ରଫେସର ଡ ମହେନ୍ଦ୍ର କୁମାର ମହାନ୍ତି ଜଣାଇଛନ୍ତି।

## ବନ୍ୟାପାଣିରେ ଭାସିଗଲେ ୩ ଯୁବକ
### ୨ ଉଦ୍ଧାର, ଜଣେ ନିଖୋଜ

ସମ୍ବଲପୁର,୨୦।୮ (ସମିସ): ଧନୁପାଲି ଥାନା ଅଧୀନ ମାଳତୀଜୋର୍‌ରେ ଗାଧୋଇବାକୁ ଯାଇ ଅଘଟଣର ଶିକାର ହୋଇଛନ୍ତି ୩ ଯୁବକ। ବନ୍ୟାଜଳର ପ୍ରଖରସ୍ରୋତରେ ଭାସିଯାଇଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ୨୧ ବର୍ଷୀୟ ଯୁବକ ଏବେବି ନିଖୋଜ ଥିବା ଜଣାପଡ଼ିଛି। ନିଖୋଜ ଯୁବକ ହେଲେ ରାଜସ୍ଥାନ ବାଡମେର ଜିଲ୍ଲା ବିଜୟ ନଗର ଗ୍ରାମର ପ୍ରକାଶ ଶରଣ (୨୧)। ଉଦ୍ଧାର ଦୁଇ ଯୁବକ ହେଲେ ସୁନ୍ଦର ପ୍ରକାଶ (୧୯) ଏବଂ ତମଶି ଅଣକିଆ (୨୦)। ସୂଚନା ଅନୁଯାୟୀ, ରାଜସ୍ଥାନର ବାଡମେର ଜିଲ୍ଲା ବିଜୟନଗର ଗାଁର ତିନି ଯୁବକ ସମ୍ବଲପୁର ନକ୍ସାପାଲି ଅଞ୍ଚଳକୁ କାମ ପାଇଁ ଆସିଥିଲେ। ଗୁରୁବାର ସେମାନେ ମାଳତୀଜୋରକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ହଠାତ୍ ବନ୍ୟାଜଳର ପ୍ରଖରସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ି ୨ ଜଣ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଅନ୍ୟଜଣେ ୨୧ ବର୍ଷୀୟ ଯୁବକ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଧନୁପାଲି ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଖୋଜ ଯୁବକଙ୍କ ସନ୍ଧାନ ପାଇଁ ଅଭିଯାନ ଜାରି କରିଥିଲା। ରାତି ହୋଇଯାଇଥିବାରୁ ସନ୍ଧାନ କାର୍ଯ୍ୟ ସ୍ଥଗିତ ରଖିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରଙ୍କୁ ସୁହାଇଲା...

ପଞ୍ଜୀକରଣ କରିଥିଲେ। କିନ୍ତୁ ଚଳିତ ୨୦୨୬-୨୭ ଖରିଫ ଋତୁ ପାଇଁ ଅଗଷ୍ଟ ୨୦ ମଧ୍ୟରେ ମାତ୍ର ୫.୫ ଲକ୍ଷ ଚାଷୀ ପଞ୍ଜୀକୃତ କରିଛନ୍ତି। ତେବେ ଏହା ଗତବର୍ଷର ମୋଟ ପଞ୍ଜୀକରଣର ମାତ୍ର ପ୍ରାୟ ୨୮ ପ୍ରତିଶତ ରହିଛି। ଅବଶ୍ୟ ଶେଷ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ବଢ଼ିପାରେ। କିନ୍ତୁ ବର୍ତ୍ତମାନର ଗତି ଚିନ୍ତାର କାରଣ ସୃଷ୍ଟି କରିଛି। ରାଜ୍ୟରେ ଚାଷୀ ପଞ୍ଜୀକରଣ ସଂଖ୍ୟା ପ୍ରତିବର୍ଷ ବର୍ଦ୍ଧିତ ଟ୍ରେଣ୍ଡ ରହୁଥିବା ବେଳେ ଏବର୍ଷ ଏହି ସଂଖ୍ୟା ୨୦ ଲକ୍ଷ ଟପିବା ଦୂରର କଥା ଛୁଇଁପାରିବ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ପଞ୍ଜୀକରଣ ପାଇଁ ଆଉ ହାତରେ ମାତ୍ର ୧୦ ଦିନ ସମୟ ରହିଥିବା ବେଳେ ଦିନକୁ ଦେଢ଼ ଲକ୍ଷ ଚାଷୀ ପଞ୍ଜୀକୃତ କଲେ ଯାଇ ଏହି ସଂଖ୍ୟା ପହଞ୍ଚିପାରିବ। ମାତ୍ର ଚଳିତ ପଞ୍ଜୀକରଣ ପ୍ରକ୍ରିୟାରେ ରହିଥିବା ଜଟିଳତା ଓ ବାରମ୍ବାର ୱେବ୍‌ସାଇଟ୍‌ରେ ସୃଷ୍ଟ ସମସ୍ୟା ପାଇଁ ଏହି ସଂଖ୍ୟା ୨୦ ଲକ୍ଷ ଛୁଇଁବା ଏକ ପ୍ରକାର ସ୍ୱପ୍ନ ହୋଇପଡ଼ିଛି।

ଚଳିତ ଋତୁରେ ପଞ୍ଜୀକରଣ ପାଇଁ ଚାଷୀଙ୍କୁ ପ୍ରଥମେ ଆଗ୍ରୀଷ୍ଟାକ୍ ଆଇଡ୍ ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ପରେ ଏହି ବିବାଦ ଉଗ୍ର ହେବା ଯୋଗୁଁ ରାଜ୍ୟ ସରକାର କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇ ଆଗ୍ରୀଷ୍ଟାକ୍ ଆଇଡି ଦାଖଲ ନିଷ୍ପତ୍ତିରୁ ଓହରିଥିଲେ। ଏବେ ଆଧାର, ମୋବାଇଲ ନମ୍ବର, ଜମିର ରେକର୍ଡ, ବ୍ୟାଙ୍କ ପାସବୁକ୍‌ର ପ୍ରଥମ ପୃଷ୍ଠା ଆଦି ଦେବାକୁ ପଡୁଛି। ତେବେ ଭାଗ ଚାଷୀଙ୍କ ପାଇଁ ପ୍ରକ୍ରିୟା ଆହୁରି ଜଟିଳ ରହିଛି। ଜମି ମାଲିକ ନିଜେ ଆଇ ଆଇ ସ୍କାନ୍ କରିବା ପରେ ଭାଗଚାଷୀ ପଞ୍ଜୀକରଣ କରିବାକୁ ସକ୍ଷମ ହେଉଛନ୍ତି। ଧାନ କିଣା ପ୍ରକ୍ରିୟାରେ ଏକାଧିକ ସମସ୍ୟା ବିଶେଷ କରି ପଞ୍ଜୀକରଣ ବ୍ୟବସ୍ଥାକୁ ନେଇ ବିରୋଧୀ ବାରମ୍ବାର ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ, ସରକାର କେବଳ ବାହାଦୁରି ପାଇଁ ଧାନ୍‌ର ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ଦେଇ ୩୧୦୦ ଟଙ୍କାରେ ଧାନ କିଣିବେ ବୋଲି ଘୋଷଣା କରିଥିଲେ। ହେଲେ ପାଖରେ ଅର୍ଥ ନ ଥିବାରୁ ଜାଣିଶୁଣି ଚାଷୀଙ୍କୁ ଗୋଲକ ଧନ୍ଦାରେ ଛନ୍ଦୁଛନ୍ତି ଓ ଚାଷୀଙ୍କଠାରୁ ବେଶି ଧାନ ନ କିଣିବା ପାଇଁ ଯୋଜନା କରୁଛନ୍ତି। ଏହା ସରକାରଙ୍କ ନିଜସ୍ୱ ଫନ୍ଦି ବୋଲି ବାରମ୍ବାର ବିରୋଧୀ ଅଭିଯୋଗ କରୁଛନ୍ତି। ଜଣେ ଚାଷୀ ପଞ୍ଜୀକରଣ କରିନପାରିଲେ, ସେ ସରକାରୀ ବ୍ୟବସ୍ଥାରେ ଧାନ ବିକ୍ରି କରି ପାରିବେ ନାହିଁ। ତାଙ୍କୁ ବାଧ୍ୟ ହୋଇ ବେସରକାରୀ ବ୍ୟବସାୟୀଙ୍କୁ କମ୍ ଦାମ୍‌ରେ ଧାନ ବିକ୍ରି କରିବାକୁ ପଡ଼ିବ। ତେଣୁ ପଞ୍ଜୀକରଣ ପ୍ରକ୍ରିୟାରେ ଯଦି ପ୍ରକୃତ ଚାଷୀ ବାଦ ପଡ଼ନ୍ତି, ତେବେ ଏହା କେବଳ ପ୍ରଶାସନିକ ସମସ୍ୟା ନୁହେଁ ଏହା ଚାଷୀଙ୍କ ଆୟ ଓ ଏମ୍‌ଏସ୍‌ପି ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନ ଉଠାଇବ।

ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି, ଅଦ୍ୟାବଧି ପ୍ରାୟ ସାଢେ ୫ ଲକ୍ଷ ଚାଷୀ ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଏହି ପଞ୍ଜିକରଣ ପ୍ରକ୍ରିୟା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ବରଗଡ଼ ଜିଲ୍ଲାରେ ପ୍ରାୟ ୬୦ ହଜାର ଚାଷୀ ପଞ୍ଜିକରଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୪୩ ହଜାର, କଳାହାଣ୍ଡିରେ ୪୦ ହଜାର ଓ ପୁରୀ ଜିଲ୍ଲାରେ ପ୍ରାୟ ୨୪ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୯୦୭ଟି ପ୍ୟାକ୍ସ ଓ ୪ଟି ପାଣି ପଞ୍ଚାୟତରେ ଏହି ପଞ୍ଜିକରଣ କାର୍ଯ୍ୟ ଜାରି ରହିଛି। ଏଥି ସହ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ, ମୋବାଇଲ୍ ନମ୍ବର, ପି-ପାସ୍ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହ ଜମି ମାଲିକଙ୍କ ସମ୍ମତି ପତ୍ର ଅପ୍‌ଲୋଡ୍ କରାଯାଉଛି। ଏହି କ୍ଷେତ୍ରରେ ଜମି ମାଲିକଙ୍କ ଇ-କେୱାଇସି ମଧ୍ୟ କରାଯାଉଛି।

## ଧାନ ପଞ୍ଜୀକରଣରେ...

ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଦେବାଳୟ ଅଧିନସ୍ଥ ହଜାର ହଜାର ଏକର ଚାଷ ଜମି ରହିଛି। ଅଧିକାଂଶ ଠାକୁରଙ୍କ ସେବକମାନେ ଜମି ଚାଷ କରି ଠାକୁରଙ୍କୁ ସେବା ଯୋଗାଇଥାନ୍ତି। ଏହା ବାଦ ଦେବୋତ୍ତର କମିଶନ ଅଧିନରେ ମଧ୍ୟ ହଜାର ହଜାର ଏକର ଜମି ରହିଛି। ଏହି ଜମି ଗୁଡିକ ପଞ୍ଜିକରଣ ପାଇଁ ଏବେ ସମସ୍ୟା ସୃଷ୍ଟି ହୋଇଛି। ଏଗୁଡିକ ପୂର୍ବରୁ ଭାଗଚାଷୀ ଭାବେ ପଞ୍ଜିକରଣ ହେଉଥିଲା। ଦେବୋତ୍ତର ବିଭାଗ ଚିଠା ଏବଂ ସୁପରଭାଇଜରଙ୍କ ଆଧାର କାର୍ଡ ଜରିଆରେ ଏହାକୁ ପଞ୍ଜିକରଣ କରାଯାଉଥିଲା। ଏବେ ଜମି ମାଲିକ ଇକେୱାଇସି ବ୍ୟବସ୍ଥା ତଥା ଆଖି ସ୍କାନ ବ୍ୟବସ୍ଥା ପାଇଁ ସମସ୍ୟା ସୃଷ୍ଟି ହୋଇଛି। ସେହିଭଳି ଭାବେ ଗାଁ କୋଠ ସମ୍ପତ୍ତି ତଥା ଗାଁର ପୂର୍ବଜ ମାନଙ୍କ ମାଲିକାନାରେ ରହିଥିବା ଜମି, ଟ୍ରଷ୍ଟ ଜମି ଗୁଡିକ ପଞ୍ଜିକରଣ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କୌଣସି ସ୍ୱଷ୍ଟ ନିର୍ଦ୍ଦେଶ ନ ଥିବାରୁ ଦେବୋତ୍ତର ବିଭାଗ ଜମି ଚାଷ କରୁଥିବା ଚାଷୀକୁ ଚିଠା ପ୍ରଦାନ କରି ପାରୁନାହିଁ। ସେହିଭଳି ଭାବେ ଗାଁ ଗୁଡିକର କୋଠ ସମ୍ପତ୍ତି ମଧ୍ୟ ପଞ୍ଜିକରଣ ହୋଇପାରୁନାହିଁ ଓ ଜିଲ୍ଲା ଯୋଗାଣ ବିଭାଗ, ସମବାୟ ବିଭାଗ ଚୁପ ବସିଛି। ରାଜ୍ୟ ସରକାର ଭାଗଚାଷୀ ପଞ୍ଜିକରଣ ବ୍ୟବସ୍ଥାରେ ଯଦି ପରିବର୍ତ୍ତନ ନ ଆଣିବେ ରାଜ୍ୟରେ ୪୦ ପ୍ରତିଶତ ଜମି ପଞ୍ଜିକରଣ ହୋଇପାରିବ ନାହିଁ ବୋଲି ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ପ୍ରତି ପ୍ୟାକ୍ସ ଓ ଲ୍ୟାମ୍ପରେ ଏବେ ଚାଷୀଙ୍କ ଆବେଦନ ଫର୍ମ ଗଦା ହୋଇ ରହୁଥିବା ବେଳେ ପି-ପାସ୍ ପୋର୍ଟାଲ ସଠିକ ଭାବେ କାମ କରୁନଥିବା ସ୍ଥିତି ଦେଖିବାକୁ ମିଳିଛି। ସାରା ରାଜ୍ୟରେ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ବେଳେ ଅନେକ ସ୍ଥାନରେ ନେଟ୍ ୱାର୍କ ସମସ୍ୟା ମଧ୍ୟ ଲାଗି ରହିଛି। ପ୍ରତ୍ୟେକ ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପିପାସ୍ ପୋର୍ଟାଲ ସଠିକ ଭାବେ କାର୍ଯ୍ୟ ହୋଇପାରୁ ନ ଥିବା ପ୍ୟାକ୍ସ କର୍ମଚାରୀମାନେ କହିଛନ୍ତି। ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପଞ୍ଜିକରଣ ଚାଲୁଥିବାରୁ ପୋର୍ଟାଲ ଖୋଲିବା ପାଇଁ ସମୟ ନେଉଥିବା, ଆଖି ସ୍କାନ ହେଉ ନଥିବା, ଓଟିପି ଆସୁନଥିବା ମଧ୍ୟ ସମସ୍ୟା ଦେଖାଯାଇଛି। ସେହିଭଳି ଭାବେ ଜଣେ ଚାଷୀର ଆଖି ସ୍କାନ କରି ଓଟିପି ଦିଆଯିବା ସହିତ ପ୍ଲଟ ପଞ୍ଜିକରଣ କରାଯିବା ପରେ ସମିଟ୍ ନେବାରୁ ଅନେକ ସମୟ ଲାଗୁଥିବାଓ ଅନେକ ସମୟରେ ପୂରା ପଞ୍ଜିକରଣ କଟି ଯାଉଥିବା ଅଭିଯୋଗ ହେଉଛି। ହାତରେ ସମୟ କମ ଥିବାରୁ ଚାଷୀମାନେ ପଞ୍ଜିକରଣ ଫର୍ମ ଧରି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଆଗରେ ଧାଡି ବାନ୍ଧୁଥିବା ବେଳେ ପୋର୍ଟାଲ କାମ ନ କରିବା ଜଟିଳ ପରିସ୍ଥିତି ସୃଷ୍ଟି କରିଛି।

## ଯାଞ୍ଚ କମିଟି ଗଠନ

ସତର୍କ କରାଯାଇଥିଲା କି ନାହିଁ, ତାହାର ମଧ୍ୟ ଯାଞ୍ଚ କରିବ କମିଟି। କାର୍ଯ୍ୟାନୁଷ୍ଠାନ ବେଳେ ପୁଲିସ ଯବାନ ୟୁନିଫର୍ମ ପିନ୍ଧିଥିଲେ କି ନାହିଁ ଏବଂ ସେମାନଙ୍କର ନେମପ୍ଲେଟ୍ ଦୃଶ୍ୟମାନ ହେଉଥିଲା କି ନାହିଁ, ତାହାର ମଧ୍ୟ ଅନୁଧ୍ୟାନ କରାଯିବ। ପେଲେଟ୍ ଗନ୍ ବ୍ୟବହାରକୁ ନିଷିଦ୍ଧ କରିବା ଉପରେ ମଧ୍ୟ ବିଚାର କରାଯିବ। ଆନ୍ଦୋଳନ ବେଳେ ଆହତ ହୋଇଥିବା ଉଭୟ ପୁଲିସ କର୍ମଚାରୀ ଏବଂ ଆନ୍ଦୋଳନକାରୀଙ୍କୁ କ୍ଷତିପୂରଣ ପ୍ରଦାନ ଉପରେ କମିଟି ବିଚାର କରିବ।

ସୂଚନାଯୋଗ୍ୟ ଯେ ନିଟ୍ ବିଭ୍ରାଟ ପ୍ରତିବାଦରେ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ 'ସଂସଦ ଚଲୋ' ଅଭିଯାନ ବେଳେ ଗତ ଜୁଲାଇ ୨୦ ତାରିଖରେ ସଂସଦ ସମ୍ମୁଖରେ ପୁଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଥିବା ଆନ୍ଦୋଳନ ରଣକ୍ଷେତ୍ରରେ ପାଲଟିଥିଲା। ଛାତ୍ରଛାତ୍ରୀ ପୁଲିସ ବାରିକେଡ୍ ଭାଙ୍ଗିଥିବା ବେଳେ ପୁଲିସ ସେମାନଙ୍କ ଉପରେ ଅମାନବିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ବିଦ୍ୟୁତ ଲାଠି ସହିତ ପେଲେଟ୍ ଗନ ମାଡ଼ କରିଥିଲା। କେବଳ ଏତିକି ନୁହେଁ, ଆନ୍ଦୋଳନକାରୀ ଛାତ୍ରୀଙ୍କ ପ୍ରତି ଅସଦାଚଣ ମଧ୍ୟ କରିଥିଲା ବୋଲି ଅଭଯୋଗ ହୋଇଥିଲା। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସୁପ୍ରିମ କୋର୍ଟ ଏହାର ଯାଞ୍ଚ ପାଇଁ କମିଟି ଗଠନ କରିଛନ୍ତି।

## କମିଲା ମୌସୁମୀ....

ସ୍ୱାଭାବିକ ବର୍ଷା ୭୮୬.୫ ମିମି ତୁଳନାରେ ୨୨୦ ମିମି ଅଧିକ। ଏହି ହାରରେ ଏବେ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୮ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାୱାରୀ ସ୍ଥିତି ଦେଖିଲେ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଜପତି ଜିଲ୍ଲାରେ ବର୍ଷାର ପରିମାଣ ନିଅଣ୍ଟିଆ ରହିଥିବା ବେଳେ କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଝାରସୁଗୁଡ଼ା ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ଏହା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅଧିକ ଓ ଯଥେଷ୍ଟ ଅଧିକ (୬୦ ପ୍ରତିଶତରୁ ଅଧିକ) ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ରାଜ୍ୟ ଉପରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ନାହିଁ। ଏହାର ପ୍ରଭାବରେ ଆକାଶ ନିର୍ମଳ ରହିବା ସହିତ ଦିନରେ ଖରାର ପ୍ରଭାବ ମଧ୍ୟ ବଢ଼ିଛି। ତେବେ ବାୟୁମଣ୍ଡଳରେ ଏବେ ପ୍ରଚୁରମାତ୍ରାରେ ଜଳୀୟବାଷ୍ପ ରହୁଥିବାରୁ ଅପରାହ୍ନ ପରେ ବିଜୁଳି ଘଡ଼ଘଡ଼ିର ଆଶଙ୍କା ଯଥେଷ୍ଟ ବଢ଼ିଯାଇଛି। ଆସନ୍ତା ୨୩-୨୪ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାକୁ ଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ଜନିତ ସ୍ଥିତିରୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଛି।

## ଅଗଷ୍ଟରେ ଆମେରିକାରୁ...

୧୫୦୦ ଭାରତୀୟ ଛାତ୍ରଙ୍କ ଉପରେ ମଧ୍ୟ ନିର୍ବାସନର ଆଶଙ୍କା ବଢ଼ିଛି। ସ୍ନାତକୋତ୍ତର ପରେ କାମ କରିବା ପାଇଁ ମିଳୁଥିବା କାର୍ଯ୍ୟ ଅନୁମତି ବାତିଲ ହେବା ପରେ ଏହି ଛାତ୍ରମାନେ ଆନ୍ଦୋଳନ କରିଛନ୍ତି। କାନାଡା ସରକାରଙ୍କ ପକ୍ଷରୁ ବୈଧ ଭିସା କିମ୍ବା କାର୍ଯ୍ୟ ଅନୁମତି ନଥିବା ବିଦେଶୀ ଛାତ୍ରଙ୍କୁ ଦେଶ ଛାଡ଼ିବାକୁ ପଡ଼ିବ ବୋଲି କୁହାଯାଇଛି। ଆଲବର୍ଟାର ମୁଖ୍ୟମନ୍ତ୍ରୀ ମଧ୍ୟ ଛାତ୍ର ଭିସାକୁ ଅସ୍ଥାୟୀ ଦସ୍ତାବିଜ ବୋଲି କହିଛନ୍ତି।

୨୦୨୫ରେ ଆମେରିକା ୩୫୬୭ ଭାରତୀୟ ନାଗରିକଙ୍କୁ ନିର୍ବାସିତ କରିଥିଲା। ୨୦୨୫ ଫେବୃଆରୀ ୫ରେ ପ୍ରଥମଥର ପାଇଁ ଆମେରିକା ସାମରିକ ବିମାନରେ ୧୦୪ ଭାରତୀୟଙ୍କୁ ଅମୃତସର ଆଣିଥିଲା। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହାତକଡ଼ି ଓ ଚେନ୍‌ରେ ବାନ୍ଧି ଅଣାଯାଇଥିବା ଚିତ୍ର ସାମ୍ନାକୁ ଆସିବା ପରେ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆମେରିକା ଓ କାନାଡାରେ ରହିବାର ନିୟମ କଡ଼ାକଡ଼ି ହେବା ପରେ ଭାରତୀୟ ଛାତ୍ର ଓ ବୃତ୍ତିଜୀବୀଙ୍କ ଚିନ୍ତା ବଢ଼ିଛି। ବୈଧ ଭିସା, ଅଧ୍ୟୟନ ଓ କାର୍ଯ୍ୟ ଅନୁମତିର ନିୟମ ପାଳନ ଏବେ ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି।

## ଏବେ ବି ବରିଷ୍ଠ...

ଡେ କେୟାର ସେଣ୍ଟର ଓ ବରିଷ୍ଠ ନାଗରିକ ଚିକିତ୍ସା କେନ୍ଦ୍ରକୁ ସକ୍ରିୟ କରାଯିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ବରିଷ୍ଠ ନାଗରିକ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ଲାଗି ଯୋଜନା ହୋଇଥିଲା। ଗୁରୁତର ବୟୋଜ୍ୟେଷ୍ଠ ନାଗରିକଙ୍କୁ ଏଠାରେ ଆବଶ୍ୟକୀୟ ଚିକିତ୍ସା ସୁବିଧା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

ମାତ୍ର ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାର ଗଠନର ୮୦୦ ଦିନ ପୂରଣ ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକଙ୍କ ପାଇଁ ଘୋଷଣା କରାଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ହେଲା ନାହିଁ; ସରକାରୀସ୍ତରରେ ମଧ୍ୟ ନିଷ୍ପତ୍ତି ହୋଇଥିବା ଯୋଜନା ଓ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟମ ହୋଇ ପାରିଲା ନାହିଁ। ରାଜ୍ୟ ବରିଷ୍ଠ ନାଗରିକ ସଂଘର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ ଚଳିତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ତାଙ୍କ ନିର୍ବାଚନୀ ଇସ୍ତାହାରରେ ଯେଉଁଭଳି ଭାବେ ବରିଷ୍ଠ ନାଗରିକଙ୍କ ପାଇଁ ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ହୋଇପାରି ନାହିଁ। ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ବୟସ୍କ, ବିଧବା, ଦିବ୍ୟାଙ୍ଗ ଓ ନିରାଶ୍ରୟମାନଙ୍କୁ ମାସିକ ଭତ୍ତା ୩ହଜାର ଟଙ୍କା ପ୍ରଦାନ କହିଥିଲେ ହେଁ ତାହା ଏଯାଏ ମିଳିଲା ନାହିଁ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।


**OFFICE OF THE PRINCIPAL**
**NATIONAL COLLEGE, NUAPADA**
AT/PO/DIST-NUAPADA (ODISHA)-766105

ବିଜ୍ଞପ୍ତି
ଅତିଥି ଅଧ୍ୟାପକ ନିଯୁକ୍ତି

ନ୍ୟାସନାଲ ମହାବିଦ୍ୟାଳୟ, ନୂଆପଡା, ଡୁମେରପାଣି, ସାଇଦା ୭୬୬୧୦୫ ରେ ନିମ୍ନଲିଖିତ ବିଷୟଗୁଡ଼ିକରେ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଅତିଥି ଅଧ୍ୟାପକ (Guest Faculty) ଭାବେ ଅସ୍ଥାୟୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଛି। UGC Regulation ୧୯୯୮ ଅନୁସାରେ ଯୋଗ୍ୟ ପ୍ରାର୍ଥୀମାନେ ନିମ୍ନଲିଖିତ ବିଷୟରେ ଆବେଦନ କରିପାରିବେ।

| ବିଷୟ | ପଦ ସଂଖ୍ୟା |
|---|---|
| Education | 01 |
| Geography | 01 |
| Commerce (AEDP) | 02 |
| Economics (AEDP) | 01 |
| History (AEDP) | 01 |

ଆବେଦନ ପ୍ରକ୍ରିୟା: (HIMS Portal) https://hims.odisha.gov.in ମାଧ୍ୟମରେ ଆବେଦନ କରିବାକୁ ହେବ ଅନ୍ୟଥା ଆବେଦନ ଗ୍ରହଣ କରାଯିବ ନାହିଁ। ଆବେଦନ ତା ୨୧.୦୮.୨୦୨୬ ରିଖରୁ ତା ୦୪.୦୯.୨୦୨୬ ମଧ୍ୟରେ। ସାକ୍ଷାତ୍କାର ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ତା ୦୭.୦୯.୨୦୨୬ ରିଖ। ସବିଶେଷ ବିବରଣୀ ପାଇଁ (HIMS Portal) https://hims.odisha.gov.in କୁ ଅନୁଧ୍ୟାନ କରନ୍ତୁ।

Principal I/C
National College, Nuapada

**ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ**

ଇ-ଟେଣ୍ଡରିଂ ବିଜ୍ଞପ୍ତି

ଡିଭିଜନାଲ୍ ରେଲୱେ ମ୍ୟାନେଜର (WA), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍‌ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଉଛି। ବିବରଣୀ ନିମ୍ନରୂପ:- ଇ-ଟେଣ୍ଡର ନଂ.: RTM-2026-27-76, କାର୍ଯ୍ୟର ନାମ: ଉଜ୍ଜୟିନୀରେ ପ୍ରସ୍ତାବିତ ଚାରି ଲେନ୍ Reoganj ROB ସମ୍ବନ୍ଧରେ ବିଲ୍ଡିଂ କାର୍ଯ୍ୟ, ପାଇପଲାଇନ୍ ନେଟୱର୍କ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ ସିଭିଲ୍ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୪,୧୫,୩୨,୭୭୦.୮୫, ବୟନା ରାଶି: ଟ. ୮,୩୦,୭୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୮.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୬.୦୯.୨୦୨୬। ଇ-ଟେଣ୍ଡର ନଂ.: RTM-2026-27-79, କାର୍ଯ୍ୟର ନାମ: ଉଜ୍ଜୟିନୀରେ SSE ବ୍ରିଜ୍ ଅଫିସ୍, ଗୋଦାମ ଏବଂ ୱର୍କସପ୍ ପ୍ରଦାନ କରିବା। (କମ୍ପୋଜିଟ୍ ସିଭିଲ୍ + ଇଲେକ୍ଟ୍ରିକାଲ୍), ଆନୁମାନିକ ମୂଲ୍ୟ: ଟ. ୨,୭୩,୩୩,୨୮୩.୧୧, ବୟନା ରାଶି: ଟ. ୫,୪୬,୭୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୯ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୮.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୬.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। Apex/214

Like us on: facebook.com/WesternRly

**FOR SALE**

1 Number of TATA NEXON CAR, Registration No.- OD-11-AA-9024, Model- 2024 ENGINE NO –REVTRN21PWXMR3767, CHASSIS NO -MAT627407RLA01389, For Details, contact –8280406596,9043001906, SUNDARAM FINANCE LTD., MISHRA COMPLEX,2 ND FLOOR, INFRONT OF SATYASAI SCHOOL, BARIPADA,MAYURBHANJ-757001 PH. NO-0679-2253348

**OFFICE OF THE NOTIFIED AREA COUNCIL, KUCHINDA**

Letter No. 1883 /NAC Dated: 19.08.2026

Expression of Interest (EOI) for Selection of Mission Shakti Groups for O&M of AAHAAR Kendra & AAHAAR Kitchen in Notified Area Council, Kuchinda

Notified Area Council Kuchinda invites Expression of Interest (EOI) in the Prescribed Formats (Annexure-I & II) in sealed cover from the intending Mission Shakti Groups having the credibility and experience for O&M of Aahaar Kendra & Aahaar Kitchen and overall management of Aahaar centre including cooking Transportation of meal at Aahaar centre and the entire responsibilities of Aahaar and bring in better accountability towards the public. The applicants should be under Notified Area Council Kuchinda Jurisdiction only.

| | | |
|---|---|---|
| 01 | Available of EOI documents in website | 21.08.2026 (10.00 AM) |
| 02 | Last date and time of submission of EOI | 09.09.2026 (BY 1.00PM) |
| 03 | Date and time of Opening of EOI | 10.09.2026 (10.30 AM) |
| 04 | For downloading the EOI documents and term and Condition of assignment, please visit the Notified Area council Kuchinda website and Sambalpur district website | www.nackuchinda.in https://sambalpur.odisha.gov.in/ |

The authority reserves right to reject any or all the EOIs without assigning any reason thereof. Any Change/ Correction/ Corrigendum in respect the above shall be placed in NAC Kuchinda website.

Sd/- Executive Officer
Notified Area Council, Kuchinda

**OFFICE OF THE NOTIFIED AREA COUNCIL, BHUBAN**

e-Mail: bhubann.hud@od.gov.in

INVITATION FOR BIDS

13001/1615/2627

E- Procurement Notice- 04/2026-27

Tender Call Notice No-2017/BBN NAC Dt.20.08.2026

1. Name of the work : 06 Numbers of Civil Construction works as in the DTCN published in the website.
2. Estimated Cost : Varies from Rs. 03 Lakhs to Rs 05 Lakhs
3. Period of Completion : One Month to Three Months
4. Date and time of availability of Bid Document in the Portal : From 10.00 A.M of Dt. 24.08.2026 to 5.00 P.M of Dt. 05.09.2026
5. Last date /Time for receipt of Bid in the portal : 5.00 P.M of Dt. 05.09.2026
6. Date and time of opening of Bid : 10.00 A.M hours of Dt. 07.09.2026
7. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-Procurement portal http://tenderorissa.gov.in

Executive Officer
Bhuban N.A.C.

OIPR-13001/13096/1/26-27/0003

**AFFIDAVIT**

I, SUJIT PANDA S/O- RAMESH CHANDRA PANDA, RESIDENT AT- PLOT NO- 115, BAPUJI NAGAR, PS- CAPITAL P.S., BHUBANESWAR- 751009, ODISHA DECLARE BY THIS AFFIDAVIT NO- 105, DT- 27.03.2024. THAT NOW ON WARDS I SHALL BE KNOWN AS SOOJIT PANDA FOR ALL FEATURES PURPOSES.

**AFFIDAVIT**

By virtue of an affidavit sworn before the Executive Magistrate, Begunia, dated 03.06.2026, I, **Manoranjan Jena,** At/Po- P.S. Begunia, Dist. Khordha, PIN-752062, Odisha declare that I have changed my name from **Manoj Jena** (old name) to **Manoranjan Jena** (new name) for correction of my Aadhaar records. Henceforth, I shall be known as **Manoranjan Jena** for all purposes.

**Manoranjan Jena**

**AFFIDAVIT**

I, Ananta Kumar Patra, aged about 61 years, S/o- Late Bhaku Patra, resident of Vill- Jhadeswarpur, Po/Ps- Jaleswar, Dist- Balasore, Pin- 756032, Odisha declared by this affidavit No. 3470, dtd- 05/08/2026 that now onwards I shall be known as **ANANTA PATRA** for all future purposes.

**OFFICE OF THE MUNICIPAL COUNCIL: JAYAPUR**

13001/1600/2627 Phone No. : 06854-231098, e-Mail: ulbievpore@email.com

Letter No. 4114 Date: 19/08/2026

Advertisement for Auction Sale Notice

Through this notice, the general public is hereby informed that the following municipal property under Jayapur Municipality will be leased for the financial year 2026-2027. Therefore, institutions, individuals, and self-help groups registered under Jayapur Municipality who are interested in taking the lease are requested to submit sealed tenders by Registered Post by 12 PM (Noon) on 29.08.2026. The tenders received will be opened at 5 PM on 29.08.2026.

The approved parking fee rate chart and tender documents can be obtained from the office of Municipality @ Cashier Section by paying the prescribed fee between 21.08.2026 to 28.08.2026.

The authority is not bound to accept the highest tender or any tender. The authority reserves the right to cancel or reject all tenders without providing any reason.

All details, terms and conditions related to the tender can be obtained from the office of the Municipality.

| Sl No | Name of the property | Lease period | Lease value for 11 months (INR) | Security Deposit (INR) | Tender Document Fee (INR) |
|---|---|---|---|---|---|
| 01 | Paid Parking Stand Near Old OSRTC Bus Stand | 01.09.2026 to 31.07.2027 | Rs. 4,31,063/- | Rs. 39,188/- | Rs. 600/- |

Sd/-
Executive Officer
Jayapur Municipality

OIPR-13001/13079/1/26-27/0025

25001/981/2627 GOVT. OF ODISHA

**OFFICE OF THE SUPERINTENDING ENGINEER RURAL WORKS DIVISION No-II, KEONJHAR**

E-mail : eerw_kjr2@yahoo.com

"e" Procurement Notice for Building Works

Identification No Online NCB - 07/2026-27.

1. Name of the Work : Building Works
2. Total Number of Work : 04 Nos. Building
3. Estimated Cost : Rs. 52.54 Lakhs to Rs. 55.08 Lakhs
4. Class of Contractor : Only 'B' Class
5. Period of Completion : As per annexure of e-Procurement Notice No. 07/2026-27.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar, | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Building Online NCB No.07 | Dt.28.08.26 at 11.00 A.M. | Dt.09.09.26 up to 5.00 P.M. | Dt.08.09.26 up to 5.00 P.M. | Dt.10.09.26 at 11.00 A.M. | Will be intimated later |

Further details can be seen from the Website www.tendersorissa.gov.in

Sd/-
Executive Engineer
R.W.Divn.No-II, Keonjhar

OIPR-25001/25093/1/26-27/007

**ଜିଲ୍ଲା ପରିଷଦ, ଅନୁଗୋଳ**
**ZILLA PARISHAD, ANGUL**
ପଞ୍ଚାୟତି ରାଜ
Dist. -ANGUL, Odisha. Pin-759122
E-mail : ori-danqul@nic.in , drdaangul@gmail.com

19001/208/2627 ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

ବ୍ଲକ ସ୍ତରୀୟ ଜନଶୁଣାଣି

କାର୍ଯ୍ୟାଳୟ ଆଦେଶନାମା ସଂଖ୍ୟା - 2929 / ତା: 18.08.2026

ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷା କ୍ୟାଲେଣ୍ଡର ଅନୁଯାୟୀ (୦୧-ଅକ୍ଟୋବର-୨୦୨୫ ଠାରୁ ୩୧ ମାର୍ଚ୍ଚ୨୦୨୬) ମଧ୍ୟରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟ ଗୁଡିକର ବ୍ଲକ ସ୍ତରୀୟ ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରଯାଉଅଛି।

ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଅଛି କି ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସଂପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିଗଣ ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମର କାର୍ଯ୍ୟକାରୀତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପିତ କରିବା ହେବେ।

ବ୍ଲକ ସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟକ୍ରମ

| କ୍ର. ସଂ. | ବ୍ଲକର ନାମ | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତା ପ୍ରାପ୍ତ ଅଧିକାରୀ |
|---|---|---|---|---|---|
| ୧ | ପାଲଲହଡା | ୦୮/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ,ପାଲଲହଡା |
| ୨ | ବଣିଶାଁ | ୦୯/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ମୁଖ୍ୟଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ |
| ୩ | ଛେଣ୍ଡିପଦା | ୧୦/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅନୁଗୋଳ |
| ୪ | ଅନୁଗୋଳ | ୧୧/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅନୁଗୋଳ |
| ୫ | ତାଲଚେର | ୧୮/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ତାଲଚେର |
| ୬ | ବଣ୍ଟଉପାଳ | ୧୯/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଅନୁଗୋଳ |
| ୭ | କିଶୋର ନଗର | ୨୨/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଆଠମଲ୍ଲିକ |
| ୮ | ଆଠମଲ୍ଲିକ | ୨୩/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ନିର୍ବାହୀଅଧିକାରୀ,(ପ୍ରଶାସନ) ଜିଲ୍ଲାପରିଷଦ, ଅନୁଗୋଳ |

ସ୍ୱା/-
ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ

ସ୍ୱା/-
ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ଅନୁଗୋଳ

OIPR-19001/19236/1/26-27/0002

ସକାଳ
THE SAKALA



# ପ୍ରକୃତିର ତାଣ୍ଡବ ପରେ ପର କରିଦେଇଛି ପ୍ରଶାସନ

ବାଲେଶ୍ୱର ସଦର, ୨୦।୮ (ସମିସ)



ଦୁର୍ଦ୍ଦଶା ଘେରରେ ଅଢ଼େଇ ହଜାର ଲୋକ

୧୫ ଦିନରେ ଦୁଇଥର ବନ୍ୟା। ଦୁର୍ଦ୍ଦଶା ଭିତରେ ଅଢ଼େଇ ହଜାର ଲୋକ। ଖାଇବାକୁ ନାହିଁ, ମୁଣ୍ଡ ଉପରେ ଛାତ ନାହିଁ, ଆଉ ପାଖରେ ପ୍ରଶାସନ ବି ନାହିଁ। ଜିଲ୍ଲା ପ୍ରଶାସନକୁ ସଂଯୋଗ କରୁଥିବା ସଦର ବ୍ଲକ ଅଧିନସ୍ଥ କୁରାଡିହା ପଞ୍ଚାୟତର କୋଇଲି ସାହି ଗ୍ରାମର ବର୍ତ୍ତମାନର ଅବସ୍ଥା ଏଇଆ। ମାତ୍ର ୧୫ ଦିନ ମଧ୍ୟରେ ଦୁଇ ଦୁଇ ଥର ବନ୍ୟା ଆସି ସମ୍ପୂର୍ଣ ଗାଁକୁ ବୁଡ଼ାଇ ଦେଇଛି। ଆଜି ପର୍ଯ୍ୟନ୍ତ ବି ପାଣି ଛାଡି ନାହିଁ। ଘରଦ୍ୱାର ସବୁ ପାଣି ଘେରରେ। ଅନେକ ମାଟି ଘରର କାନ୍ଥ ଝଡି ପଡିଛି। ଏଠାର ପ୍ରାୟ ଅଢ଼େଇ ହଜାର ଲୋକ ଅସହାୟ ଅବସ୍ଥାରେ ବିପଦ ଭିତରେ ଦିନ କାଟୁଛନ୍ତି। ବନ୍ୟା ପରର ଦୃଶ୍ୟ ଅତ୍ୟନ୍ତ ଭୟାବହ। ଚାରିଆଡେ ପାଣି ଆଉ ସେହି ପାଣି ଭିତରେ ସାପ, ବେଙ୍ଗ, ବିଛା ଭଳି ବିଷାକ୍ତ ଜୀବଙ୍କ ଆତଙ୍କ। ଛୋଟ ଛୋଟ ପିଲାଙ୍କ ଜୀବନ ପ୍ରତି ପ୍ରତି ମୁହୂର୍ତ୍ତରେ ବିପଦ। ମା' ମାନେ ପିଲାଙ୍କୁ କୋଳରେ ଧରି ରାତି କାଟୁଛନ୍ତି କାରଣ ତଳେ ଶୋଇବାର ସ୍ଥାନ ନାହିଁ। ସବୁଠୁ ବଡ ସମସ୍ୟା ହେଲା ଖାଇବା ପିଇବା। ଘରେ ଗ୍ୟାସ ନାହିଁ, ଥିବା କାଠ ସବୁ ଓଦା ହୋଇ ଜଳୁନି। ଫଳରେ କେହି ଚୁଲି ଜଳେଇ ପାରୁନାହାନ୍ତି। ବନ୍ୟାର ପ୍ରଥମ ଦୁଇ ଦିନ କିଛି ପରିବାର ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ ମଧ୍ୟ ସେଠାରେ ମାତ୍ର ଥରେ ରନ୍ଧା ଖାଦ୍ୟ ମିଳିଥିଲା। ପ୍ରଶାସନ ପକ୍ଷରୁ ଆଜି ଯାଏ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟର କୌଣସି ବ୍ୟବସ୍ଥା ହୋଇନାହିଁ। ଗୃହ ପାଳିତ ପଶୁଙ୍କ ଅବସ୍ଥା ବି ଅତ୍ୟନ୍ତ ଖରାପ। ନା ଘରେ ଖାଇବାକୁ ମିଳୁଛି ନା ବାହାରେ ଚାରିବାକୁ ଜାଗା ଅଛି। ଚାରିପଟେ ପାଣି ବୁଡି ରହିଥିବାରୁ ଦୁର୍ଗନ୍ଧ ଓ ବିଷାକ୍ତ ଜୀବଙ୍କ ଉତ୍ପାତ ବଢିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବି କୌଣସି ତତ୍ପରତା ଦେଖାଯାଇନାହିଁ। ନଳକୂପ ସବୁ ପାଣିରେ ବୁଡି ରହିଥିବାରୁ ଲୋକେ ବାଧ୍ୟ ହୋଇ ସେହି ପାଣି ପିଉଛନ୍ତି। ଏଭଳି ପରିସ୍ଥିତିରେ ଏହି ଗ୍ରାମର କନ୍ହେଇ ଦାସ, ବେଣୁଧର ଦାସ, ଜଗନ୍ନାଥ ଦାସ, ବାବୁ ଦଳେଇ, ଭାଗବତ ଦଳେଇ, ବେଣୁ ଦଳେଇ, ବିଦ୍ୟାଧର ବାରିକ, ସୁଶାନ୍ତ ଦଳେଇ, କୈଳାଶ ବାରିକ ଓ ଆଦିକନ୍ଦ ବାରିକ ପ୍ରମୁଖ ପ୍ରଶାସନିକ ଅବହେଳା ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ବନ୍ୟା ପ୍ରକୃତି ଆଣିଥିଲା, କିନ୍ତୁ ଭୋକ ଓ ଅବହେଳା ଆଣିଛି ପ୍ରଶାସନ। କୋଇଲି ସାହିର ଲୋକେ ଏବେ ସାହାଯ୍ୟ ପାଇଁ ଆକୁଳ ହୋଇ ଚାହିଁ ରହିଛନ୍ତି।

## ହେଲ୍‌ପରକୁ ଚାପିଦେଲା ବସ୍, ଗୋଡ଼ାଇ ଧରିଲେ ଗ୍ରାମବାସୀ

ବାଲେଶ୍ୱର,୨୦।୮ (ସମିସ): ଚାନ୍ଦିପୁର ଥାନା ଡିଫେନ୍ସ ରୋଡ ଝାଁଙ୍ଗରା ଛକ ନିକଟରେ ଆଜି ଏକ ବସ ଦୁର୍ଘଟଣା ଦେଖିବାକୁ ମିଳିଛି। ସକାଳ ସମୟରେ ଏକ ଘରୋଇ ବସ ବଳରାମଗଡିରୁ ପ୍ରାୟ୨୦ରୁ ଅଧିକ ସ୍କୁଲ ଛାତ୍ରଛାତ୍ରୀ ଓ ପାସେଞ୍ଜର ନେଇ ବାଲେଶ୍ୱର ଅଭିମୁଖେ



ଆସୁଥିବାବେଳେ ଝାଁମ୍ପୁରା ଛକ ନିକଟରେ ବସ ସାମ୍ନାକୁ କିଛି ଛେଳି ଚାଲିଆସିଥିଲା। ବସ୍‌ର ହେଲପର ସେହି ଛେଳି ଘୋଉଡାଇବାକୁ ଯାଇ ବସ ଉପରକୁ ଉଠୁଥିବା ବେଳେ ବସର ଚକ ହେଲପରର ଦୁଇ ଗୋଡ ଉପରେ ଚଢିଯାଇଥିଲା। ହେଲେ ହେଲପରର ଚିକିତ୍ସା କରିବା ପରିବର୍ତ୍ତେ ତାଙ୍କୁ ଛାଡିଦେଇ ବସ୍ ଫେରାର ହେଉଥିବାବେଳେ ହେଲପର ରାସ୍ତାରେ ପଡି ଛଟପଟ ହେଉଥିଲା। ପ୍ରାୟ ୧ କିଲୋମିଟର ଯିବାପରେ ସ୍ଥାନୀୟ ଗ୍ରାମବାସୀ ବସକୁ ଗୋଡେଇ ଗୋଡେଇ ଧରି ବସର ଡ୍ରାଇଭରକୁ ଅଟକ ରଖିଥିଲେ। ଏ ନେଇ କିଛି ସମୟ ଚାନ୍ଦିପୁର ରାସ୍ତାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଗୁରୁତର ହେଲପରଙ୍କୁ ଏକ ଅଟୋରେ ସ୍ଥାନୀୟ ଲୋକ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଚାନ୍ଦିପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସଟିକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

## ଗାଡ଼ି ଧକ୍କାରେ ଡାକ କର୍ମଚାରୀ ମୃତ

ସୋର,୨୦।୮ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଡାକ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ବାରିପଦା ଦାମୋଦରପୁର ଅଞ୍ଚଳର ହରିଶ୍ଚନ୍ଦ୍ର ହେମ୍ବ୍ରମ(୪୫) କୋଷ୍ଟା ପୋଷ୍ଟ ଅଫିସରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଏକ କାରରେ ତାଙ୍କର ଜଣେ ସହଯୋଗୀ ସତ୍ୟଜିତ ବେହେରାଙ୍କ ସହ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନଂ ଜାତୀୟରାଜପଥ ଅଲୀପୁର ଛକ ନିକଟରେ ଉଭୟ କାର ରଖି ପରିଶ୍ରା କରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କ କାରକୁ ପଛରୁ ଧକା ଦେଇ ଫେରାର ହୋଇ ଯାଇଥିଲା। ଫଳରେ କାର ଆଗରେ ଥିବା ହରିଶ୍ଚନ୍ଦ୍ରଙ୍କ ସହିତ କାରଟି ପିଟି ହୋଇ ରାସ୍ତା କଡରେ ଥିବା ଏକ ଗଛକୁ ଧକା ଦେଇଥିଲା। ଏଥିରେ ଉଭୟ ଗୁରୁତର ଆହତ ହୋଇଥିବା ବେଳେ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ହରିଶ୍ଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିବା ବେଳେ ସତ୍ୟଜିତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ପରିବାର ଲୋକଙ୍କ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର ଟିକୁ ଜବତ କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ଟ୍ରେନ୍‌ରୁ ଖସି ପଡ଼ି ଗୁରୁତର ଯୁବକଙ୍କ ମୃତ୍ୟୁ

ସୋର,୨୦।୮ (ସମିସ): କଲିକତାରୁ ଗଙ୍ଗାସ୍ନି ସାରି ଘରକୁ ଫେରୁଥିବା ବେଳେ ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଥିବା ଯୁବକଙ୍କ ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁ ହୋଇଯାଇଛି। ସୋର ଥାନା ଆଙ୍ଗୁଳା ଗ୍ରାମର କରୁଣାକର ବେହେରା ଗତ ୧୩ ତାରିଖ ରାତିରେ ତାଙ୍କ ଶଶୁରଙ୍କ ଗଙ୍ଗାସ୍ନି ସାରି କଲିକତାରୁ ବାଘାଯତିନ ଟ୍ରେନରେ ଘରକୁ ଫେରୁଥିଲେ। ରୁପ୍ସା ଷ୍ଟେସନ ନିକଟରେ ସେ ଅସାବଧାନତା ବଶତଃ ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ରେଳ କର୍ମଚାରୀ ମାନେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଗତକାଲି ସନ୍ଧ୍ୟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ମର ଶରୀର ଗ୍ରାମରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଏକ ଶୋକାକୋଳ ପରିବେଶରେ ଶବ ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ରାଜ୍ୟ କନିଷ୍ଠ କବାଡ଼ିରେ ଜିଲ୍ଲା କ୍ରୀଡ଼ାବିତ୍‌ଙ୍କ ସଫଳତା

ବାଲେଶ୍ୱର,୨୦।୮ (ସମିସ): ଭୁବନେଶ୍ୱରର ଗୋଠପାଟଣାଠାରେ ହୋଇଥିବା ୫୨ତମ ରାଜ୍ୟସ୍ତରୀୟ କନିଷ୍ଠ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ୧୨ ଜଣ ବାଳକ ଅଂଶଗ୍ରହଣ କରିଥିଲେ। ଲିଗ ପର୍ଯ୍ୟାୟରେ ହୋଇଥିବା ଖେଳରେ ବାଲେଶ୍ୱର ଜିଲ୍ଲା ଖେଳାଳୀ ମାନେ ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରତିଯୋତିତାର ଫାଇନାଲ ଖେଳ ଖୋର୍ଦ୍ଧା ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲା ମଧ୍ୟରେ




ହୋଇଥିଲା। ବାଲେଶ୍ୱର ଜିଲ୍ଲା ଦଳ ଖୋର୍ଦ୍ଧା ଜିଲ୍ଲା ଦଳ ଠାରୁ ଫାଇନାଲରେ ୨୩-୧୯ ପଏଣ୍ଟରେ ହାରିଯାଇ ରନର୍ସ ଅପ ହୋଇଥିଲେ ଏବଂ ପୁରସ୍କାର ସ୍ୱରୂପ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣ କରିଥିବା ଖେଳାଳୀ ମାନେ ହେଲେ ଦୀପକ ମାଝି, ଗୋପାଳ ମହୁରି, ହରିଶ କରନ, ଉତ୍ତମ ଦଳେଇ, ତାପସ ପାତ୍ର, ଜଗନ ଜେନା, ଦିଲିପ କୁମାର ଟୁଡୁ, କିରଣ ପାତ୍ର, ପ୍ରଦିପ ବାରିକ, ଭକ୍ତ ବନ୍ଧୁ ଜେନା, ଅତିତ କାନ୍ତି ଦାସ, ରାହୁଲ କୁମାର ମହାଳିକ, କୋଚ୍ ମନୋଜ କୁମାର ଜେନା ଦଳରେ ଥିଲେ। ଖେଳାଳିମାନଙ୍କ ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଓ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ସହିତ ସମସ୍ତ କର୍ମକର୍ତ୍ତା, ସଭ୍ୟମାନେ ଖେଳାଳିମାନଙ୍କୁ ଅଭିନନ୍ଦନ ଦେବା ସହିତ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଉନ୍ନତି କାମନା କରିଛନ୍ତି।

## ଯୋଗ୍ୟ ହିତାଧିକାରୀ ଆବାସ ପାଇବାରୁ ବଞ୍ଚିତ

ଜଳେଶ୍ୱର,୨୦।୮ (ସମିସ) : ରାଜ୍ୟରେ ଥିବା ସମସ୍ତ କଚ୍ଚା ଘରକୁ ପକ୍କା ଘରରେ



ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଣୟନ ହୋଇଛି। କିନ୍ତୁ ଉଦ୍ଦେଶ୍ୟ ମୂଳକ ଭାବେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଯୋଜନା ସାମିଲ ନକରିବାରୁ ଯୋଜନା ସଫଳ ହେଉନାହିଁ। ଜଳେଶ୍ୱର ବ୍ଲକ ସୁଗୋ ଗାଁର ୧୦ ନଂ ୱାର୍ଡବାସୀ ଅମୋଲ କୁମାର ପରିଡ଼ା, ୪ ଜଣିଆ ପରିବାରକୁ ଟ୍ୟୁସନ କରି ଚଳାଇଥାନ୍ତି। ନାମକୁ ମାତ୍ର ଜମି ଖଣ୍ଡିଏ ଥିବା ବେଳେ ସରକାରୀ ଚାଉଳକୁ ବାଦ ଦେଲେ ସମସ୍ତ ସରକାରୀ ଯୋଜନାରୁ ପରିବାର ବଞ୍ଚିତ ରହିଛନ୍ତି। ବନ୍ୟା ପ୍ରବଣ ଅଞ୍ଚଳରେ ଦଦରା ମାଟି ଘରଟି ନଷ୍ଟ ହୋଇଥିବା ବେଳେ ବନ୍ୟାଞ୍ଚଳ ପରିଦର୍ଶନରେ ଆସିଥିବା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଗୁହାରି ଜଣାଇଥିଲେ। ଫଳରେ ତହସିଲଦାର ଓ ବିଡ଼ିଓଙ୍କ ନିର୍ଦ୍ଦେଶରେ ଆରଆଇ, ଶ୍ରୀ ପରିଡ଼ାଙ୍କ ଘରେ ପହଞ୍ଚି ପରିଦର୍ଶନ କରିଛନ୍ତି।

## ହଳଦିପଦା-ବାହାବଳପୁର ରାସ୍ତା ଉପରେ ପାଣି, ଯାତାୟାତ ଠପ୍



ବାଲେଶ୍ୱର ସଦର, ୨୦।୮ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ହଳଦୀପଦା - ବାହାବଳପୁର ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜକୁ ୭/୮ ଦିନ ହେବ ବନ୍ୟା ପାଇଁ ଏହି ରାସ୍ତାର ଶିଳଦା, ଛାନୁଆ ଓ ଚିରକୁଣି ଚଟାଣ ନିକଟରେ ଆଜି ବି ଅଢ଼େଇ ତିନି ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଯାହା ଫଳରେ ଛୋଟ ଯାନ ମାନଙ୍କୁ ଯାତାୟତରେ ଅସୁବିଧା ହେଉଛି। ଏହି ରାସ୍ତାଟି ବାହାବଳପୁର ମୁହାଣରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତା ଅଟେ। ଯାହା ଫଳରେ ପ୍ରତ୍ୟେକ ଦିନ ଶତାଧିକ ମତ୍ସ୍ୟ ବ୍ୟବସାୟୀ ମାନେ ବାଇକ ଉପରେ ମାଛ ଲୋଡ୍ କରି ଯିବା ଆସିବା କରିଥାନ୍ତି। ମାତ୍ର ଗତ ଶୁକ୍ରବାର ଦିନ ଆସିଥିବା ବନ୍ୟାପାଣି ସବୁ ଆଜି ପର୍ଯ୍ୟନ୍ତ ଜମି ରହିଥିବାରୁ ଏକ ସପ୍ତାହ ଧରି ଏହି ଚଟାଣ ଉପରେ ପାଣିର ସ୍ରୋତ ରହିଛି। ଯାହା ଫଳରେ ଅନେକ ଲୋକ ପ୍ରତ୍ୟେକ ଦିନ ହଇରାଣ ହେଉଛନ୍ତି। ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୮ (ସମିସ): ଦେଶ ଓ ରାଜ୍ୟର ଯୁବକ ଯୁବତୀମାନଙ୍କୁ ନିଶାଠାରୁ ଦୂରେଇ ରଖିବା ପାଇଁ ମିଳିତ ନିଶା ନିଶ ନିବାରଣ ଅଭିଯାନ ପକ୍ଷରୁ ନିଶା ବିରୋଧ ସଚେତନ୍ତା ଶିବିର ବର୍ଷବ୍ୟାପୀ ଅନୁଷ୍ଠିତ ହେଉଛି। ସ୍ଥାନୀୟ ପୁଲିସ୍ ସରକାରୀ ହାଇସ୍କୁଲ୍ ପରିସରରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ମୁଖ୍ୟ ଶାଖା, ବାଲେଶ୍ୱରର ସହଯୋଗରେ ଏକ ସଚେତନତା ଶିବିର ବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଯୋଗଦେଇ ଏହିପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ଶିଶୁ ରୋଗ ବିଶେଷଜ୍ଞ ତଥା ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡା. ମିନାକ୍ଷୀ ରାୟ ବିଭିନ୍ନ ପ୍ରକାର ନିଶାସେବନର ଭୟାବହତା ଉପରେ ନିଜର ମତ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ବରିଷ୍ଠ ରୋଟାରୀଆନ୍ ସୁବ୍ରତ କର, ସାଧାରଣ ସଂପାଦିକା ମମତା ମହାପାତ୍ର, କାର୍ଯ୍ୟକ୍ରମର ସଂଯୋଜକ ଡ. କ୍ଷିତୀଶ୍ୱର ଦାଶ ପ୍ରମୁଖ ନିଶା ବିରୋଧରେ "ମନା'ର ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷକ ନଗେନ୍ କୁମାର ସିଂ ମଞ୍ଚ ଆହ୍ୱାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶିବନାରାୟଣ ନାୟକ, ପ୍ରଭାତ ବାରିକ, ସେକ୍ ଆୟୁବ୍ ଓ ସନମ୍ ମହାନ୍ତି ଏହି ଶିବିରର ତାତ୍ପର୍ଯ୍ୟ ସଂପର୍କରେ ନିଜନିଜର ଅଭିମତ ରଖିଥିଲେ। ଶିକ୍ଷୟିତ୍ରୀ ଇନ୍ଦୁମତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

## ଏମ୍‌ସର ବହିର୍ବିଭାଗର ନୂତନ ଡାକ୍ତରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ



ବାଲେଶ୍ୱର,୨୦।୮ (ସମିସ): ଗତ ୨୦୧୭ ମସିହାରୁ ଏମ୍‌ସ ସାଟେଲାଇଟ୍ ସେଣ୍ଟରର ବହିର୍ବିଭାଗ ପ୍ରଥମ ପର୍ଯ୍ୟାୟରେ ସପ୍ତାହକୁ ଗୋଟିଏ ଦିନ ଓ ପରବର୍ତ୍ତୀ ସମୟରେ ସପ୍ତାହକୁ ଶୁକ୍ରବାର ଓ ଶନିବାର ମାତ୍ର ଦୁଇଦିନ ପାଇଁ କାର୍ଯ୍ୟ କରୁଥିଲା। ଏମ୍‌ସ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାବାସୀ ଦାବି କରିଆସୁଥିଲେ। ଚଳିତ ଅଗଷ୍ଟ ପହିଲା ଦିନ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ଗଣସଂଗଠନ ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏମ୍‌ସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏମ୍ସ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଅନୁଯାୟୀ ଗତ ସୋମବାର ଠାରୁ ବହିର୍ବିଭାଗର ୫ଟି ବିଭାଗ କାର୍ଯ୍ୟ ଆରମ୍ଭ କରିଛି। କେବଳ ରବିବାର ବ୍ୟତୀତ ସପ୍ତାହବ୍ୟାପୀ ଏହି ବହିର୍ବିଭାଗ କାର୍ଯ୍ୟକ୍ଷମ ରହିବ। ପର୍ଯ୍ୟାୟକ୍ରମେ ବହିର୍ବିଭାଗରେ ଅନ୍ୟ ସମସ୍ତ ବିଭାଗ କାର୍ଯ୍ୟ ଆରମ୍ଭ କରିବ ବୋଲି ଏମ୍ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମସ୍ତ ରୋଗର ପରୀକ୍ଷା ପାଇଁ ପାଥୋଲ୍ୟାବ୍ ଓ ଔଷଧ ଦୋକାନ ସବୁ ଯଥାଶୀଘ୍ର କାର୍ଯ୍ୟାରମ୍ଭ କରିବ। ଚଳିତ ସପ୍ତାହରେ ଅର୍ଥପେଡ଼ିକ, ଚର୍ମ, ପ୍ରସୂତି, ସ୍ତ୍ରୀରୋଗ ଓ ଦନ୍ତବିଭାଗ କାର୍ଯ୍ୟ ଆରମ୍ଭ କରିଛି। ଆସନ୍ତା ସପ୍ତାହମାନଙ୍କରେ ସର୍ଜରୀ, ଗାଇନି, ମେଡିସିନ୍, ପେଡିଆଟ୍ରିକ, ଇଏନ୍‌ଟି, ନ୍ୟୁରୋ ଓ ସାଇକାଟିକ୍ ପ୍ରଭୃତି ବିଭାଗ କାର୍ଯ୍ୟ କରିବ। ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ଗଣ ସଂଗଠନର ନେତୃମଣ୍ଡଳୀ ଏମ୍ସ ବହିବିଭାଗରେ କାର୍ଯ୍ୟାରମ୍ଭ କରିଥିବା ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏମ୍ସ କର୍ତ୍ତୃପକ୍ଷ ନିଜର ପ୍ରତିଶ୍ରୁତି ରକ୍ଷା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସ, ଅତିରିକ୍ତ ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ଦାସ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା, ରେମୁଣା ଅଞ୍ଚଳ କମିଟିର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କମିଟି ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଭୋଇଙ୍କ ସମେତ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, ସିଭିଲ୍ ସୋସାଇଟି ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ କବି ଡ. କାଳିପଦ ପଣ୍ଡା ପ୍ରମୁଖ ସଂଗଠନର ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ବନ୍ୟାଞ୍ଚଳ ପରିଦର୍ଶନ

ବାଲେଶ୍ୱର,୨୦।୮ (ସମିସ): କଂଗ୍ରେସ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ବନ୍ୟା ପ୍ରଭାବିତ ଗୋପୀନାଥପୁର ପଂଚାୟତ ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିବା ସହ ବନ୍ୟାଜନିତ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରାଯାଇଛି। କଂଗ୍ରେସ ଉପସଭାପତି ସରୋଜ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଯାଇ ବନ୍ୟା ପାଣି ଗାଁ ଓ ଚାଷଜମିକୁ ମାଡ଼ିଯିବା ଫଳରେ ଏହି ଅଞ୍ଚଳଗୁଡ଼ିକରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି ବୋଲି ବୁଲି ଦେଖିଛନ୍ତି। ବିଶେଷକରି ମୁଣ୍ଡି ଦେଉଳା ଗାଁର ସମସ୍ତ ଘର ଜଳମଗ୍ନ ହୋଇଥିବାରୁ ଲୋକ ମାନେ ଗୁରୁତର କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ପରିଦର୍ଶନ ସମୟରେ ଶ୍ରୀ ଲେଙ୍କା ଲୋକଙ୍କ ସହ ସିଧାସଳଖ କଥା



ହୋଇ ସେମାନଙ୍କ ସମସ୍ୟା ଓ ଆବଶ୍ୟକତା। ବୁଝିବା ସହିତ ସମସ୍ତ ଲୋକଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। ଏହି ବନ୍ୟା ଅଂଚଳ ବୁଲିବା ସମୟ ରେ ଟାଉନ ସଭାପତି ଅନୁପ ସ୍ୱାଇଁ ଭୀମାକାନ୍ତ ତରେଇ,ଅନନ୍ତ ମହାପାତ୍ର ହର୍ଷ ଖଣ୍ଡେଲୱାଲ, ଅଜୁ ବେହେରା ଅକ୍ଷୟ ଦାସ ଏବଂ ଅର୍ଜୁନ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟା ବିପନ୍ନଙ୍କୁ ସହାୟତା



ଜଳେଶ୍ୱର,୨୦।୮ (ସମିସ): ଜଳେଶ୍ୱର ଅଞ୍ଚଳର ବନ୍ୟା ପ୍ରଭାବିତଙ୍କ ଦୁର୍ଦ୍ଦିନରେ ସହାୟତାର ହାତ ବଢାଇଛନ୍ତି ସେବିକା ଅଳକା ଜେନା। ସରକାରୀ ସହାୟତା ପର୍ଯ୍ୟାପ୍ତ ନଥିବା ଏବଂ ଅହେତୁକ ବିଳମ୍ବ ହେଉଥିବାରୁ ସାମାଜିକ ସଂଗଠନ, ରାଜନୈତିକ ନେତୃତ୍ୱ ମାନେ ଅଣ୍ଟା ଭିଡିଛନ୍ତି। ବନ୍ୟା ପ୍ରଭାବିତ ଖାଲିନ ପଞ୍ଚାୟତରେ ସମାଜସେବୀକା ଶ୍ରୀମତୀ ଜେନା ପହଞ୍ଚି ଲଗାତାର ୩ଦିନ ଧରି ସହାୟତା ପ୍ରଦାନ କରିଛନ୍ତି। ବନ୍ୟା କ୍ଲିଷ୍ଟ ୩ଶହ ପରିବାର କୁ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ବ୍ୟାପକ ଭାବେ ପ୍ରଦାନ କରାଯାଇଛି। ଉକ୍ତ ସେବା କାର୍ଯ୍ୟକ୍ରମରେ ଗାଁର ତପନ ଜେନା, ଶଙ୍କର ମହାଳିକ, ପୂର୍ଣ୍ଣଚନ୍ଦ୍ର ଜେନା, ରବୀନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଫୁଟ୍‌ପାଥକୁ ମାଡ଼ି ବସିଛନ୍ତି ଉଠା ଦୋକାନୀ

ବାଲିଆପାଳ, ୨୦।୮ (ସମିସ)



ଆଇନ ପାର୍କିଂ ଯୋଗୁଁ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ

ଏହି ବ୍ଲକ ପଥଚାରୀଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଫୁଟପାଥ ଏବେ ଜଙ୍ଗଲ ପାଲଟିଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପେଭର ବ୍ଲକ ଉପରେ ରାଖୀ ଦୋକାନ ମାଡିଯାଇଥିବା ବେଳେ ଲୋକେ ବାଧ୍ୟ ହୋଇ ଜୀବନକୁ ବାଜି ଲଗାଇ ମୁଖ୍ୟ ରାସ୍ତା ଉପରେ ମର୍ଣ୍ଣି ୱାକ୍ କରୁଛନ୍ତି । ବାଲିଆପାଳ ବ୍ଲକ ରାଜାରାଣୀ ଛକ ନିକଟ ଫୁଟପାଥ୍ ଏବେ ରାଖୀ ଦୋକାନ ପରିଣତ ହୋଇଛି । ଲକ୍ଷାଧିକ ଟଙ୍କାରେ ବିଛା ଯାଇଥିବା ପେଭର୍ ବ୍ଲକ ସମ୍ପୂର୍ଣ ଘାସ ବଣ ପାଲଟିଛି ଓ ଯାହକୁ ନେଇ ପ୍ରତିଦିନ ମର୍ଣ୍ଣିଂ ୱାକ୍ କରୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାଲିଆପାଳ ବ୍ଲକ ଛକ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଦିନକୁ ଦିନ ଟ୍ରାଫିକ ସମସ୍ୟା ଅଣାୟତ୍ତ ହେବାରେ ଲାଗିଛି। ଏହାକୁ ନେଇ ସାଧାରଣରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି। ଖୋଲାଖୋଲି ଭାବେ ସଡ଼କ ନିୟମକୁ ଉଲ୍ଲଂଘନ କରି ଯାନବାହନଗୁଡିକ ରାସ୍ତାରେ ପାର୍କିଂ କରିବା ନିୟମିତ ଅଭ୍ୟାସ ପାଲଟି ଯାଇଛି। ରାସ୍ତା ସଙ୍କୋଚନ କାରଣରୁ ସିମୁଳିଆ ମାର୍କେଟ ରେ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିଛି। ବିଶେଷକରି ମାର୍କେଟ ମୁଖ୍ୟ ଛକ ଗୁଡ଼ିକରେ ଏଭଳି ଅବ୍ୟବସ୍ଥିତ ପରିସ୍ଥିତ ସୃଷ୍ଟି ହେଉଛି । କିନ୍ତୁ ସମସ୍ୟାର ସମାଧାନ ପାଇଁ ତାଳିପକା ପଦକ୍ଷେପ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଫୁଟପାଥ ବ୍ୟବହାର ଯୋଗ୍ୟ ନଥିବାରୁ ଏବେ ରାଖୀ, ଫାଷ୍ଟଫୋଡ଼ଦୋକାନ କବ୍ଜା ରେ ରହିଛି ସେହିପରି ମାର୍କେଟ ର ଫୁଟପାଥ ଏବେ ବ୍ୟବସାୟୀଙ୍କ ଅଧୀନରେ ରହୁଛି। ଫୁଟପାଥ ଉପରେ ପରିବା ଦୋକାନଠୁ ଆରମ୍ଭ କରି ମାଛ, ମକା ଆଦି ବିଭିନ୍ନ ଦୋକାନ ଖୋଲୁଛି ଓ ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ଫୁଟପାଥ ଅଛି କି ନାହିଁ ଜାଣିହେଉନି। ସବୁ ବେଆଇନ ଦୋକାନ କବ୍ଜା ରେ ରହୁଛି ବିଭିନ୍ନ ସ୍ଥାନରେ ପେଭର ବ୍ଲକ ସବୁ ଅବହେଳାରେ ଜଙ୍ଗଲ ହୋଇଗଲାଣି । ବାଲିଆପାଳ ବ୍ଲକ ରେ ରାଜା ରାଣୀ ଛକ, ସିମୁଳିଆ ମାର୍କେଟ, ସାହୁ ଔଷଧ ଦୋକାନ ଆଗ, ଜଗନ୍ନାଥ ମନ୍ଦିର ଆଗ, ବ୍ଲକ ଛକରେ ଟ୍ରାଫିକ ସମସ୍ୟା ଗୁରୁତର ରହିଥିବା ବେଳେ ଉକ୍ତ ସ୍ଥାନ ଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ ବାଲିଆପାଳ-କାଳିପଦା ମୁଖ୍ୟ ସଡ଼କର ଉଭୟ ପାଶ୍ୱରେ ବହୁ ବ୍ୟାବସାୟିକ ପ୍ରତିଷ୍ଠାନ ସମେତ ସରକାରୀ ଓ ବେସରକାରୀ ଶିକ୍ଷାନଷ୍ଠାନ ଓ କାର୍ଯ୍ୟାଳୟ ରହିଛି ।ରାତି ପାହିଲେ ମାର୍କେଟ କୁ ଆସୁଥିବା ଅଧିକାଂଶ ଲୋକେ ନିଜ ନିଜର ଗାଡ଼ି ମୋଟରକୁ ବେଆଇନ ଭାବେ ମନଇଛା ପାର୍କିଂ କରିବା ଦେଖା ଯାଇଛି ସ୍ଥାନୀୟ ମାର୍କେଟ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ପାର୍କିଂ ଭାବେ ରହିନଥିବା ଯୋଗୁଁ ବହୁ ସମୟରେ ମୋଟର ସାଇକେଲ ସମେତ ୪ ଓ ୬ ଚକିଆ ଗାଡି ଗୁଡିକ ରାସ୍ତା ପାର୍ଶରେ ଘଣ୍ଟା ଘଣ୍ଟା ଧରିବେଆଇନ ଭାବେ ପାର୍କିଂ କରିଥାନ୍ତି। ଯଦ୍ୱାରା ମାର୍କେଟ ମଧ୍ୟରେ ଯାନବାହନ ଚଳାଚଳରେ ଅସୁବିଧା ଦେଖାଦେବା ସହ ବାଲିଆପାଳ ବ୍ଲକ ରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛିସ୍କୁଲ ପିଲା, ବୃଦ୍ଧ ଓ ମହିଳା ଦ୍ରୁତଗାମୀ ଗାଡ଼ି ଚାଲୁଥିବା ରାସ୍ତା ଉପରେ ଚାଲୁଛନ୍ତି। ଦୁର୍ଘଟଣା ଆଶଙ୍କା ବଢ଼ିଛି। ଅନ୍ୟପଟେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଫୁଟପାଥ ତିଆରି ହେଲା, ହେଲେ ଜନସାଧାରଣ ତାର ସୁବିଧା ପାଉନାହାନ୍ତି। ପରିତାପର ବିଷୟ ବାଲିଆପାଳ ବ୍ଲକରେ ଟ୍ରାଫିକ ବ୍ୟବସ୍ଥା ସ୍ଥିତି ଗମ୍ଭୀର ହୋଇଥିବା ସତ୍ତ୍ୱେ କୌଣସି ପ୍ରକାର ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଏହି ଫୁଟପାଥ୍‌ରେ ବିଭିନ୍ନ ଉଠା ଦୋକାନାମାନେ ଜବରଦସ୍ତି ସକାଳେ ବସୁଛନ୍ତି। ପ୍ରଶାସନ କଥା ଶୁଣୁନାହାନ୍ତି । ମକା, ମାଛ, ଚିକେନ, ପରିବା ଆଦି ଦୋକାନ ଖୋଲିବା ସହ ଆବର୍ଜନା ପକାଉଛନ୍ତି। ତେଣୁ ଏହାକୁ ଦୃଷ୍ଟି ଦେଇ ଯଦି ପଦକ୍ଷେପ ନିଆଯିବ ତାହେଲେ ଏହା ଫଳରେ ଫୁଟପାଥ୍ ସହରବାସୀଙ୍କ କାମରେ ଆସିପାରିବ'। ଅନ୍ୟପଟେ ଅଂଚଳବାସୀ ତୁରନ୍ତ ଫୁଟପାଥ ଦୋକାନ ସବୁ ଉଠାକରି ଚଳାପଥ ଯୋଗ୍ୟ କରିବାକୁ ଦାବି କରିଛନ୍ତି।

### ଜଙ୍ଗଲ ରାସ୍ତା ପାଇଁ ୧୮ ଶିଶୁ ଅଙ୍ଗନବାଡ଼ି ସେବାରୁ ବଞ୍ଚିତ

# ପାଚେରୀତଳ ସାହିରେ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ଦାବି

ଶରତ/ମହୁଲଡିହା, ୨୦।୮(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ବାଲିଡିହା ରାଜସ୍ୱ ଗ୍ରାମର ପାଚେରୀତଳ ସାହି ବାସିନ୍ଦା ସେମାନଙ୍କ ସାହିରେ ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଦୀର୍ଘ ଦୂରତା ଓ ଦୁର୍ଗମ ଜଙ୍ଗଲ ରାସ୍ତା କାରଣରୁ ସାହିର ଶିଶୁ ଅଙ୍ଗନବାଡି ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ପାଚେରୀତଳ ସାହିରେ ପ୍ରାୟ ୨୨ଟି ପରିବାର ବସବାସ କରୁଥିବାବେଳେ ୧୮ ଜଣ ଶିଶୁ ଅଙ୍ଗନବାଡି ସେବା ପାଇବାକୁ ଯୋଗ୍ୟ ଅଛନ୍ତି। କିନ୍ତୁ ସେମାନଙ୍କୁ ବାଲିଡିହା ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବା ପାଇଁ ପ୍ରାୟ ୫ କିଲୋମିଟର ଦୂର ଦୁର୍ଗମ ଜଙ୍ଗଲ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଏହି ଦୁର୍ଗମ ପଥ ଛୋଟ ଛୋଟ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କ ପାଇଁ ବାଧା ସୃଷ୍ଟି କରୁଛି। ସ୍ଥାନୀୟ ଗ୍ରାମବାସୀ ଶ୍ରୀମତୀ କବିତା କୁଲଡି, ଲାଦୁରା ହେମ୍ବ୍ରମ, ଝୁନା ବାନସିଂ, ଶିବସିଂ ଶୁଣ୍ଡି, ଗଣନାଥ ଶୁଣ୍ଡି ଏହି ଅସୁବିଧା ସମ୍ପର୍କରେ ଆଇସିଡିଏସ୍ ସୁପରଭାଇଜରଙ୍କୁ ଅବଗତ କରିବା ପରେ ୧୮ ଜଣ ଶିଶୁଙ୍କ ପାଇଁ ପାଚେରୀତଳ ସାହିରେ ଖାଦ୍ୟ ପ୍ରସ୍ତୁତ କରିବାର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଜଣେ ରୋଷେୟାଙ୍କୁ ଖାଦ୍ୟ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଥିଲା। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଖାଦ୍ୟ ପ୍ରସ୍ତୁତ କରୁଥିବା ରୋଷେୟା ଜଣକ ପ୍ରାୟ ଏକବର୍ଷ ଧରି ପାଉଣା ନ ପାଇବାରୁ ବର୍ତ୍ତମାନ ଖାଦ୍ୟ ପ୍ରସ୍ତୁତି ବନ୍ଦ ରହିଛି। ଫଳରେ ଯେଉଁ ସାମୟିକ ବ୍ୟବସ୍ଥା ମାଧ୍ୟମରେ ଶିଶୁଙ୍କୁ କିଛି ସେବା ଯୋଗାଇ ଦିଆଯାଉଥିଲା, ତାହା ମଧ୍ୟ ଏବେ ବନ୍ଦ ହୋଇଯାଇଛି। ଏହାର ପ୍ରଭାବରେ ଶିଶୁମାନେ ପୁଷ୍ଟିକର ଖାଦ୍ୟ, ପ୍ରାକ-ପ୍ରାଥମିକ ଶିକ୍ଷା, ଟୀକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା ସହ ସମନ୍ୱିତ ଶିଶୁ ବିକାଶ ସେବା ଅଧୀନରେ ମିଳୁଥିବା ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହା ଶିଶୁଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ବିକାଶ ଉପରେ ଗଭୀର ପ୍ରଭାବ ପକାଉଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଚେରୀତଳ ସାହିବାସୀ ତୁରନ୍ତ ସେମାନଙ୍କ ସାହିରେ ଏକ ସ୍ଥାୟୀ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ କରିବା ସହ ଶିଶୁଙ୍କ ପାଇଁ ନିୟମିତ ଖାଦ୍ୟ ଓ ଅନ୍ୟାନ୍ୟ ସେବା ସୁନିଶ୍ଚିତ କରିବାକୁ ପ୍ରଶାସନଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ମତରେ, ପାଚେରୀତଳ ସାହିରେ ନୂତନ ଅଙ୍ଗନବାଡି କେନ୍ଦ୍ର ଖୋଲାଗଲେ ୧୮ ଜଣ ଶିଶୁଙ୍କୁ ଦୀର୍ଘ ୫ କିଲୋମିଟର ଦୁର୍ଗମ ଜଙ୍ଗଲ ରାସ୍ତା ଅତିକ୍ରମ କରିବାକୁ ପଡ଼ିବନାହିଁ। ଏହାଦ୍ୱାରା ଶିଶୁମାନେ ନିୟମିତ ଭାବେ ପୁଷ୍ଟିକର ଖାଦ୍ୟ, ପ୍ରାକ୍-ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଶିଶୁ କଲ୍ୟାଣ ସୁବିଧା ପାଇପାରିବେ। ଏବେ ସ୍ଥାନୀୟ ଲୋକଙ୍କ ନଜର ପ୍ରଶାସନର ପଦକ୍ଷେପ ଉପରେ ରହିଛି। ଶିଶୁଙ୍କ ସ୍ୱାର୍ଥକୁ ସର୍ବାଗ୍ରେ ରଖି ଯଥାଶୀଘ୍ର ପାଚେରୀତଳ ସାହିରେ ନୂତନ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ କରିବା ସହ ବନ୍ଦ ଥିବା ଖାଦ୍ୟ ପ୍ରସ୍ତୁତି ବ୍ୟବସ୍ଥାକୁ ପୁନଃ ଚାଲୁ କରିବା ପାଇଁ ସରକାର ଓ ପ୍ରଶାସନ ପଦକ୍ଷେପ ନେବେ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି। ସମସ୍ୟା ସମାଧାନ ଦିଗରେ ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ଓ ଠାକୁରମୁଣ୍ଡା ସିଡିପିଓ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଚୋରଙ୍କ ଟାର୍ଗେଟ୍‌ରେ ବିଦ୍ୟୁତ ଟ୍ରାନ୍ସଫର୍ମର

କୁଆମରା, ୨୦।୮(ସମିସ): ଦୋକାନ ଓ ବିଭିନ୍ନ ଅନୁଷ୍ଠାନରୁ କ୍ରମାଗତ ଚୋରି ହେବା ପରେ ଏବେ ଚୋରଙ୍କ ଦୃଷ୍ଟି ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ। ଦୁଇମାସ ମଧ୍ୟରେ ଖୁଣ୍ଟା ବିଦ୍ୟୁତ ସେକ୍ସନ ଅଧୀନରେ ଥିବା ଗ୍ରାମାଞ୍ଚଳର ୮ରୁ ଅଧିକ ବିଦ୍ୟୁତ ଟ୍ରାନ୍ସଫର୍ମରୁ ବିଭିନ୍ନ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ବିଭାଗ ପକ୍ଷରୁ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଚୋରଙ୍କ ଟେର ପାଉନି ପୁଲିସ। ତେବେ ଟ୍ରାନ୍ସଫର୍ମର ଗୁଡ଼ିକରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ହୋଇଯାଉଥିବା ବେଳେ ଏହାର ଯନ୍ତ୍ରଣା ଭୋଗୁଛନ୍ତି ଉପଭୋକ୍ତା। ଦିନ ଦିନ ଧରି ଅନ୍ଧାରରେ ରହିବାକୁ ପଡୁଥିବାର ଅଭିଯୋଗ ହୋଇଛି। ଏଥିପ୍ରତି ବିଦ୍ୟୁତ ବିଭାଗ ଓ ପୁଲିସର ଚିନ୍ତା ବଢ଼ିଛି। ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବର୍ଷାଦିନେ ଜଳକଷ୍ଟ, ବ୍ଲକ ଅଫିସ ସମ୍ମୁଖରେ ଧାରଣା

ମୋରଡ଼ା, ୨୦।୮(ସମିସ): ମୋରଡ଼ା ବ୍ଲକ କାର୍ଯ୍ୟାଳୟରୁ ମାତ୍ର ତିନିଶହ ମିଟର ଦୂରରେ ଥିବା ଗାଁରେ ବର୍ଷାଦିନେ ପାଣି ସମସ୍ୟା ଦେଖିବାକୁ ମିଳିଛି। ଫଳରେ ଲୋକମାନେ ବିଡିଓଙ୍କ କାର୍ଯ୍ୟାଳୟକୁ ଚାଲି ଚାଲି ଆସି ଧାରଣା ସହ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଦାବି ମୁତାବକ ଚିତ୍ରଡା ପଞ୍ଚାୟତରେ ପୁରୁଣାପାଣି ଗ୍ରାମରେ ଆଜକୁ ପନ୍ଦର ଦିନ ହେବ ବସୁଧା ଟାଙ୍କରୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏ ବାବଦରେ ଗ୍ରାମବାସୀ ଚିତ୍ରଡା ସରପଞ୍ଚ ଓ ଜଳ ଯୋଗାଣ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଗ୍ରାମବାସୀ ସୁବର୍ଣ୍ଣରେଖା କେନାଲ ପାଣିକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ତେଣୁ ବାଧ ହୋଇ ଗ୍ରାମବାସୀ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବାବେଳେ ପାଣି ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

## ମେଦିନୀପୁର ବସ୍‌ରୁ ୧୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ




ବାରିପଦା, ୨୦।୮(ସମିସ): ବାରିପଦାରୁ ପଶ୍ଚିମବଙ୍ଗର ମେଦିନୀପୁର ଯାଉଥିବା ଏକ ଯାତ୍ରୀବାହୀ ବସରୁ ୧୫ କିଲୋ ୧୯୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଭଞ୍ଜପୁର ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ଚକଦାହା ଥାନା ଅଞ୍ଚଳର ସ୍ୱରୂପ ବସୁ (୩୮) ଓ ପ୍ରଶାନ୍ତ ସାଧୁ ଖାନ୍ (୩୩)। ପୁଲିସ ସୂଚନା ମୁତାବକ, ୧୯ ତାରିଖ ସକାଳ ପ୍ରାୟ ୯ଟା ୩୦ ମଧ୍ୟରେ ଅଭିଯୁକ୍ତ ଦ୍ୱୟ ଛଡ ପଡ଼ିଆ ଗୋଲେଇ ନିକଟରୁ ଦୁଇଟି ବ୍ୟାଗ ସହ ବସରେ ଚଢ଼ିଥିବାବେଳେ ସେମାନଙ୍କ ନିକଟରେ ସନ୍ଦେହଜନକ ସାମଗ୍ରୀ ଥିବା ନେଇ ବସ୍ କର୍ମଚାରୀଙ୍କଠାରୁ ସୂଚନା ପାଇ ମାଲିକ ପୁଲିସକୁ ଖବର ଦେଇଥିଲେ। ଭଞ୍ଜପୁର ପୁଲିସ ଟିମ୍ ତତକ୍ଷଣାତ ବସକୁ ଅଟକାଇ ଯାଞ୍ଚ କରି ଦୁଇ ଅଭିଯୁକ୍ତଙ୍କ ନିକଟରୁ ୭ କିଲୋ ୭୫୦ ଗ୍ରାମ ଓ ୭ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏଥିସହ ଦୁଇଟି ବ୍ୟାଗ, ମୋବାଇଲ ଫୋନ୍ ଓ ନଗଦ ଟଙ୍କା ମଧ୍ୟ ପୁଲିସ ଜବତ କରିଛି। ଅଭିଯୁକ୍ତମାନେ ବାରିପଦା ସହର ଅଞ୍ଚଳରୁ ଗଞ୍ଜେଇ କିଣି ପଶ୍ଚିମବଙ୍ଗର ମେଦିନୀପୁର ଅଞ୍ଚଳରେ ବିକ୍ରି ଉଦ୍ଦେଶ୍ୟରେ ନେଉଥିଲେ। ଉଭୟଙ୍କ ନାମରେ ଭଞ୍ଜପୁର ଥାନାରେ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ ହୋଇଛି। ତେବେ ବାରିପଦା ସହରରେ ଗଞ୍ଜେଇ ବ୍ୟବସାୟର ମୂଳ ପୁଲିସ ଖୋଜୁଛି ବୋଲି ଆଇଆଇସି ରଶ୍ମି ରଞ୍ଜନ ପୃଷ୍ଟି କହିଛନ୍ତି।

## ନୂତନ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ଯୋଗଦାନ



ଉଦଳା, ୨୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳାରେ ନୂତନ ଉପଖଣ୍ଡ ପୁଲିସ ଅଧିକାରୀ ଯୋଗ ଦେଇଛନ୍ତି। କପ୍ତିପଦା ଉପଖଣ୍ଡର ପୁଲିସ ଅଧିକାରୀ ଭାବେ ଗୋକୁଳାନନ୍ଦ ସାହୁ ଯୋଗଦାନ କରିଛନ୍ତି। ତାଙ୍କର ନିଷ୍ଠା ଓ କର୍ମ ତତ୍ପରତାକୁ ନେଇ ସିଏ ବେଶ ଜଣାଶୁଣା। ପୁଲିସ ଅଧିକାରୀ ଯୋଗଦାନ କରିବା ପୂର୍ବରୁ ସେ ଭୁବନେଶ୍ୱର କ୍ରାଇମବ୍ରାଞ୍ଚର ଡ଼ିଏସପି ଅଧିକାରୀ ଭାବେ ଦାୟିତ୍ୱରେ ଥିଲେ। କପ୍ତିପଦା ଉପଖଣ୍ଡରେ କିପରି ଆଇନ ଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଠିକ୍ ରହିବ ସେ ନେଇ ସମସ୍ତଙ୍କ ସହଯୋଗର ଆଶା ପ୍ରକାଶ କରିଛନ୍ତି ଉପଖଣ୍ଡ ପୁଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ। ଉପଖଣ୍ଡର ଜନସାଧାରଣମାନେ ନିର୍ଭୟର ସହିତ ଯାତାୟାତ ଓ ବସବାସ କରିପାରିବେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

## ବଡଦୁଦୁ-ରେଡମ ରାସ୍ତାରେ ଘାଇ, ଯୋଗାଯୋଗ ବିଚ୍ଛିନ୍ନ



ରାଇରଙ୍ଗପୁର, ୨୦।୮ (ସମିସ): ଲଗାଣ ବର୍ଷା ଯୋଗୁଁ ମୟୁରଭଞ୍ଜ ଜିଲ୍ଲା ବହଳଦା ଓ ପଡ଼ୋଶୀ ଜାମଦା ବ୍ଲକ ଅଞ୍ଚଳକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଆର୍‌ଡି ରାସ୍ତାରେ ବଡ଼ ଘାଇ ସୃଷ୍ଟି ହୋଇଛି। ଫଳରେ ବଡଦୁଦୁ ଓ ରେଡମ ମଧ୍ୟରେ ଗମନାଗମନ ଏକପ୍ରକାର ଠପ୍ ହୋଇପଡ଼ିଛି। ସ୍ଥାନୀୟ ଖଡ଼ଖାଇ ନଦୀ ପୋଲ ନିକଟରୁ ରେଡମ ଦେଇ ମୋରଣ୍ଡା ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ପିଚୁ ରାସ୍ତାର ଉଭୟ ଗାଁ ସୀମା ମଧ୍ୟବର୍ତ୍ତୀ ଅଞ୍ଚଳରେ ବର୍ଷାଜଳରେ ମାଟି ଧୋଇଯାଇ ବଡ଼ ଫାଟ ସୃଷ୍ଟି ହୋଇଛି। ଏହାଦ୍ୱାରା ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଥିବାବେଳେ ଯାନବାହନ ଚଳାଚଳରେ ମଧ୍ୟ ବାଧା ଉପୁଜିଛି। ଉକ୍ତ ରାସ୍ତାଟି ବହଳଦା ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ସିଧାସଳଖ ଓ ବ୍ୟସ୍ତବହୁଳ ମାର୍ଗ ହୋଇଥିବାରୁ ଏହାର ଗୁରୁତ୍ୱ ଅଧିକ। ରାସ୍ତା ନଷ୍ଟ ହେବା ଯୋଗୁଁ ଏହା ଉପରେ ନିର୍ଭରଶୀଳ ବହୁ ଗ୍ରାମବାସୀ ଦୈନନ୍ଦିନ ଯାତାୟାତରେ ହଇରାଣ ହେଉଛନ୍ତି। ତେଣୁ ରାସ୍ତାର ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆ ନଗଲେ ରାସ୍ତା ଉପରେ ନିର୍ଭରଶୀଳ ଲୋକେ ଆର୍‌ଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

### ସ୍ଥାୟୀ ଭେଡ଼ିବନ୍ଧ ନିର୍ମାଣ ଓ କ୍ଷତିପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

## ଗଙ୍ଗାହାର ଓ ବୁଢ଼ାବଲଙ୍ଗ ନଦୀ ବନ୍ୟାରେ ବ୍ୟାପକ କ୍ଷତି



ବାରିପଦା, ୨୦।୮(ସମିସ): ବଡ଼ସାହି ବ୍ଲକ୍ ଦେଇ ପ୍ରବାହିତ ଗଙ୍ଗାହାର ଓ ବୁଢ଼ାବଲଙ୍ଗ ନଦୀରେ ବାରମ୍ବାର ବନ୍ୟା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ନାହିଁ ନଥିବା କ୍ଷୟକ୍ଷତି ଘଟିଛି। ଗଙ୍ଗାହାର ନଦୀ କୂଳରେ ନିର୍ମିତ ଭେଡ଼ିବନ୍ଧର ନିମ୍ନମାନର କାର୍ଯ୍ୟ ହେତୁ ବାରମ୍ବାର ଘାଇ ସୃଷ୍ଟି ହୋଇ ମାନଗୋବିନ୍ଦପୁର, ଶାଳଗାଁ, ଚନ୍ଦନପୁର ଓ ମାଣତ୍ରୀ ଆଦି ପଞ୍ଚାୟତର ହଜାର ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ନଷ୍ଟ ହୋଇଯାଇଛି। ଏହାର ସ୍ଥାୟୀ ନିରାକରଣ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଆଞ୍ଚଳିକ ବନ୍ୟା ନିୟନ୍ତ୍ରଣ କମିଟି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଦାବି ମଧ୍ୟରେ ଗଙ୍ଗାହାର ଭେଡ଼ି ବନ୍ଧରେ ହୋଇଥିବା ଘାଇଗୁଡ଼ିକର ଜରୁରୀକାଳୀନ ଭିତ୍ତିରେ ଅସ୍ଥାୟୀ ମରାମତି କରାଯିବା, ନଦୀର ଉଭୟ ପାର୍ଶ୍ୱରେ ସ୍ଥାୟୀ ପ୍ରୋଟେକ୍ସନ ୱାଲ ନିର୍ମାଣ କରି ବନ୍ୟା ଦାଉରୁ ଅଞ୍ଚଳକୁ ରକ୍ଷା କରାଯିବା, ନଷ୍ଟ ହୋଇଥିବା ଫସଲର ସଠିକ ଆକଳନ ସହ ଚାଷୀଙ୍କୁ ପୂର୍ଣ୍ଣାଙ୍ଗ କ୍ଷତିପୂରଣ ପ୍ରଦାନ କରାଯିବା ସାମିଲ ଅଛି। ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ବୋଲି କମିଟି ସଦସ୍ୟ ଚେତାବନୀ ଦେଇଛନ୍ତି। ପ୍ରଦୀପ କୁମାର ପରିଡା, ପୂର୍ବତନ ବଡସାହି ବିଧାୟକ ଗଣେଶ୍ୱର ପାତ୍ର, ବିଜେଡି ଯୁବନେତା ରାକେଶ ମହାପାତ୍ର, ବୀରେନ୍ଦ୍ର ପ୍ରଧାନ, କିଶୋର ରାଉତ, ପରେଶ ପ୍ରଧାନ, ଅରୁଣ ସିଂହ, ଗିରିଶ ଚନ୍ଦ୍ର ରାଉତ, ରାଧାକୃଷ୍ଣ ମହାଳିକ, ନିରଞ୍ଜନ ମହାନ୍ତି ଓ ସନ୍ତୋଷ ପରିଡ଼ା ପ୍ରମୁଖ ଜିଲ୍ଲିପାଳଙ୍କୁ ଭେଟି ଥିଲେ।

## ଜିଲ୍ଲାସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା: ଆଦର୍ଶ ଓ ଆୟୁଷ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ

ବାରିପଦା, ୨୦।୮(ସମିସ): ଓଡିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଓ ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଏବଂ ପ୍ରତିକାର କକ୍ଷ, ବାଲେଶ୍ୱରର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଏଡ଼ସ୍ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ବାରିପଦାର ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ହୋଇଯାଇଛି।




ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡସ୍ ନିୟନ୍ତ୍ରଣ ସମିତିର ପରିଚାଳିକା ରଶ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇ ବିଭିନ୍ନ କବିତା ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ସମସ୍ତ ବ୍ଲକ୍‌ରୁ ଆସିଥିବା ଛାତ୍ର ଛାତ୍ରୀଙ୍କର ଦକ୍ଷତାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଆଇସିଟିସି ସାଧନ କର୍ମୀ ବାରିପଦାର ସନ୍ୟାସୀ କୁମାର ଜେନା, ସିଏସ ଅଧିକାରୀ ବାଲେଶ୍ୱର ପତିତପାବନ ବାରିକ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ୨ ଜଣ ଛାତ୍ର ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କରଞ୍ଜିଆର ଆଦର୍ଶ ମଣ୍ଡଳ, ଓଏଭି ଠାକୁରମୁଣ୍ଡା ଆୟୁଷ ଅଂଶୁମାନ ସ୍ୱାଇଁ ଦ୍ୱିତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ସେହିପରି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୭୦୦ ଟଙ୍କା ଓ ୫୦୦ ଟଙ୍କା ଲେଖାଏଁ ନଗଦ ପୁରସ୍କାର, ମାନପତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର କାର୍ଯ୍ୟକ୍ରମକୁ ଜେଆର୍‌ସି ବାଙ୍ଗିରିପୋଷି ବ୍ଲକ୍ ସଂଯୋଜକ ସରୋଜ କୁମାର ମହାନ୍ତ ସଂଯୋଜନା କରିଥିବା ବେଳେ ବେତନଟୀ ବ୍ଲକ୍ ସଂଯୋଜକ ଚନ୍ଦନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ଏଡ଼ସ୍ ନିୟନ୍ତ୍ରଣ ବିଭାଗ ତରଫରୁ ସବିତା ବେହେରା, ପ୍ରୋଜେକ୍ଟ ମ୍ୟାନେଜର ପ୍ରମୋଦ କୁମାର ଦାସ, ଜେଆରସି ବ୍ଲକ୍ ସଂଯୋଜକ ଦେବବ୍ରତ କର, ଅଜିତ ମହାନ୍ତି, ରଞ୍ଜିତା ମହାନ୍ତ, ତପନ ଓଝା, ପ୍ରଦୀପ ରାଉତ, ଶକୁନ୍ତଳା ଦତ୍ତ, ସସ୍ମିତା ବେହେରା, ଶିବାନୀ ଶଙ୍କର ଦାଶ, ଜ୍ୟୋତି ରଞ୍ଜନ ଦାସ, ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ୨୬ ଗୋଟି ବ୍ଲକରୁ ୧୫ଟି ବ୍ଲକ୍ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଟ୍ରାଇବାଲ୍ କୋଅପରେଟିଭ୍ ସୋସାଇଟିର ସମ୍ବର୍ଦ୍ଧନା ଉତ୍ସବ

ଯଶିପୁର, ୨୦।୮(ସମିସ): ୮୦ତମ ସ୍ୱାଧୀନତା ଦିବସରେ ଭଞ୍ଜକିଆ ଟ୍ରାଇବାଲ୍ କୋଅପରେଟିଭ୍ ସୋସାଇଟିର ନୂତନ ଅଫିସ୍ ଉଦ୍‌ଘାଟନ ଅବସରରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉଦ୍ୟୋଗପ୍ରଦାନକାରୀ ସମ୍ବର୍ଦ୍ଧନା କରାଯାଇଛି। ସେମାନେ ହେଲେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଅନ୍ୟତମ ଜେନେରାଲ ମ୍ୟାନେଜର ଗୁରୁଚରଣ ହେମ୍ବ୍ରମ, ଜିଲ୍ଲାପରିଷଦ ସଦସ୍ୟା ମାନତି ଟିରିଆ, ଝଙ୍କଭିଆସରପଞ୍ଚ ଦେବେନ୍ଦ୍ର ଟିରିଆ, ପୂର୍ବତନ ସରପଞ୍ଚ ମଧୁସୂଦନ ହେମ୍ବ୍ରମ, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଖାରେଶ୍ୱର ମହାନ୍ତ, ଜି. ଆର୍. ଏସ୍ ମୀନାରାଣୀ ବାରିକ୍ ଆଦି। କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଟ୍ରାଇକସ୍ ସଂପାଦିକା ରାନୀ ଫିଙ୍ଗୁଆ, ସମାଜ ସେବୀ ମୋତିଲାଲ ମହାକୁଡ ଓ ପ୍ରକାଶିନୀ ପୁର୍ତ୍ତି ସହଯୋଗ କରିଥିଲେ। ସ୍ଥାନୀୟ ଅବହେଳିତ ଆଦିବାସୀ, ହରିଜନ ଓ ଗରିବ ଚାଷୀଙ୍କ ଆର୍ଥିକ ସୁଧାର ଲାଗି ଏହି ପ୍ରୟାସ ୨୦୨୩ ମସିହାରୁ ଉପଦେଷ୍ଟା ଅବସରପ୍ରାପ୍ତ ପୁଲିସ୍ ଇନସପେକ୍ଟର ଡମ୍ବୁଧର ହୋନହଗାଙ୍କ ମାର୍ଗଦର୍ଶନରେ ଆଗେଇ ଚାଲିଛି। ପରବର୍ତ୍ତୀ ସମୟରେ ଆଦିବାସୀଙ୍କ ନିଶା ସେବନରୁ ଦୂରେଇ ରଖିବା ଓ ବିଭିନ୍ନ କର୍ମନିଯୁକ୍ତି ଯୋଜନା ଯଥା ପୋଲଟ୍ରୀ ଫାର୍ମ, ଆଚାର ଉଦ୍ୟୋଗ, ଉନ୍ନତ କୃଷି ଆଡ଼କୁ ପ୍ରବର୍ତ୍ତାଇ ଆର୍ଥିକ ଉନ୍ନତି କରାଇବାକୁ ଲକ୍ଷ ରହିଛି। ହୋ ଆଦିବାସୀଙ୍କର ଏହି ଅଭିନବ ଉଦ୍ୟମକୁ ସାକାର କରିବା ଲାଗି ଏହି ଟ୍ରାଇକସ୍ ସଂସ୍ଥାରେ ଜିଏମ୍ ଗୁରୁଚରଣ ହେମ୍ବ୍ରମ୍, ପୁଲିସ୍ ଅଫିସର ଦେବେନ୍ଦ୍ର ଫିଙ୍ଗୁଆ, ଷ୍ଟେସନ ମାଷ୍ଟର ଶିରୀଶ ସାମାଡ୍, ଏ. ଏମ. ଓ. ଡାକା ହେସସା ଆଦି ସମାଜର ପ୍ରତିଷ୍ଠିତ ବ୍ୟକ୍ତିଗଣ ଯୋଗଦେଇ ସମାଜ କଲ୍ୟାଣରେ ଲାଗିଛନ୍ତି।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

କୁଆମରା, ୨୦।୮ (ସମିସ): ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଶ୍ୟାମରାୟ ଯୁବକ ସଂଘର ୧୯ ତମ ବାର୍ଷିକ ଉତ୍ସବ ତଥା ଗଣେଶ ପୂଜା ନିମନ୍ତେ ସଂଘର ସଭାପତି ରସାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂପାଦକ ପ୍ରକାଶ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ସନ୍ତୋଷ ରାଉତ, ଶ୍ରବଣ ବେହେରା, ନିଳାଦ୍ରୀ ମିଶ୍ର, ପ୍ରଶାନ୍ତ ମିଶ୍ର, ମନୋରଞ୍ଜନ ମହାପାତ୍ର, ସୁଭାଷ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଇନୋଭେସନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା




କୁଆମରା, ୨୦।୮(ସମିସ): ନାକ୍ ବି-ପ୍ଲସ୍ ମାନ୍ୟତାପ୍ରାପ୍ତ ଖୁଣ୍ଟା ଡିଗ୍ରୀ କଲେଜରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ କଲେଜ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରମୋଦ ମିଶ୍ରଙ୍କ ଅଧୀନରେ ଇନୋଭେସନ ଓ ଷ୍ଟାର୍ଟ ଅପ୍ ପ୍ରତିଯୋଗିତା ଜୁଲାଇରୁ ଆରମ୍ଭ ହୋଇ ଅଗଷ୍ଟରେ ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାକୁ ପରିଚାଳନା ଅଧିକାରୀ ଭାବେ ଅଧ୍ୟାପିକା ଡ. ସୁଷମା ହାଁସଦା ଓ ରସାୟନ ବିଜ୍ଞାନର ମୁଖ୍ୟ ଶୁଭମ୍ ସାସମଲ ସମ୍ପାଦନା କରିଥିଲେ। ରିସର୍ଚ୍ଚ ପର୍ସନ ଭାବେ ସୌମ୍ୟରଞ୍ଜନ ମିଶ୍ର ଓ ନିରୋଜ ପଣ୍ଡା ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଓ ଇଣ୍ଡଷ୍ଟ୍ରିର ସମ୍ପାଦକ ଓ ସଭାପତି ଭାବେ ଚୟନ କରାଯାଇଛି। ତତ୍‌ସହିତ ଆଲୁମିନି ଛାତ୍ରୀ ସୋନାକ୍ଷୀ ସିଂ ମଧ୍ୟ ମନୋନୀତ ହୋଇଛନ୍ତି। ପ୍ରତିଯୋତାରେ ୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ତିନିଜଣ କୃତୀ ଛାତ୍ରଛାତ୍ରୀ ଦେବବ୍ରତ ବାରିକ, ଯୁଗୋଳ କିଶୋର ମୁର୍ମୁ ଓ ବେବୀ ହାଁସଦା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାର୍ଟ ଅପ୍ ପ୍ରୋଗ୍ରାମ ନିମନ୍ତେ ମନୋନୀତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଗୋପା ସିଂହ, ହରପ୍ରସାଦ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ପରିଚାଳନା କରିଥିଲେ।

● ବନ୍ଦେ ମାତରମ୍‌କୁ ଅସମ୍ମାନ ଘଟଣା

## ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ




ବାରିପଦା, ୨୦।୮ (ସମିସ): ଜାତୀୟ ଗୀତ 'ବନ୍ଦେ ମାତରମ' ପ୍ରତି କଂଗ୍ରେସ ପକ୍ଷରୁ ଅସମ୍ମାନ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ କରି ବାରିପଦାସ୍ଥ କେସି ସର୍କଲ ଛକରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ନାରାବାଜି କରାଯିବା ସହ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର ଓ ଆଇଟି ସେଲ୍‌ଫ ଇନଚାର୍ଜ ଦେବବ୍ରତ ସାମଲ କହିଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ 'ବନ୍ଦେ ମାତରଂ' ଗାନ କରି ଲକ୍ଷ ଲକ୍ଷ ଯୁବକ ଦେଶ ମାତୃକା ପାଇଁ ବଳିଦାନ ଦେଇଥିଲେ। କଂଗ୍ରେସର ମୁଖ୍ୟ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସମୟରେ ଓ ଦଳୀୟ କାର୍ଯ୍ୟକ୍ରମରେ ଜାତୀୟ ଗୀତ ପ୍ରତି ଉପଯୁକ୍ତ ସମ୍ମାନ ନଦେଇ କଂଗ୍ରେସ ନିଜର ପ୍ରକୃତ ଚେହେରା ପଦାରେ ପକାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଅଭିଯୋଗ କରିଛନ୍ତି। କଂଗ୍ରେସ ଦଳ ତୁରନ୍ତ ଦେଶବାସୀଙ୍କ ନିକଟରେ ଏହି ଭୁଲ୍ ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ନକଲେ ଆଗାମୀ ଦିନରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ବହୁ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ନେତୃବୃନ୍ଦ ସାମିଲ ଥିଲେ।

## ମା' ତୁଳସୀ ଫାଉଣ୍ଡେସନର ଦ୍ୱିତୀୟ ବାର୍ଷିକ ଉତ୍ସବ

ବାରିପଦା, ୨୦।୮(ସମିସ): ବାରିପଦାର ଅଗ୍ରଣୀ ମହିଳା ସାମାଜିକ ସଂଗଠନ ମା' ତୁଳସୀ ଫାଉଣ୍ଡେସନର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ରଞ୍ଜିତା ଦଳେଇ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବର୍ଷତମାମ ସାମାଜିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏଥିପାଇଁ ସହଯୋଗ କରିଥିବା ସମସ୍ତ ସଦସ୍ୟା ଓ ଅନ୍ୟ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷିକା ରୀତାଞ୍ଜଳି ବେହେରା ଓ ରକ୍ତ ଭଣ୍ଡାର ଅଧିକାରୀ ଡା ସୌମ୍ୟରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ ଓ ସମାଜସେବୀ ତଥା ନିୟମିତ ରକ୍ତଦାତା ଡ ନିରୋଜ ପୋଥାଳ ଓ ସୋମନାଥ ସିଂହ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ଓ ଶିବିରରେ ୧୬ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବନ୍ଦିତା ସାହୁ, ସୁଚିସ୍ମିତା ମିଶ୍ର, ଦୀପକ ବାରିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ ଓ ରକ୍ତଦାତାଙ୍କୁ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ନିଶାମୁକ୍ତ ଅଭିଯାନ

ଉଦଳା, ୨୦।୮ (ସମିସ) ଆଜି ଠାରୁ ନିଶା କୁ ନା। ଆମ ଠାକୁର ମାରାଂ ବୁରୁ ଙ୍କ ପାଖରେ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ଶପଥ ନେଇଛନ୍ତି। ଏଭଳି ଚିତ୍ର ସାମ୍ନାକୁ ଆସିଛି ଉଦଳା ଥାନା ଭୀମତାଳି ପଞ୍ଚାୟତ ଭୁରୁଡୁବଣି ଗ୍ରାମରୁ। ଗ୍ରାମବାସୀ ଆଉ ନିଶା ସେବନ କରିବେନାହିଁ, ଏଥିସହିତ ନିଶାରୁ ସମସ୍ତ ଙ୍କୁ ଦୂରେଇ ରହିବାକୁ ସଚେତନ କରିବେ। ଯାହାକୁ ନେଇ ଆଜି ଗ୍ରାମବାସୀ ମାନେ ଆଦିବାସୀ ଙ୍କ ପୂଜାସ୍ଥଳୀ ଜାହିରାରେ ଏଥି ପାଇଁ ଏକଜୁଟ ହୋଇଥିଲେ। ଜାହିରାରେ ଗ୍ରାମବାସୀ ପହଞ୍ଚି ଜାହିରା ପରିସରରେ ଗଛ ଲଗାଇବା ସହିତ ସମସ୍ତ ମହିଳା ପୁରୁଷ ଏକଜୁଟ ହୋଇ ଆଜି ଠାରୁ ନିଶା ସେବନ ବନ୍ଦ କରିବା ନେଇ ଶପଥ ନେଇଛନ୍ତି। ନିଜେ କୌଣସି ନିଶା ଖାଇବେ ନାହିଁ କି ନିଶା ଦ୍ରବ୍ୟ ବିକିବେ ନାହିଁ। ସୁସ୍ଥ ସମାଜ ଏବଂ ଗ୍ରାମ ଗଠନରେ ସାମିଲ ହେବା ସହିତ ଆଗାମୀ ପିଢ଼ିଙ୍କୁ ଶିକ୍ଷିତ କରିବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି ଗ୍ରାମବାସୀ। ପ୍ରାଥମିକ ଭାବେ ଭୁରୁଡୁବଣି ଗ୍ରାମରୁ ଏହା ଆରମ୍ଭ କରିଥିବା ବେଳେ ଆଗାମୀ ଦିନରେ ପୁରା ଭୀମତାଳି ପଞ୍ଚାୟତ କୁ ନିଶାମୁକ୍ତ ଗାଁ କରିବାକୁ ଚେଷ୍ଟା ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି।

### କରଞ୍ଜିଆରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ ଓ ଏଆର୍‌ଟିଓ କାର୍ଯ୍ୟାଳୟ

# ବାଇପାସ୍‌ରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣକୁ ଗୁରୁତ୍ୱ



କରଞ୍ଜିଆ, ୨୦।୮(ସମିସ): କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଏଆରଟିଓ କାର୍ଯ୍ୟାଳୟ ଖୋଲିବା ନେଇ ଗୁରୁତ୍ୱର ସହ ବିଚାର କରାଯାଉଛି। କରଞ୍ଜିଆ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏନେଇ ଆଲୋଚନା ହୋଇଛି। ବୈଠକରେ ଆବଶ୍ୟକ ଜମି ଉପଲବ୍ଧ କରାଗଲେ ଆଗାମୀ ଶିକ୍ଷାବର୍ଷରୁ କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିବ ବୋଲି କୁହାଯାଇଛି। ସେହିପରି ଏଆରଟିଓ କାର୍ଯ୍ୟାଳୟ ପାଇଁ କରଞ୍ଜିଆ ନିଉନ୍ତି ଅଞ୍ଚଳରେ ଆବଶ୍ୟକ ଜମି ଚିହ୍ନଟ ଓ ପ୍ରଦାନ କରାଯାଇଥିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟାଳୟ ଖୋଲିବ ବୋଲି ସାଂସଦ ଓ ବିଧାୟକ କହିଥିଲେ। ଏଥିସହ ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ଓ ଷ୍ଟାଡିୟମ୍ ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ୩୧୧ ଏକର ଜଙ୍ଗଲ ଜମିକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର ପାଇଁ ଡିଏଫ୍‌ଓଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜେଲ୍ ସ୍ଥାନାନ୍ତର ପାଇଁ ଆବଶ୍ୟକ ଜମି ଯୋଗାଇଦେବା ସହ ଜାଗା ଚିହ୍ନଟ ନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ତୁରନ୍ତ ଥଇଥାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ବାଇପାସ୍ ଛକରୁ ମାଣିକଛକ, ମାଣିକଛକରୁ ଏନ୍‌ସି ଛକ ଏବଂ ମାଣିକଛକରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ପଦକ୍ଷେପ ନେବାକୁ କୁହାଯାଇଛି। ସ୍କୁଲ ଓ କଲେଜର ମରାମତି କାର୍ଯ୍ୟକୁ ପ୍ରାଥମିକତା ଦେବା ପାଇଁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ବୈଠକରେ ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚିତରଞ୍ଜନ ମହାନ୍ତ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ଏସ୍‌ଡିପିଓ ନବକୃଷ୍ଣ ନାୟକ, ଡିଏଫ୍‌ଓ ଅଜୟ କୁମାର ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ବରିଷ୍ଠ ବିଜେପି ନେତା କୃପାସିନ୍ଧୁ ମହାନ୍ତ, ଆଶିଷ କୁମାର ମହାନ୍ତ, ଜନାର୍ଦ୍ଦନ ବେହେରା, ମହେଶ୍ୱର ସାହା, ନଗର ସଭାପତି ସମ୍ବିଧାନ ମହାପାତ୍ର, ଓମେଶ ବେହେରା, ସୁନାମଣି ହୋ, ଲୁନା ମିଶ୍ର, ଲକ୍ଷ୍ମୀକାନ୍ତ ରାମ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟାଜଳ ପ୍ରଭାବିତ ଏବେ ବି ଘର ବାହାରେ

ଆନନ୍ଦପୁର, ୨୦।୮ (ସମିସ)



ଆନନ୍ଦପୁର ରିଙ୍ଗ ରୋଡରେ ଘାଇ ଯୋଗୁଁ ବନ୍ୟାଜଳରେ ଆନନ୍ଦପୁର ପୌର ପରିଷଦର ୪, ୫, ୬ ନଂ ୱାର୍ଡରେ ପଶିଛି। ଅଧିବାସୀମାନେ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ୪ରୁ ୭ ନଂ ୱାର୍ଡ଼ର ୭୦ରୁ ଅଧିକ ପରିବାର ପ୍ରଭାବିତ ହୋଇଥିବାବେଳେ ଏବେବି ଘର ଭିତରେ ପାଣି ଯୋଗୁଁ ଘରେ ପଶିପାରୁନାହାନ୍ତି। ଆନନ୍ଦପୁର ଓ ଖପରଖାଇସ୍ଥିତ ବିଦ୍ୟାଳୟରେ ଆନନ୍ଦପୁର ପୌର ପରିଷଦ ତରଫରୁ ୭ ଦିନର ରନ୍ଧା ଖାଦ୍ୟ ଦେଇ ପ୍ରଶାସନ ଦାୟିତ୍ୱ ତୁଟାଇ ଦେଇଛି; ହେଲେ କ୍ଷତିଗ୍ରସ୍ତ ପରିବାରଙ୍କ କ୍ଷତି

### ଆଶ୍ରୟସ୍ଥଳୀରେ ୭ ଦିନର ରନ୍ଧାଖାଦ୍ୟ

### ଥଇଥାନ ଯୋଜନା କରିବ କିଏ ?

ଭରଣା କରିବ କିଏ ବୋଲି ପ୍ରପୀଡ଼ିତ ହତାଶ ହୋଇପଡିଲେଣି। ବୈତରଣୀରେ ସୁରକ୍ଷା ବନ୍ଧ ନଥିବା କାରଣରୁ ବନ୍ୟାଜଳ ପ୍ରଭାବରେ ୧୩ ନଂ ୱାର୍ଡ଼ର ସାଉଁଟି ସାହି, ଦେହୁରୀ ସାହିର ୩୦ରୁ ଅଧିକ ପରିବାର ପ୍ରଭାବିତ ହୋଇଛନ୍ତି। ନିଜ ବାସ ସ୍ଥାନ ଛାଡି ଲୋକମାନେ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ମନ୍ତ୍ରୀ ଯନ୍ତ୍ରୀ ଓ ପ୍ରଶାସନ ୭ ଦିନିର କଷ୍ଟ ଦେଇ ଶାସକ ଦଳକୁ ଘାଇ ମରାମତି କାର୍ଯ୍ୟ ଟେକିଦେଇ ଥିବାରୁ ଦୁର୍ଦ୍ଦଶା ବଢିଯାଇଛି। ୧୫ ଦିନ ହେବ ଘାଇର ମରମତି କାର୍ଯ୍ୟ କାହିଁକି ଓ କେଉଁ ପରିସ୍ଥିତିରେ ଏକ ଦୃଢ ସ୍ଥିତିକୁ ଆଣାଯାଇ ପାରିଲାନି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

## କରଞ୍ଜିଆ ବସ୍‌ଷ୍ଟାଣ୍ଡରୁ ଚୋରି ମୋବାଇଲ ଉଦ୍ଧାର, ମହିଳା ଗିରଫ

କରଞ୍ଜିଆ,୨୦।୮ (ସମିସ): କରଞ୍ଜିଆ ବସ୍‌ଷ୍ଟାଣ୍ଡରୁ ଚୋରି ହୋଇଥିବା ମୋବାଇଲ ଫୋନ୍ ଉଦ୍ଧାର କରିବା ସହ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କରଞ୍ଜିଆ ପୁଲିସ। ଅଭିଯୁକ୍ତ ମହିଳା ଜଣକ ମିନୁ ସାହା ବୋଲି ଜଣାପଡ଼ିଛି। ଗତ ୧୭ ତାରିଖରେ କୋଲକାତା ଯିବା ପାଇଁ କରଞ୍ଜିଆ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ଜଣେ ବ୍ୟକ୍ତିଙ୍କ ମୋବାଇଲ ଫୋନ୍ ଓ ଟଙ୍କା ଚୋରି ହୋଇଥିଲା। ଚୋରି ପରେ ସମ୍ପୃକ୍ତ ବ୍ୟକ୍ତି କୋଲକାତା ଚାଲିଯାଇଥିଲେ। ପରେ ଚୋରି ହୋଇଥିବା ମୋବାଇଲ ଫୋନ୍ ସମ୍ପର୍କରେ ସୂଚନା ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଫେସବୁକ୍‌ରେ ଜଣେ ମହିଳା ନିଜ ଫଟୋ ଅପଲୋଡ୍ କରିଥିବା ଦେଖି ଚୋରି ମୋବାଇଲ ତାଙ୍କ ନିକଟରେ ଥିବା ସନ୍ଦେହ କରି ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ତଦନ୍ତ କରି ମହିଳାଙ୍କୁ ଚିହ୍ନଟ କରିବା ସହ ତାଙ୍କ ନିକଟରୁ ଚୋରି ହୋଇଥିବା ମୋବାଇଲ ଫୋନ୍ ଉଦ୍ଧାର କରିଥିଲା। ପରେ ତାଙ୍କ ଘରେ ଚଢ଼ଉ କରାଯିବା ବେଳେ ଆଉ ୫ଟି ମୋବାଇଲ ଫୋନ୍, ବ୍ୟାଟେରି ଓ ସିମ୍ କାର୍ଡ ମିଳିଥିଲା। ପୁଲିସ ସମସ୍ତ ସାମଗ୍ରୀ ଜବତ କରି କେସ୍ ନମ୍ବର ୩୧୪/୨୬ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ମିନୁ ସାହାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଗାଁ ଦାଣ୍ଡରେ ଗୋଠଛଡ଼ା ଦନ୍ତା: ଆତଙ୍କିତ ଅଞ୍ଚଳବାସୀ

ବେତନଟୀ, ୨୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ମୁକ୍ତାପୁର ଗ୍ରାମରେ ଏକ ଗୋଠଛଡ଼ା ଦନ୍ତାହାତୀ ପଶି ଆସି ଉତ୍ପାତ ମଚାଇବା ଫଳରେ ସମଗ୍ର ଅଞ୍ଚଳରେ ତୀବ୍ର ଆତଙ୍କ ଖେଳିଯାଇଛି। ମମତାପାଳ ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତାହାତୀ ଅପରାହ୍ଣରେ ମୁକ୍ତାପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଗର୍ଜନ କରିଥିଲା। ହାତୀଟି ପରେ ୧୮ ନମ୍ବର ଜାତୀୟ ରାଜପଥ ଆଡ଼କୁ ଅଗ୍ରସର ହୋଇଛି, ଯାହାକି ରାଜପଥ ଯାତାୟାତ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିଛି। ବିପଦଜନକ ଭାବେ



କିଛି ଅମାନିଆ ଲୋକ ହାତୀ ନିକଟକୁ ଯାଇ ଫଟୋ ଓ ଭିଡିଓ ଉଠାଉଥିବାରୁ ବଡ଼ ଧରଣର ଅଘଟଣ ଆଶଙ୍କା ଦେଖାଦେଇଛି। ବେତନଟୀ ରେଞ୍ଜରେ ବର୍ଷ ତମାମ ୨୭ଟି ହାତୀ ବିଚରଣ କରୁଥିବାରୁ ସ୍ଥାନୀୟ ଲୋକେ ସବୁବେଳେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବନବିଭାଗର ଢିଲା ହାତୀ ଖେଦା ନୀତି ଯୋଗୁଁ ହାତୀ ବାରମ୍ବାର ଗାଁ ଭିତରକୁ ପଶି ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବର ପାଇ ବେତନଟୀ ରେଞ୍ଜର ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଲୋକଙ୍କୁ ହାତୀ ନିକଟକୁ ନଯିବା ଓ ଭିଡ଼ ନଜମାଇବା ପାଇଁ ବନବିଭାଗ ତରଫରୁ ସତର୍କ କରାଯାଉଛି। ଜନବସତି ଓ ଜାତୀୟ ରାଜପଥରୁ ହାତୀକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇବା ସହ ଅମାନିଆଙ୍କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରାଯିବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି।

## କାଠ ବୋଝେଇ ପିକଅପ ଜବତ

ଉଦଳା,୨୦।୮ (ସମିସ): ଚୋରା କାଠ ବୋଝେଇ ହୋଇଥିବାବେଳେ ପିକଅପକୁ ଜବତ କରିଛି ଉଦଳା ବନ ବିଭାଗ। ଉଦଳା ବନାଞ୍ଚଳ ଖୁଦପୁଟୁଳି ଗ୍ରାମରୁ ବେଆଇନ କାଠ ଚୋରା ଚାଲାଣ ହେଉଥିବା ବନ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ବିଳମ୍ବିତ ରାତିରେ ବନ ବିଭାଗ ଚଢ଼ଉ କରି କାଠ ବୋଝେଇ ପିକଅପ ଜବତ କରିବା



ସହିତ ଗାଡିର ଚାଳକକୁ ଗିରଫ କରିଛି। ଖୁଦପୁଟୁଳିରୁ ରେମୁଣା ଅଞ୍ଚଳକୁ ଏହି କାଠ ଚୋରା ଚାଲାଣ ହେଉଥିଲା। ଭିନ୍ନ ଭିନ୍ନ କିସମର କାଠ ଗଣ୍ଡି ରହିଥିବାବେଳେ ଜବତ କାଠର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଗିରଫ ଡ୍ରାଇଭର ରେମୁଣା ଥାନା ବାଲିପାଳ ଗ୍ରାମର ରବୀନ୍ଦ୍ର ଜେନା। ପୂର୍ବରୁ ମଧ୍ୟ ଏହି ଅଞ୍ଚଳରୁ କାଠ ଚୋରା ଚାଲାଣ ହେଉଥିବାର ସୂଚନା ଥିବାବେଳେ ଉଦଳା ବନ ବିଭାଗ କାଠ ବୋଝେଇ ପିକଅପ ଜବତ କରିଛି।

## ୧୬୨ ଲିଟର ଦେଶୀମଦ ସହ ୨ ବାଇକ୍ ଜବତ, ଜଣେ ଗିରଫ

ବେତନଟୀ, ୨୦।୮ (ସମିସ): ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ପୁଲିସ ବୁଧବାର ଅପରାହ୍ଣରେ ଏକ ବଡ଼ଧରଣର ଚୋରାମଦ ଚାଲାଣ ରାକେଟ୍‌ର ପର୍ଦ୍ଦାଫାଶ କରିଛି। ୧୮ ନଂ ଜାତୀୟ ରାଜପଥର କୋଚ୍ଛିମବିଲ୍ଲା ଛକ ନିକଟରେ ଚଢ଼ଉ କରାଯାଇ ପ୍ରାୟ ୧୬୨ ଲିଟର ଚୋରା ଦେଶୀ ମହୁଲି ମଦ, ଦୁଇଟି ଦୁଇଚକିଆ ଗାଡ଼ି ଜବତ ହେବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଉଦଳା ଅଞ୍ଚଳରୁ ହାତତିଆରି ମହୁଲି ମଦ ସଂଗ୍ରହ କରି ବସ୍ ଯୋଗେ ଭୁବନେଶ୍ୱର ଚାଲାଣ କରିବାକୁ ଯୋଜନା ହୋଇଥିଲା। ଚାରିଜଣ ଯୁବକ ଏକ ସ୍କୁଟି ଓ ବାଇକ୍ ଯୋଗେ ବାରିପଦା ଯାଇ ବସ୍‌ଷ୍ଟାଣ୍ଡରେ ଏହି ମଦ ନେବାକୁ ବିଫଳ ହେବା ପରେ ବେତନଟୀ ଅଭିମୁଖେ ଆସି କୋଚ୍ଛିମବିଲ୍ଲା ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା



ଆଧାରରେ ଫାଣ୍ଡି ଅଧିକାରୀ ଏଏସଆଇ ରତ୍ନାକର ବାରିକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ଉ କରିଥିଲା। ପୁଲିସକୁ ଦେଖି ତିନିଜଣ ଖସି ପଳାଇଥିବାବେଳେ ଉଦଳା ଥାନା ଅମ୍ବିକାଦେଇପୁରର ବୈକୁଣ୍ଠ ସିଂ (୪୦)ଙ୍କୁ କାବୁ କରାଯାଇଥିଲା। ଘଟଣାସ୍ଥଳରୁ ଦୁଇଟି ଗାଡ଼ି ଓ ୪ଟି ବ୍ୟାଗରେ ଥିବା ୭୨ଟି ବୋତଲ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ବୟାନ ଆଧାରରେ ଫେରାର ଲକ୍ଷ୍ମୀକାନ୍ତ ସିଂ ଓ ଅନ୍ୟମାନଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ବେତନଟୀ ପୁଲିସ ଏକ ମାମଲା ରୁଜୁ କରି ବୈକୁଣ୍ଠଙ୍କୁ କୋର୍ଟ ଚାଲାଣ କରିଛି।

## ନଦୀପଠା ପଥର ଖୋଲରେ ଫସିଲେ ହାତୀପଲ

ତୁରୁମୁଙ୍ଗା, ୨୦।୮ (ସମିସ): ନଦୀ ପାରି ହେବାକୁ ଯାଇ ବଢ଼ି ପାଣିରେ ଫସିଲେ ହାତୀପଲ। ବୈତରଣୀ ନଦୀରେ ପ୍ରଖର ସ୍ରୋତ ଯୋଗୁଁ ନଦୀ ପାରି ହୋଇ ନପାରି ଏକ ପଥର ଖୋଲରେ ଅଟକି ରହିଥିଲେ ୯ ଟିକିଆ ହାତୀପଲ। ପାଟଣା ରେଞ୍ଜ ତଣ୍ଡ ବିଟ୍ ଅନ୍ତର୍ଗତ ତଣ୍ଡ ବୈତରଣୀ ନଦୀ କୂଳରେ ଏକ ପଥର ଖୋଲ ଟାପୁରେ ଗୁରୁବାର



ସକାଳୁ ଅଟକି ରହିଥିଲେ ୯ ଟିକିଆ ହାତୀପଲ। ନଦୀରେ ବନ୍ୟାଜଳ ସହ ପ୍ରଖର ସ୍ରୋତ ପ୍ରବାହିତ ହେଉଥିବାରୁ ହାତୀପଲ ନଦୀ ପାରି ହୋଇପାରି ନଥିଲେ। ହାତୀପଲରେ ଗୋଟିଏ ଦନ୍ତା, ୫ଟି ଛୁଆ ହାତୀ ଓ ୩ଟି ମାଈ ହାତୀ ଥିବା ବେଳେ ଛୋଟ ଛୋଟ ଛୁଆ ହାତୀ ଥିବାରୁ ପ୍ରଖର ସ୍ରୋତରେ ନଦୀ ପାରି ହୋଇ ନ ପାରି ଅଟକି ରହିଥିଲେ। ହାତୀପଲ ଫସିଥିବାରୁ ବନ ବିଭାଗ କର୍ମଚାରୀ ହାତୀପଲଙ୍କ ଉପରେ ନଜର ରଖିଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ହାତୀପଲ ଟାପୁରୁ ବାହାରି ନଦୀ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲେ ହାତୀପଲ।

## ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଆଜି ଯମୁନାପଶିରେ ଶେଷ ଗ୍ରାମସଭା



ତୁରୁମୁଙ୍ଗା, ୨୦।୮ (ସମିସ): କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆଜି ଯମୁନାପଶିରେ ଅନୁଷ୍ଠିତ ହେବ ଦ୍ୱାଦଶ ଗ୍ରାମସଭା ତଥା ଶେଷ ଗ୍ରାମସଭା। ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ପାଖ ପଡିଆରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ସକାଳ ୯ଟା ସମୟରେ ଅନୁଷ୍ଠିତ ହେବ ଗ୍ରାମସଭା। ଗାଁର ୭୮ ଏକର ୬୦୦ ଡେସିମିଲ୍ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ। ପାଟଣା ବ୍ଲକର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ବିଡିଓ ମାନସ କୁମାର ଦଣ୍ଡପାଟ ସମସ୍ତଙ୍କୁ ଅବଗତ କରିଛନ୍ତି। ଗୁରୁବାର ଯମୁନାପଶିଠାରେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା ପ୍ରମୁଖ ବିଡିଓଙ୍କ ସହ ଏକ ପ୍ରାକ୍ ଅନୁଧ୍ୟାନ କରିଛନ୍ତି। ଗତ ଡିସେମ୍ବର ୧୨ ତାରିଖରେ ଚେମଣା ପଞ୍ଚାୟତ ଭୁଙ୍ଗରାଜପଶିଠାରେ ପ୍ରଥମ ଗ୍ରାମସଭା ଶେଷ ହୋଇଥିବା ବେଳେ ବାରଡାଙ୍ଗୁଆ, ରେଙ୍ଗାଳବେଡା, ଧନୁର୍ଜୟପୁର, ଅଙ୍ଗିକଳା, ବଳିଆପଶି, ଚେମଣା ପଞ୍ଚାୟତ, ଯମୁନାପଶି ପଞ୍ଚାୟତ ଗୋଡିପୋଖରୀ, କୋଡ଼ଖମଣ, ବରୁଡିପଶି, ଚେମଣା ପଞ୍ଚାୟତ ଚିଲିଦାଠାରେ ୧୧ତମ ଗ୍ରାମସଭା ପରେ ୧୨ତମ ଗ୍ରାମସଭା ଯମୁନାପଶିରେ ଚୂଡ଼ାନ୍ତ ରହିଛି। ପାଟଣା ବ୍ଲକରେ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଚେମଣା ପଞ୍ଚାୟତର ୮ଟି ଗ୍ରାମ ଏବଂ ଯମୁନାପଶି ପଞ୍ଚାୟତର ୪ଟି ଗ୍ରାମ, ଏପରି ସମୁଦାୟ ୧୨ଟି ଗ୍ରାମରେ ୨ହଜାର ୪ଶହ ୬୬ ଏକର ଜମି ଅଧିଗ୍ରହଣ କରାଯିବ।

## ଜଳଖିଆ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ବେତନଟୀ/ବୈଶିଙ୍ଗା,୨୦।୮ (ସମିସ): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ନିକଟରେ ଜଣେ ଜଳଖିଆ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ଦୋକାନୀ ଚିକିତ୍ସିତ ହେବା ପରେ ବୁଧବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯୁଗଳ-ହଳଦୀପଦା ଗ୍ରାମର ମୁନ୍ନା ମହାପାତ୍ର (୩୫) ବୈଶିଙ୍ଗା ଏଟିଏମ୍ ନିକଟରେ ଜଳଖିଆ ଦୋକାନ କରି ପରିବାର ଚଳାନ୍ତି। ମଙ୍ଗଳବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ବସ୍ତା ଥାନା ଅଞ୍ଚଳର ସତ୍ୟଜିତ୍ ମହାପାତ୍ର ହଠାତ୍ ସେଠାରେ ପହଞ୍ଚି ମୁନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୋକାନରେ ଥିବା ଏକ ଲୁହା ରଡ୍‌ରେ ତାଙ୍କ ଉପରେ ପ୍ରହାର କରିଥିଲେ। ମୁନା ତଳେ ପଡ଼ିଯିବା ପରେ ଅଭିଯୁକ୍ତ ତାଙ୍କ ଛାତିକୁ ଗୋଇଠା ମାରି ନିର୍ଦ୍ଧୁମ ମାଡ଼ ମାରିଥିଲେ। ପାଖରେ ଥିବା ଦୋକାନୀମାନେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଆସି ଅଟକାଇବାରୁ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମୁନ୍ନାଙ୍କୁ ବୈସିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ବୁଧବାର ସନ୍ଧ୍ୟାରେ ସେ ଥାନାରେ ଲିଖିତ ଏତଲା ଦାୟର କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ଘଟଣାର ପ୍ରକୃତ କାରଣ ଖୋଜିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି। ଦିନଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ଆକ୍ରମଣକୁ ନେଇ ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ହୋ'ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

ଆନନ୍ଦପୁର, ୨୦।୮ (ସମିସ): ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବିରେ ତିରିଂରୁ ଭୁବନେଶ୍ୱର ରାଜଭବନ ଅଭିମୁଖେ ପଦଯାତ୍ରା ଆରମ୍ଭ ହୋଇଯାଇଛି। ପଦଯାତ୍ରୀ ଦଳ ଆଜି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବୀର ବିର୍ସା ମୁଣ୍ଡା କମିଟି, ଜାମଦା କମିଟିର ସଭାପତି ଘନଶ୍ୟାମ ପିଙ୍ଗୁଆ ଏହି ପଦଯାତ୍ରାର ନେତୃତ୍ୱ ନେଉଛନ୍ତି। ଆନନ୍ଦପୁରକୁ ପଦଯାତ୍ରାରେ ପହଞ୍ଚିବା ପରେ ବିର୍ସା ମୁଣ୍ଡ ହୋ ସମାଜ ମାର୍ଶାଲ ଅଖାଡା(ଆନନ୍ଦପୁର)ରେ ସଭାପତି



ଲବେନଦ୍ର ହେମ୍ବ୍ରମ, ରାମଚନ୍ଦ୍ର ହେମ୍ବ୍ରମ, ବୀର ହେମ୍ବ୍ରମ, ଟୁଟୁନ ପିଙ୍ଗୁଆ, ଚୁଳିଆ ପିଙ୍ଗୁଆ, ସୁଦୁରି ହେମ୍ବ୍ରମ, ସାଧା ଗାଗରୀ, ବଚନ ହେମ୍ବ୍ରମ, ପିଣ୍ଟୁ ହେମ୍ବ୍ରମ ପ୍ରମୁଖ ସେମାନଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଏହି ପଦଯାତ୍ରାରେ ରାମେଶ୍ୱର କଣ୍ଡାଙ୍କଲ, ଜଟିଆ ସାଉଁୟା, କୃଷ୍ଣଚନ୍ଦ୍ର କାରୁଆ, ଦାମୋଦର ପୂର୍ତ୍ତି, ବିଶିଷ୍ଟ ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇ, ଜମାଦାର ବାଲମୁଚୁ, ଗୋପୀନାଥ ହାଇବୁରୁ, ତୁରୀରାମ ବିରୁଆ, ସଞ୍ଜୟ ହେମ୍ବ୍ରମ, ଡାକ୍ତର ବିରୁଆ, ଗୁଲୁ ହୋ ପ୍ରମୁଖ ସାମିଲ ଅଛନ୍ତି। ଅଗଷ୍ଟ ୨୪ ତାରିଖ ଦିନ ରାଜ୍ୟପାଳଙ୍କୁ ଭେଟି ହୋ ଭାଷା ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରିବେ। ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଅନୁଗୋଳ, ଖୋର୍ଦ୍ଧା ପ୍ରଭୃତି ରାଜ୍ୟରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହୋ ଭାଷା ଭାଷୀ ଲୋକ ବସବାସ କରୁଥିବା ବେଳେ ଦାବି ପୂରଣ ଦିଗରେ ସରକାର ଯତ୍ନବାନ ହେବାକୁ ସେମାନେ ଦାବି କରିଛନ୍ତି।

## ପାରିବାରିକ କଳହରୁ ଆକ୍ରମଣ, ଯୁବକ ଗୁରୁତର

କରଞ୍ଜିଆ,୨୦।୮ (ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ କରାଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। କରଞ୍ଜିଆ ଏନ୍‌ଏସି ୱାର୍ଡ ନମ୍ବର-୧ ଅନ୍ତର୍ଗତ ସୁରୁବାଲି ଅଞ୍ଚଳରେ ଏହି ଘଟଣା ଘଟିଛି। ସୁରୁବାଲି ଗ୍ରାମର ନିହାର ରଞ୍ଜନ ମହାନ୍ତ (୩୨) ଆଜି ସକାଳେ ବାମଣାଶାଳ ଗ୍ରାମ ନିକଟସ୍ଥ ଏକ ବିଲରେ ଆହତ ଅବସ୍ଥାରେ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ଖବର ଦେଇଥିଲେ। ନିହାରଙ୍କ ପିଉସୀ ସାର ମହାନ୍ତ ଘଟଣା ସମ୍ପର୍କରେ କରଞ୍ଜିଆ ଥାନାକୁ ଜଣାଇଥିଲେ। କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ସବ୍‌ଇନ୍ସପେକ୍ଟର ରୀତାଞ୍ଜଳି ଦାସଙ୍କ ସମେତ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁତର ଆହତ ନିହାରଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ କରଞ୍ଜିଆ ଥାନାରେ ୩୧୦/୨୬ରେ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଚତୁର୍ଥ ଆନ୍ତଃୱାର୍ଡ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବଡବିଲ, ୨୦।୮ (ସମିସ): ବଡ଼ବିଲ ପୌରପାଳିକା ପକ୍ଷରୁ ଚତୁର୍ଥ ଆନ୍ତଃୱାର୍ଡ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିକାଶ ମହଲରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ ମୁଖ୍ୟଅତିଥି, ପୌର ଉପାଧକ୍ଷା ସରସ୍ୱତୀ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ମୁଖ୍ୟ କିରାଣି ରାଜେନ୍ଦ୍ର ସିଂ, ସମସ୍ତ କାଉନସିଲର, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ ଓ ବିଧାୟକ ପ୍ରତିନିଧି ମୋହନ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମୁଦାୟ ୧୫ଟି ୱାର୍ଡ ଓ ପରିଷଦର ଏକ ଦଳକୁ ମିଶାଇ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୧୦ ଓ ୧୨ ନମ୍ବର୍ ୱାର୍ଡ ମଧ୍ୟରେ ୫-୧ ଗୋଲ୍‌ରେ ୧୦ ନମ୍ବର୍ ଦଳ ବିଜୟୀ ହୋଇଥିଲା। ଜେଠୁରାମ୍ ପାତ୍ର ଓ ସୁନୀଲ ଗୁପ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ବେତନଟୀରେ କାଠ ବୋଝେଇ ପିକଅପ୍ ଭ୍ୟାନ୍ ଜବତ


ବେତନଟୀ,୨୦।୮ (ସମିସ): ବେତନଟୀ ଥାନା ପୁଲିସ ପାଟ୍ରୋଲିଂ ଟିମ୍ ଦ୍ୱାରା ବିଳମ୍ବିତ ରାତିରେ ଏକ ବେଆଇନ ୟୁକାଲିପଟାସ କାଠ ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରାଯାଇଛି। ଜବତ ଗାଡ଼ି ଓ କାଠଗଣ୍ଡିକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବେତନଟୀ ଥାନା ଏଏସଆଇ ଗୋଲକ ବିହାରୀ ମିଶ୍ରଙ୍କ ନେତୃତ୍ୱରେ ପୁଲିସ ଟିମ୍ ବେତନଟୀ-ବଡ଼ସାହି ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ସନ୍ଦିଗ୍ଧ ପିକଅପ୍ ଭ୍ୟାନ୍‌କୁ



ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗାଡ଼ି ଭିତରେ ବେଆଇନ ଭାବେ ଚାଲାଣ ହେଉଥିବା ବିଭିନ୍ନ ମୋଟେଇର ବହୁ ୟୁକାଲିପଟାସ କାଠଗଣ୍ଡି ଲୋଡ୍ ଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରୁ କାଠ ସହ ଗାଡ଼ିକୁ ଜବତ କରି ବନ ବିଭାଗ ଜିମା ଦିଆଯାଇଛି। ଏହି କାଠଗଣ୍ଡି କେଉଁ ସ୍ଥାନରୁ କଟାଯାଇ କେଉଁଠାକୁ ଚାଲାଣ କରାଯାଉଥିଲା ଓ ଏଥିରେ କେଉଁ କାଠ ମାଫିଆ ସାମିଲ ଅଛନ୍ତି, ସେ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି ବୋଲି ବେତନଟୀ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାଏକ ସୂଚନା ଦେଇଛନ୍ତି।

# ଯୋଡ଼ା ସହରମୁହାଁ ୧୫ ଟିକିଆ ହାତୀପଲ

ଯୋଡ଼ା ୨୦।୮ (ସମିସ)



କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ ଅଧୀନ ଯୋଡ଼ା ସହର ଉପକଣ୍ଠରେ ଗୁରୁବାର ସନ୍ଧ୍ୟାରେ ୧୫ ଟିକିଆ ହାତୀପଲର ଚଳପ୍ରଚଳକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ଠାକୁରାଣୀ ସଂରକ୍ଷିତ ଜଙ୍ଗଲରୁ ବାହାରି ହାତୀପଲ ଯୋଡ଼ା ସହର ଅଭିମୁଖେ ଆସି ଡିଏଭି ସ୍କୁଲ ସମ୍ମୁଖ ଅଞ୍ଚଳରେ ପହଞ୍ଚିଥିଲେ। ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୫ଟାରେ ହାତୀପଲ ଜଙ୍ଗଲରୁ ବାହାରି ସହର ନିକଟକୁ ଚାଲି ଆସିଥିଲେ। ହାତୀପଲକୁ ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ଭିଡ଼ ଜମିଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇ ରାସ୍ତାରେ ଟ୍ରାଫିକ ଜାମ୍ ଦେଖାଦେଇଥିଲା। କେତେକ ଲୋକ ହାତୀଙ୍କ ନିକଟକୁ ଯାଇ ଫଟୋ ଓ ଭିଡିଓ ଉଠାଇବାକୁ ଉଦ୍ୟମ କରିଥିବାରୁ ଦୁର୍ଘଟଣା ଆଶଙ୍କା ମଧ୍ୟ ସୃଷ୍ଟି ହୋଇଥିଲା। ଖବର ପାଇ ବନ ବିଭାଗର କର୍ମଚାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ନିୟନ୍ତ୍ରଣ କରିବା ସହ ହାତୀଙ୍କଠାରୁ ନିରାପଦ ଦୂରତା ବଜାୟ ରଖିବାକୁ ସଚେତନ କରିଥିଲେ। ହାତୀପଲକୁ ସହର ଅଞ୍ଚଳରୁ ଦୂରେଇ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଯୋଡ଼ା ଅଞ୍ଚଳରେ ଖଣି କାର୍ଯ୍ୟ ବୃଦ୍ଧି ସହ ଜଙ୍ଗଲ ଅଞ୍ଚଳ ହ୍ରାସ ପାଉଥିବାରୁ ହାତୀଙ୍କ ପ୍ରାକୃତିକ ଆବାସ ଓ ଖାଦ୍ୟ ଉତ୍ସ ପ୍ରଭାବିତ ହେଉଥିବା ନେଇ ପରିବେଶବିତ୍ ମତ ଦେଇଛନ୍ତି। ଖାଦ୍ୟ ଓ ଜଳ ସନ୍ଧାନରେ ହାତୀପଲ ବାରମ୍ବାର ଜନବସତିମୁହାଁ ହେଉଥିବାରୁ ମଣିଷ-ହାତୀ ସଂଘର୍ଷ ରୋକିବା ପାଇଁ ହାତୀ ଚଳପଥ ସୁରକ୍ଷା ସହ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୧୫-ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୭୨- ବନ୍ୟ ଜୀବ ସଂରକ୍ଷଣ ଆଇନ ସଂସଦରେ ପାରିତ ହେଲା।
- ୧୯୮୮- ଭାରତ-ନେପାଳ ସୀମାରେ ଆସିଥିବା ଭୂମିକମ୍ପରେ ପାଖାପାଖି ହଜାରେ ଲୋକଙ୍କ ପ୍ରାଣହାନି।
- ୧୯୯୧- ଲାଟଭିଆ ସୋଭିଏତ୍ ସଂଘରୁ ଅଲଗା ହେବାକୁ ଘୋଷଣା କଲା।
- ୨୦୦୬- ଭାରତ ରତ୍ନରେ ସମ୍ମାନିତ ପ୍ରଖ୍ୟାତ ସେହନାଇ ବାଦକ ଉସ୍ତାଦ ବିସ୍ମିଲ୍ଲା ଖାନ୍‌ଙ୍କ ପରଲୋକ।

# 'କ୍ୟାପ୍ଟେନ୍ ଇଣ୍ଡିଆ'କୁ ମିଳିଲା ନାୟିକା

ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ ତାଙ୍କ ଆଗାମୀ ଫିଲ୍ମ 'କ୍ୟାପ୍ଟେନ୍ ଇଣ୍ଡିଆ'କୁ ନେଇ ଅନେକ ଦିନ ହେଲାଣି ଚର୍ଚ୍ଚାରେ ଅଛନ୍ତି। ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ବିଧିବଦ୍ଧ ଭାବେ ଏହି ଫିଲ୍ମ ସମ୍ପର୍କରେ ଘୋଷଣା କରାଯାଇଥିଲା। ତାପରେ ଏହି ଫିଲ୍ମକୁ ନେଇ କିଛି ଖବର ନ ଆସିବାରୁ ଏହା ଆଉ ନିର୍ମାଣ କରାଯିବ ନାହିଁ ବୋଲି ଅନେକ ରିପୋର୍ଟରେ ପ୍ରକାଶ ମଧ୍ୟ ପାଇଥିଲା। ହେଲେ ଏବେ ଏହାର ନାୟିକାଙ୍କୁ ନେଇ ଖବର ଆସିବାରୁ ପୁଣି ଥରେ କାର୍ତ୍ତିକଙ୍କ ଏହି ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏବେ ଭାରତୀୟ ସିନେମାରେ ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି। ସାଉଥ୍‌ର ଲୋକପ୍ରିୟ କଳାକାରମାନେ ହିନ୍ଦୀ ଚଳଚ୍ଚିତ୍ରରେ ଏବଂ ହିନ୍ଦୀ ସିନେମାର ଅନେକ କଳାକାର ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ କାମ କରୁଥିବାର ଦେଖାଯାଉଛି। ଏହି କ୍ରମରେ ଏବେ ଅଭିନେତ୍ରୀ ପାର୍ବତୀ ଥିରୁଭୋଥୁ 'କ୍ୟାପ୍ଟେନ୍ ଇଣ୍ଡିଆ' ଫିଲ୍ମରେ କାର୍ତ୍ତିକ୍‌ଙ୍କ ବିପକ୍ଷରେ ଦେଖାଯିବେ। ଫିଲ୍ମଟି ଯେତେବେଳେ ୨୦୨୧ ମସିହାରେ ଘୋଷଣା ହୋଇଥିଲା, ହଂସଲ ମେହେଟା ଏହାର ନିର୍ଦ୍ଦେଶନା ଦେବେ ବୋଲି ସ୍ଥିର କରାଯାଇଥିଲା। ଫିଲ୍ମ ନିର୍ମାଣ ବିଳମ୍ବ ହେବାରୁ ସେ ଏଥିରୁ ଓହରିଗଲେ। ଏବେ ଏହି ଫିଲ୍ମର ନିର୍ଦ୍ଦେଶନା ନେଉଛନ୍ତି 'ଚକ୍‌ଦେ ଇଣ୍ଡିଆ' ଫେମ୍ ନିର୍ଦ୍ଦେଶକ ଶିମିତ ଅମିନ୍। 'ରକେଟ୍ ସିଂହ: ସେଲ୍ସମ୍ୟାନ୍ ଅଫ୍ ଦି ଇଅର୍'ର ପ୍ରାୟ ୧୭ ବର୍ଷ ପରେ ଶିମିତ ପୁଣିଥରେ ନିର୍ଦ୍ଦେଶନାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। 'କ୍ୟାପ୍ଟେନ୍ ଇଣ୍ଡିଆ'ରେ ପାର୍ବତୀଙ୍କ ଚରିତ୍ର ବିଷୟରେ ଏପର୍ଯ୍ୟନ୍ତ ଅଧିକ କିଛି ସୂଚନା ସାମ୍ନାକୁ ଆସିନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ ମାଲାୟାଲମ୍ ଏବଂ ତାମିଲ ଚଳଚ୍ଚିତ୍ରରେ କାମ କରିଥିବା ପାର୍ବତୀ ୨୦୧୭ରେ 'କରିବ କରିବ ସିଙ୍ଗଲ୍' ଫିଲ୍ମ ଜରିଆରେ ହିନ୍ଦୀ ସିନେମାରେ ପାଦ ଥାପିଥିଲେ। ଏବେ ପ୍ରାୟ ନଅ ବର୍ଷ ପରେ ସେ 'କ୍ୟାପ୍ଟେନ୍ ଇଣ୍ଡିଆ' ଫିଲ୍ମ ମାଧ୍ୟମରେ ବଲିଉଡ୍‌କୁ ଫେରୁଛନ୍ତି।



# ବରିଷ୍ଠ ନାଗରିକ ଦିବସ



ପ୍ରତିବର୍ଷ ଅଗଷ୍ଟ ୨୧ ତାରିଖକୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଭାବରେ ପାଳନ କରାଯାଏ। ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ସମାଜ ପ୍ରତି ଥିବା ଅବଦାନକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ସମସ୍ୟା ଓ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିନଟି ଉଦ୍ଦିଷ୍ଟ। ବରିଷ୍ଠ ନାଗରିକମାନେ ଆମ ପରିବାର ଓ ସମାଜର ମୂଳଦୁଆ। ସେମାନଙ୍କ ସହ ସମୟ ବିତାଇବା, ସେବା କରିବା ଏବଂ ସେମାନଙ୍କର ଅଭିଜ୍ଞ ମତାମତକୁ ଗୁରୁତ୍ୱ ଦେବା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ଅଟେ। ବୟୋଜ୍ୟେଷ୍ଠଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିଲେ ହିଁ ସମାଜରେ ସଂସ୍କାର ଆସିପାରିବ। ୧୯୯୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଦିବସ ପାଳନର ଆରମ୍ଭ ହୋଇଥିଲା। ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ ଆରମ୍ଭ କରାଯାଇଥିଲା। ବାର୍ଦ୍ଧକ୍ୟ ଅବସ୍ଥାରେ ବୟସ୍କ ଲୋକେ ସାମ୍ନା କରୁଥିବା ସ୍ୱାସ୍ଥ୍ୟଗତ, ମାନସିକ ଏବଂ ଆର୍ଥିକ ସମସ୍ୟାଗୁଡ଼ିକ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଆଜିକାଲି ଅନେକ ସ୍ଥାନରେ ବୃଦ୍ଧବୃଦ୍ଧାମାନେ ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଏବଂ ସମାଜରେ ସେମାନଙ୍କୁ ଏକ ସମ୍ମାନଜନକ ସ୍ଥାନ ଦେବା ପାଇଁ ଏହି ଦିନଟି ପ୍ରେରଣା ଦିଏ। ଏହିଦିନ ସମାଜର ବିଭିନ୍ନ କ୍ଷେତ୍ରରେ (ଯେପରିକି ଶିକ୍ଷା, ସାହିତ୍ୟ, ସମାଜସେବା) ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବରିଷ୍ଠ ନାଗରିକମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଏ।

ଏହିଦିନ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଆଖି ପରୀକ୍ଷା ଏବଂ ମାଗଣା ଔଷଧ ବିତରଣ କରାଯାଏ। ବିଭିନ୍ନ ସଂଗଠନ ଓ ସ୍ୱେଚ୍ଛାସେବୀମାନେ ଜରାଶ୍ରମକୁ ଯାଇ ସେଠାରେ ରହୁଥିବା ବୃଦ୍ଧବୃଦ୍ଧାମାନଙ୍କ ସହ ସମୟ ବିତାନ୍ତି, ସେମାନଙ୍କୁ ଖାଦ୍ୟ ଓ ପୋଷାକ ବାଣ୍ଟନ୍ତି ଏବଂ ସେମାନଙ୍କ ମନରେ ଖୁସି ଭରିବାକୁ ଚେଷ୍ଟା କରନ୍ତି।

# ଅନନ୍ୟ ଶୈବପୀଠ ଜଳାଭିଷେକ ମନା

ସନାତନ ଧର୍ମରେ ଭଗବାନ ଶିବଙ୍କୁ ଜଳ ଅର୍ପଣ କରିବା ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଶିବଲିଙ୍ଗ ଉପରେ ଜଳ, ଫୁଲ, ବେଲପତ୍ର ଏବଂ କ୍ଷୀର ଚଢ଼ାଇ ଜଳାଭିଷେକ କରିବା ଦ୍ୱାରା ମହାଦେବ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ହେଲେ ଋଷିକେଶର ସଚ୍ଚା ଅଖିଳେଶ୍ୱର ମହାଦେବ ମନ୍ଦିରରେ ଜଳାଭିଷେକ ଓ କ୍ଷୀରାଭିଷେକର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି। ଏଠାରେ ପ୍ରାୟ ୧୧ ରୁ ୧୧.୫ ଫୁଟ୍ ଉଚ୍ଚ ଏବଂ ୧୨ ଟନ୍ ଓଜନର ଏକ ବିଶାଳକାୟ ଶିବଲିଙ୍ଗ ରହିଛି। ଭକ୍ତମାନେ ସାଧାରଣ ମନ୍ଦିର ପରି ଏଠାରେ ଭୂମିରୁ ଜଳ ଚଢ଼ାନ୍ତି ନାହିଁ; ବରଂ ମନ୍ଦିର ଭିତରେ ଥିବା ସିଡ଼ି ଦ୍ୱାରା ଉପର ମହଲାକୁ ଉଠି ନିଜେ କ୍ଷୀର ବା ଜଳ ଅର୍ପଣ କରନ୍ତି। ସେହିଭଳି ଏହି ମନ୍ଦିରର ଗର୍ଭଗୃହରେ ପାରଦ ଦ୍ୱାରା ନିର୍ମିତ ଏକ ଛୋଟ ଶିବଲିଙ୍ଗ ମଧ୍ୟ ଅଛି ଏବଂ ଏହା ଉପରେ ରୂପାର ଏକ ସୂକ୍ଷ୍ମ ପ୍ରଲେପ ଦିଆଯାଇଛି। ପାରଦ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଧାତୁ। ଏହା ଉପରେ କ୍ରମାଗତ ଭାବେ ଜଳ କିମ୍ବା କ୍ଷୀର ଢାଳିବା ଦ୍ୱାରା ଏହାର ପ୍ରାକୃତିକ ସଂରଚନା ପ୍ରଭାବିତ ହେବାର ଆଶଙ୍କା ଥାଏ। ସେଥିପାଇଁ ଏହି ଶିବଲିଙ୍ଗର ସୁରକ୍ଷା ପାଇଁ ଜଳାଭିଷେକ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏହି ନିୟମ ଯୋଗୁଁ ଭକ୍ତମାନେ ଏଠାରେ ଜଳ ବଦଳରେ କେବଳ ଫୁଲ ଚଢ଼ାଇ ଭଗବାନ ଶିବଙ୍କର ଆରାଧନା କରିଥାନ୍ତି। ଏଠାରେ ପ୍ରତିଦିନ ସାଧାରଣ ପୂଜା ହେଉଥିଲେ ମଧ୍ୟ, ପ୍ରତି ୧୫ ଦିନରେ ଥରେ ଏକ ଭବ୍ୟ ମହାପୂଜା ଆୟୋଜନ କରାଯାଏ।


ଏହି ଦିନ ଶିବଲିଙ୍ଗଙ୍କୁ ବିଭିନ୍ନ ପ୍ରକାରର ସୁଗନ୍ଧିତ ଫୁଲରେ ସଜାଯିବା ସହ ଫଳ ଓ ମିଠା ଭୋଗ ଲଗାଯାଏ। ପାରଦ ଶିବଲିଙ୍ଗର ଦର୍ଶନ ଓ ପୂଜା ଦ୍ୱାରା ସମସ୍ତ ପାପ କ୍ଷୟ ହୁଏ ଏବଂ ଘରକୁ ସୁଖ-ସମୃଦ୍ଧି ଆସିଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏନେଇ ମନ୍ଦିରର ପୁରୋହିତଙ୍କ ଅନୁଯାୟୀ, ଯେତେବେଳେ ମନ୍ଦିରରେ ୧୧.୫ ଫୁଟର ବିଶାଳ ପଥର ଶିବଲିଙ୍ଗ ସ୍ଥାପିତ ହୋଇଥିଲା, ସେତେବେଳେ ନାଗା ସାଧୁମାନେ ଜଗତର କଲ୍ୟାଣ ପାଇଁ ଏଠାରେ ଏକ ପାରଦ ଶିବଲିଙ୍ଗ ସ୍ଥାପନ କରିବା ଅନିବାର୍ଯ୍ୟ ବୋଲି କହିଥିଲେ। ଏହାପରେ ବାବା ୧୦୦୮ ଭଗତ ଜୀ ମହାରାଜ ଏହାକୁ ମୁଖ୍ୟ ଶିବଲିଙ୍ଗ ନିକଟରେ ସ୍ଥାପନ କରିଥିଲେ। ସାଧାରଣତଃ ପାରଦ ଏକ ତରଳ ଧାତୁ ହୋଇଥିବା ବେଳେ, ନାଗା ସାଧୁମାନେ ନିଜର ଗୁପ୍ତ ବିଦ୍ୟା ଏବଂ ତପୋବଳ ଦ୍ୱାରା ଜଡ଼ିବୁଟି ବ୍ୟବହାର କରି ଏହାକୁ କଠିନ ରୂପ ଦେଇଥିଲେ।








# ବର୍ଷାଦିନେ ମଧୁମେହ ରୋଗୀଙ୍କ ପାଦର ଯତ୍ନ



**ବର୍ଷାଦିନେ ଦୂଷିତ ପାଣି ସଂସ୍ପର୍ଶରେ ଆସି ମଧୁମେହ ରୋଗୀଙ୍କ ପାଦରେ ନାନା ସମସ୍ୟା ସୃଷ୍ଟି ହୋଇଥାଏ। ଏଥିପାଇଁ ସତର୍କ ରହିବା ଆବଶ୍ୟକ।**

ମଧୁମେହ ଦୀର୍ଘଦିନ ରହି ରକ୍ତ ଶର୍କରା ନିୟନ୍ତ୍ରଣରେ ନ ରହିଲେ ପାଦକୁ ରକ୍ତ ସଞ୍ଚାଳନ କମିଯାଏ। ପ୍ରାୟତଃ ରୋଗୀଙ୍କ ପାଦର ସ୍ନାୟୁଗୁଡ଼ିକର ସମ୍ବେଦନଶୀଳତା କମ୍ ହୋଇଯାଏ। ତେଣୁ ବର୍ଷାରେ ଭିଜିବା, ଦୀର୍ଘ ସମୟ ଓଦା ଜୋତା ପିନ୍ଧିବା ଦ୍ୱାରା ପାଦରେ ଛାଲ ପଡ଼ି ଘା' ହେବା ଆଶଙ୍କା ବଢ଼ିଯାଏ। ମଧୁମେହ ରୋଗୀଙ୍କ ସ୍ନାୟୁ ଦୁର୍ବଳତା ଥିବା ହେତୁ ଘା' ହେବା ଜାଣିପାରନ୍ତିନି ଏବଂ ଘା' ଶୁଖିବାକୁ ବିଳମ୍ବ ହୁଏ। ଖଣ୍ଡିଆ ହେଲେ ସଂକ୍ରମଣ ବଢ଼ିଯାଏ। ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବାରୁ ବେଳେ ବେଳେ ରୋଗୀଙ୍କ ଗୋଡ଼ କାଟିବାକୁ ପଡ଼େ। ସେଥିପାଇଁ ବର୍ଷାଦିନେ ମଧୁମେହ ରୋଗୀ ପାଦକୁ ସଫା କରିବା ସହ ସଠିକ୍ ଜୋତା ପିନ୍ଧିବା ଆବଶ୍ୟକ। ପାଦ ଲାଲ୍ ପଡ଼ିବା ସହିତ ଘା', ଚମଡ଼ା ଛାଡ଼ି ସେଥିରୁ ପୂଜ ବା ଦୁର୍ଗନ୍ଧ ଆସିଲେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ବର୍ଷାଦିନେ ବାହାରୁ ଆସିଲେ ନଈଉଷୁମ ପାଣିରେ ଗୋଡ଼କୁ ଧୋଇବା ଉଚିତ। ଗୋଡ଼କୁ ଶୁଖିଲା ନ ରଖିବାକୁ ମଏଶ୍ଚରାଇଜର ଲଗାଇବା ଉଚିତ। ଗୋଡ଼ରେ ସାମାନ୍ୟ ଘା' ହେଲେ ଯତ୍ନ ନେବା ଆବଶ୍ୟକ। ରକ୍ତ ସଞ୍ଚାଳନ ହେଉଛି କି ନାହିଁ ଓ ସ୍ନାୟୁ ଠିକ୍ କାମ କରୁଛି କି ନାହିଁ ନିୟମିତ ପରୀକ୍ଷା କରିବା ଆବଶ୍ୟକ। ଚମଡ଼ା ଛାଡ଼ି ଲାଲ୍ ପଡ଼ିଲେ, ଆଙ୍ଗୁଠି ସନ୍ଧିରେ ସଂକ୍ରମଣ ହୋଇଥିଲେ, ଏହାକୁ ସଫା କରିବା ଉଚିତ।

# କାର୍ ଟି- ସେଲ୍ ଥେରାପି



ଶରୀରର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ସମୟରେ ଉପଯୁକ୍ତ ପରିମାଣର ରକ୍ତ ତିଆରି ହୋଇଥାଏ। ଏହା ସବୁ ଗୁଣସୂତ୍ର ଦ୍ୱାରା ନିୟନ୍ତ୍ରିତ ହୁଏ। ଯଦି ଗୁଣସୂତ୍ରରେ କିଛି କ୍ଷତିକାରକ ପରିବର୍ତ୍ତନ ହୁଏ, ରକ୍ତ କର୍କଟର ସମ୍ଭାବନା ଥାଏ। ବଂଶାନୁଗତ, ବିକିରଣ ସଂସ୍ପର୍ଶରେ ଆସିଲେ, ଧୂମପାନ ଆଦି ମଧ୍ୟ ରକ୍ତ କର୍କଟର ପ୍ରମୁଖ କାରଣ। ଏହି ରୋଗ ହେଲେ ପରିସ୍ରା ତଥା ମଳଦ୍ୱାରରେ ରକ୍ତ ପଡ଼ିବା, ଜ୍ୱର ଲାଗି ରହିବା, ହାଡ଼ରେ ଯନ୍ତ୍ରଣା, ଝାଳ ବାହାରିବା, ଓଜନ ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଠିକ୍ ସମୟରେ ରୋଗ ନିରୂପଣ, ପରୀକ୍ଷା ନିରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ଜଟିଳ ବ୍ୟାଧିରୁ ପୀଡ଼ିତ ଆରୋଗ୍ୟ ଲାଭ କରନ୍ତି। ତେବେ ରକ୍ତ କର୍କଟରୁ ଆରୋଗ୍ୟ ହେବାକୁ କାର୍ ଟି- ସେଲ୍ ଥେରାପି ଏକ ଆଧୁନିକ ଚିକିତ୍ସା ପଦ୍ଧତି। ଏହି ଚିକିତ୍ସା ପଦ୍ଧତିଟି ରକ୍ତକର୍କଟ, ଲ୍ୟୁକେମିଆ, ଲିମ୍ଫୋମା, ମାୟୋଲୋମା ଆଦି କ୍ଷେତ୍ରରେ ପ୍ରୟୋଗ ହେଉଛି। କର୍କଟ ସହ ଲଢ଼େଇ କରିବାକୁ ଏହା ଶରୀରରେ ରୋଗପ୍ରତିରୋଧ ଶକ୍ତିକୁ ବୃଦ୍ଧି କରାଏ। ଏହି ଥେରାପିରେ ରୋଗୀର ଟି-ସେଲ୍ (ଥାଇମୋସାଇଡ୍)କୁ ଜେନେଟିକାଲ ପରିବର୍ତ୍ତିତ କରି ଶରୀରର କର୍କଟ କୋଷଗୁଡ଼ିକୁ ନଷ୍ଟ କରିବାକୁ ବ୍ୟବହାର କରାଯାଏ। ଏହାଦ୍ୱାରା କର୍କଟ ବ୍ୟାପିବାକୁ ନିୟନ୍ତ୍ରଣ କରିହୁଏ। ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ଦ୍ୱାରା ଉପକୃତ ହେଉନଥିବା ରୋଗୀଙ୍କ ପାଇଁ ଏହା ବରଦାନ ସଦୃଶ ହେବ। କାର୍ ଟି-ସେଲ୍ ଥେରାପିରେ ରୋଗର ଲକ୍ଷଣ ହ୍ରାସ ପାଇବା ସହ ଅଧିକ ସମୟ ପର୍ଯ୍ୟନ୍ତ ଆରାମ ମିଳିପାରିବ। ଯଦିଓ ଏହି ଚିକିତ୍ସା ପଦ୍ଧତି ବ୍ୟୟ ବହୁଳ କିନ୍ତୁ ଓଡ଼ିଶାରେ ଏହା ଉପଲବ୍ଧ କରାଯାଇପାରେ।

# ହୃଦ୍‌ଘାତର ସତର୍କ ସୂଚନା



ଡା.ଅଶୋକ କୁମାର ମହାନ୍ତି

ବର୍ତ୍ତମାନ ସାରା ବିଶ୍ୱରେ ହୃଦ୍‌ରୋଗରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ହୃଦୟକୁ ରକ୍ତ ଏବଂ ଅମ୍ଳଜାନ ପଠାଉଥିବା ଏକ ଧମନୀ ଅବରୋଧିତ ହେଲେ ହୃଦ୍‌ଘାତ ହୁଏ। ଶରୀରରେ ଅଧିକ ଚର୍ବି, କୋଲେଷ୍ଟ୍ରଲ୍ ଜମା ହୋଇ ହୃଦୟର ଧମନୀରେ ପ୍ଲାକ୍ ସୃଷ୍ଟି ହୁଏ। ଯଦି ଏକ ପ୍ଲାକ୍ ଫାଟିଯାଏ ତେବେ ରକ୍ତଜମାଟ ହୋଇ ଧମନୀକୁ ଅବରୋଧ କରିପାରେ। ଯାହାଫଳରେ ହୃଦ୍‌ଘାତ ହୋଇଥାଏ। ରକ୍ତ ପ୍ରବାହର ଅଭାବ ହୃଦ୍‌ଘାତ ମାଂସପେଶୀର ଏକ ଅଂଶକୁ କ୍ଷତି କିମ୍ବା ନଷ୍ଟ କରିପାରେ। ଛାତିରେ ଚାପ ଅନୁଭବ, ଝାଳ ନିର୍ଗତ କିମ୍ବା ହାତ ଯନ୍ତ୍ରଣା ଭଳି ସତର୍କତା ସଙ୍କେତ (୧୦-୧୫ ମିନିଟରୁ ଅଧିକ ସମୟ ପାଇଁ) ତୁରନ୍ତ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରେ। ତେଣୁ ଲକ୍ଷଣଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଜୀବନ ବଞ୍ଚାଇପାରେ।

**ସଙ୍କେତକୁ ଅଣଦେଖା କରିବା ଅନୁଚିତ**

ହୃଦ୍‌ଘାତର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। ଛାତିରେ ଯନ୍ତ୍ରଣା, ଜଳାପୋଡ଼ା, ଚାପ ଅନୁଭବ, ଛାତି ମଝି ଭାଗ ଭାରି ଲାଗିବା, ବଦହଜମୀ ହୋଇପାରେ। ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ, ଛାତିରୁ ଯନ୍ତ୍ରଣା ଆରମ୍ଭ ହୋଇ ବାମ ହାତ, ହନୁହାଡ଼, କାନ୍ଧ, ବାହୁ, ବେକ, ପିଠି କିମ୍ବା ପେଟକୁ ବ୍ୟାପିପାରେ। ବିଶେଷକରି ମହିଳାଙ୍କ କ୍ଷେତ୍ରରେ ଛାତି ଅସ୍ୱସ୍ତି ବିନା ହନୁହାଡ଼ କିମ୍ବା ବେକ ଯନ୍ତ୍ରଣା ବି ହୃଦ୍‌ଘାତର ସଙ୍କେତ। ଅସ୍ପଷ୍ଟ ଥକ୍କାପଣ, ଥଣ୍ଡା ଝାଳ ବାହାରିବା, ବାନ୍ତି, ବଦହଜମୀ, ଅସୁସ୍ଥ ଅନୁଭବ, ହଠାତ୍ ପେଟ ସମସ୍ୟା, ମୁଣ୍ଡ ବୁଲାଇବା, ପ୍ରାୟ ଚେତାଶୂନ୍ୟ ହେବା ମସ୍ତିଷ୍କକୁ ରକ୍ତ ପ୍ରବାହ କମ୍ ହୋଇପାରେ। ଛାତିରେ ଯନ୍ତ୍ରଣା ନ ଥାଇ ଏହା ନୀରବ ହୃଦ୍‌ଘାତରେ ହୁଏ। ଅନିୟମିତ ହୃଦ୍‌ସ୍ପନ୍ଦନ ସହିତ ଉପରୋକ୍ତ ସଙ୍କେତକୁ ଅଣଦେଖା କରିବା ଅନୁଚିତ।

**ଲକ୍ଷଣ ଅନୁଭବ କଲେ କ'ଣ କରିବେ**


କାମ ବନ୍ଦ କରି ବାୟୁ ଚଳାଚଳ କରୁଥିବା କୋଠରିରେ ବିଶ୍ରାମ ନିଅନ୍ତୁ। ପୋଷାକ ଢିଲା କରିଦିଅନ୍ତୁ। ଭୟଭୀତ ନହୋଇ ତୁରନ୍ତ ଜରୁରୀକାଳୀନ ସେବାକୁ କଲ୍ କରନ୍ତୁ। ରକ୍ତ ଜମାଟ ବାନ୍ଧିବାକୁ ରୋକିବାରେ ସାହାଯ୍ୟ କରିବା ପାଇଁ ଏକ ଆସ୍ପିରିନ୍ ଟାବଲେଟ୍ (୩୦୦-୩୨୫ mg)- (ଯଦି ଆସ୍ପିରିନ୍ ପ୍ରତି ଆଲର୍ଜିକ୍ ବା କୌଣସି ସକ୍ରିୟ ରକ୍ତସ୍ରାବ ଜନିତ ରୋଗ ନ ଥାଏ) ଚୋବାଇ ଦିଅନ୍ତୁ, ନଚେତ୍ ପାଣିରେ ଗୋଳାଇ ପିଇ ଦିଅନ୍ତୁ। ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନେବା ଉଚିତ୍। ଅନ୍ୟ କାହାର ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ବ୍ୟବହାର କରନ୍ତୁ ନାହିଁ। ଗାଡ଼ି ଚାଳନାରୁ ନିବୃତ୍ତ ରୁହନ୍ତୁ।

**କାହା ପାଇଁ ଅଧିକ ବିପଦ**

ଶାରୀରିକ ନିଷ୍କ୍ରିୟତା, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ଧୂମପାନ, ତମାଖୁ, ମଦ୍ୟପାନ, ମଧୁମେହ ରୋଗୀ, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ୍, ମେଦବହୁଳତା, ହୃଦ୍‌ଘାତର ପାରିବାରିକ ଇତିହାସ, ମାନସିକ ଚାପ ଏବଂ ନିଶାଦ୍ରବ୍ୟ ଅପବ୍ୟବହାର, ବାୟୁ ପ୍ରଦୂଷଣ ଆଦି କାରଣ ହୃଦ୍‌ଘାତ ପାଇଁ ଅଧିକ ବିପଦ ହୋଇଥାଏ। ବିଶେଷକରି ୪୫ ବର୍ଷର ପୁରୁଷ ଓ ୫୫ ବର୍ଷ ପରେ ମହିଳାଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ହୋଇପାରେ।

**ପ୍ରତିରୋଧ ମୂଳକ ପରାମର୍ଶ**

ରକ୍ତଚାପ, ରକ୍ତ ଶର୍କରା, ଶରୀରର ଓଜନ, ବିଏମ୍‌ଆଇ ଏବଂ ରକ୍ତ କୋଲେଷ୍ଟ୍ରଲ୍ ସର୍ବଦା ନିୟନ୍ତ୍ରଣରେ ରଖନ୍ତୁ। ନିଶାସେବନରୁ ଦୂରେଇ ରହିବା ଉଚିତ। ନିୟମିତ ବ୍ୟାୟାମ (୩୦-୪୫ ମିନିଟ୍ ଚାଲିବା) କରନ୍ତୁ। ଅଧିକ ଚର୍ବି, ଶର୍କରାଜାତୀୟ ତଥା ଲୁଣଯୁକ୍ତ ଖାଦ୍ୟ ବଦଳରେ ସମ୍ପୂର୍ଣ୍ଣ ଶସ୍ୟ, ପନିପରିବା ଏବଂ ଫଳ ଖାଇବା ଉଚିତ। ପରିବାରରେ ହୃଦ୍‌ରୋଗର ଇତିହାସ ଥିଲେ ନିୟମିତ ହୃଦୟ ତଥା ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ। ଚାପଗ୍ରସ୍ତ ହୁଅନ୍ତୁ ନାହିଁ। ନିୟମିତ ଯୋଗ ଓ ପ୍ରାଣାୟାମ ସହ ୭ରୁ ୯ ଘଣ୍ଟା ଶୋଇବା ଉଚିତ୍। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଔଷଧ ସେବନ କରିବା ଆବଶ୍ୟକ।



ମାଟିମଣ୍ଡପ ସାହି,
ପାଟଣା ଲେନ୍, ପୁରୀ ଟାଉନ୍

# ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ

ବିଶୃଙ୍ଖଳିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ, ହରମୋନ୍ ଅସନ୍ତୁଳନ, ମେଦବହୁଳତା ଆଦି କାରଣରୁ କମ୍ ବୟସର ବ୍ୟକ୍ତି ଉଚ୍ଚ ରକ୍ତଚାପର ଶିକାର ହେଉଛନ୍ତି। ମୁଣ୍ଡ ବିନ୍ଧା, ଛାତି ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା, ଦୁର୍ବଳ ଅନୁଭବ ଆଦି ଉଚ୍ଚ ରକ୍ତଚାପର ଲକ୍ଷଣ। ରକ୍ତଚାପ ୧୪୦- ୯୦ରୁ ଅଧିକ ହେଲେ ଏହା ଉଚ୍ଚ ରକ୍ତଚାପକୁ ସୂଚାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଯଦି ଜଣଙ୍କର ଅଚାନକ ରକ୍ତ ଚାପ ବୃଦ୍ଧି ପାଏ ତାଙ୍କୁ ତୁରନ୍ତ ବାୟୁ ଚଳାଚଳ ସ୍ଥାନରେ ବସାଇ ଶ୍ୱାସକ୍ରିୟାକୁ ସାଧାରଣ କରିବାକୁ ପରାମର୍ଶ ଦିଆଯାଏ। ଉକ୍ତ ବ୍ୟକ୍ତିଙ୍କୁ ସର୍ପଗନ୍ଧା କ୍ୱାଥ ଦିଆଯାଇପାରେ। ଜଙ୍କଫୁଡ, ମସଲାଯୁକ୍ତ ଖାଦ୍ୟ, ଲୁଣ, ଘିଅ ଓ ତେଲ ଆଦି ଖାଇବା ଅନୁଚିତ। ସେହିପରି ସର୍ପଗନ୍ଧା ମୂଳ ଏକ ଗ୍ରାମ୍ ପର୍ଯ୍ୟନ୍ତ ବାଟି ପାଣିରେ ମିଶାଇ ଦିନକୁ ଦୁଇଥର ସେବନ କରିବା ହିତକର।

ଲେମ୍ବୁପାଣି, ପଇଡ଼, ସଜନା, ଟମାଟୋ, ଅଳସୀ, କଳା ଚଣା ସେବନ ହିତକର। ଅଁଳା ରସକୁ ମହୁ ସହ ମିଶାଇ ଏକ ଗ୍ଲାସ ପାଣିରେ ପିଇଲେ ଉଚ୍ଚ ରକ୍ତଚାପରୁ ଆରାମ ମିଳିଥାଏ।

# ଯାଦୁର ଉପଚାର

- ଚାକୁଣ୍ଡା ମଞ୍ଜି, ଗନ୍ଧକ ଲେମ୍ବୁରସରେ ଉତ୍ତମରୂପେ ମର୍ଦ୍ଦନ କରି ଯାଦୁରେ ଦିନ ମଧ୍ୟରେ ୫ଥର ଲଗାଇଲେ ଦୁଇ ଦିନରେ ଯାଦୁ ଭଲ ହୁଏ।
- ଝୁଣା, ଟାଙ୍ଗଣା, ଗନ୍ଧକ, ଫିଟିକିରି ସମଭାଗ କରି ପାଣିରେ ବାଟି ପ୍ରଲେପ ଦେଲେ ଅଳ୍ପ ଦିନରେ ଯାଦୁ ଭଲ ହୁଏ।
- ମନଃଶିଳା, ରାଶିତେଲ, ଅରଖ କ୍ଷୀର ସମଭାଗ ବାଟି ଲଗାଇଲେ ଯାଦୁ ଭଲ ହୁଏ। (ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍

# ଇଂଲଣ୍ଡ ସହ ଡ୍ର' ରଖି ଦ୍ୱିତୀୟ ରାଉଣ୍ଡରେ ଭାରତ

ଆମଷ୍ଟଲଭିନ୍,୨୦।୮ (ଏଜେନ୍ସି)

ରକ୍ଷଣଭାଗର ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଅନ୍ୟତମ ଶ୍ରେଷ୍ଠ ଦଳ ଇଂଲଣ୍ଡ ସହ ଗୋଲ ଶୂନ୍ୟ ଡ୍ର ରଖି ଏଠାରେ ଚାଲିଥିବା ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା କ୍ରସ୍ ଓଭରରେ ପ୍ରବେଶ କରିଛି। ଏହା ଫଳରେ ଭାରତୀୟ ମହିଳାମାନେ ହକି ବିଶ୍ୱକପ୍‌ରେ ଉଲ୍ଲେଖନୀୟ ସଫଳତା ପାଇବାରେ ସମର୍ଥ ହୋଇଛନ୍ତି। ଏଠାରେ ଆଜି ପୁଲ-ଡି'ର ଶେଷ ଲିଗ୍ ମ୍ୟାଚ୍‌ରେ ଇଂଲଣ୍ଡ ସହ ଭାରତର ମୁକାବିଲା ହୋଇଥିଲା। ଏହି ମୁକାବିଲା ପୂର୍ବରୁ ଭାରତ ଚୀନ୍ ସହ ଡ୍ର ଓ ଦକ୍ଷିଣ ଆଫ୍ରିକାକୁ ହରାଇ ୪ ପଏଣ୍ଟ ପାଇଥିଲାବେଳେ ଗୋଟିଏ ବିଜୟ ଓ ଚୀନ୍‌ଠାରୁ ହାରିଥିବା ଇଂଲଣ୍ଡ ୩ ପଏଣ୍ଟ ପାଇଥିଲା। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହୋଇଥାନ୍ତା ସେହି ଦଳ ଦ୍ୱିତୀୟ ରାଉଣ୍ଡକୁ ଯିବା କଥା। କିନ୍ତୁ ମ୍ୟାଚ୍ ଡ୍ର ରହିବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରି ଲିଗ୍ ପର୍ଯ୍ୟାୟ ଶେଷ କରିଥିଲେ। ଫଳରେ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ଭାରତ ୫ ପଏଣ୍ଟ ପାଇଥିଲା। ପୂର୍ବରୁ ଚୀନ୍ ୨ଟି ବିଜୟ ଓ ଭାରତ ସହ ଗୋଟିଏ ମ୍ୟାଚ୍ ଡ୍ର କରି ପୁଲ୍-ଡି'ରେ ୭ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲା। କିନ୍ତୁ ୪ପଏଣ୍ଟ ପାଇ ଇଂଲଣ୍ଡ ତୃତୀୟ ସ୍ଥାନରେ ରହିବା ସହ ପ୍ରତିଯୋଗିତାର ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛି। କ୍ରସ୍ ଓଭରରେ ଭାରତ ସହ ନେଦରଲ୍ୟାଣ୍ଡସ ଓ ଅଷ୍ଟ୍ରେଲିଆର ମୁକାବିଲା ହେବ।



ଆଜି ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମୁକାବିଲାରେ ଭାରତୀୟ ରକ୍ଷଣଭାଗ ଖେଳାଳି ଜବରଦସ୍ତ ଖେଳପ୍ରଦର୍ଶନ କରି ଇଂଲଣ୍ଡକୁ ଗୋଟିଏ ହେଲେ ଗୋଲ ଦେବାର ସୁଯୋଗରୁ ବଞ୍ଚିତ କରିଥିଲେ। ଏଣୁ ଆଜିର ମ୍ୟାଚ୍‌ରେ ରକ୍ଷଣଭାଗ ଖେଳାଳି ହିରୋ ସାଜିଛନ୍ତି।

### ପୁରୁଷ ବିଭାଗ: ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ସହ ଖେଳିବ ଭାରତ

ପୁରୁଷ ବିଭାଗ ପୁଲ-ଡି'ରେ ବୁଧବାର ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରି ଭାରତ ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା କ୍ରସ୍ ଓଭରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ବା ମୋଟରେ ୮ଟି ଦଳ କ୍ରସ ଓଭରକୁ ଉନ୍ନୀତ ହେବେ। ଏହି ଦଳ ଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇବେ। କିନ୍ତୁ ଏହି ପର୍ଯ୍ୟାୟରେ ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିବ। ଗୋଟିଏ ଗ୍ରୁପ୍‌ରୁ ଦୁଇଟି ଦଳ କ୍ରସ୍ ଓଭରକୁ ଯାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ମୁକାବିଲା ହେବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରେ ବିଜେତା ଦଳ କ୍ରସ୍ ଓଭରରେ ଗୋଟିଏ ମ୍ୟାଚ୍ ବିଜୟର ପୂରା ପଏଣ୍ଟ ସହ ଖେଳିବ। ଅର୍ଥାତ୍ ପୁଲ-ଡି'ରୁ ଇଂଲଣ୍ଡ ଓ ଭାରତ ଯୋଗ୍ୟତା ଅର୍ଜନ କରିଛନ୍ତି। ଏମାନେ କ୍ରସ ଓଭରରେ ମୁକାବିଲା କରିବେ ନାହିଁ। କିନ୍ତୁ ଇଂଲଣ୍ଡ ଗୋଟିଏ ହେଲେ ମ୍ୟାଚ୍ ନ ଖେଳି ପୂରା ପଏଣ୍ଟ ସହ କ୍ରସ୍ ଓଭରରେ ଖେଳିବ। କ୍ରସ୍ଓଭର ପୁଲ-ଇ'ରେ ଭାରତ ଓ ଇଂଲଣ୍ଡ ସହ ପୁଲ-ଏ'ର ପ୍ରଥମ ଦୁଇ ଦଳ ଯଥା ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ସହ ସ୍ଥାନ ପାଇଛି। କ୍ରସ୍ ଓଭରରେ ଭାରତ କେବଳ ଏହି ଦୁଇ ଦଳ ସହ ମୁକାବିଲା କରିବ। ଖେଳସୂଚୀ ଅନୁଯାୟୀ ଭାରତ ପ୍ରଥମ ମ୍ୟାଚ୍ ନେଦରଲାଣ୍ଡସ ସହ ଅଗଷ୍ଟ ୨୨ରେ ଓ ଦ୍ୱିତୀୟ ମ୍ୟାଚ୍ ଆର୍ଜେଣ୍ଟିନା ସହ ଅଗଷ୍ଟ ୨୪ରେ ଖେଳିବ। ଏହି ଦଳ ବିପକ୍ଷରେ ଭାରତ ବିଜୟୀ ହୋଇପାରିଲେ, ସେମିଫାଇନାଲ ଖେଳିବା ସମ୍ଭାବନା ସୃଷ୍ଟି ହୋଇପାରେ। ସେହିପରି କ୍ରସ୍ ଓଭରର ଅନ୍ୟ ପୁଲ ବା ପୁଲ-ଏଫ୍‌ରେ ଜର୍ମାନୀ, ବେଲଜିୟମ, ଅଷ୍ଟ୍ରେଲିଆ ସହ ସ୍ପେନ୍ କିମ୍ବା ଆୟର୍ଲାଣ୍ଡ ସ୍ଥାନ ପାଇବ।

### କ୍ରସ୍ଓଭର ଖେଳସୂଚୀ

**ପୁରୁଷ ପୁଲ-ଇ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୨-୮ | ଭାରତ-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ | ରାତି ୭ଟା୩୦ |
| ୨୨-୮ | ଇଂଲଣ୍ଡ- ଆର୍ଜେଣ୍ଟିନା | ଆମଷ୍ଟଲଭିନ୍ | ରାତି ୧୦ଟା୩୦ |
| ୨୪-୮ | ଭାରତ-ଆର୍ଜେଣ୍ଟିନା | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା୩୦ |
| ୨୪-୮ | ଇଂଲଣ୍ଡ-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ୍ | ରାତି ୯ଟା ୩୦ |

**ପୁରୁଷ ପୁଲ-ଏଫ୍**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୧-୮ | ଅଷ୍ଟ୍ରେଲିଆ-ବେଲଜିୟମ | ୱାଭରେ | ରାତି ୮ଟା୩୦ |
| ୨୧-୮ | ଜର୍ମାନୀ- ସ୍ପେନ | ୱାଭରେ | ରାତି ୧୨ଟା |
| ୨୩-୮ | ଜର୍ମାନୀ-ଅଷ୍ଟ୍ରେଲିଆ | ୱାଭରେ | ରାତି ୯ଟା |
| ୨୩-୯ | ବେଲଜିୟମ-ସ୍ପେନ୍ | ୱାଭରେ | ରାତି ୧୨ଟା |

**ମହିଳା ପୁଲ-ଇ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୧-୮ | ଚୀନ୍-ଅଷ୍ଟ୍ରେଲିଆ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା୩୦ |
| ୨୧-୮ | ଭାରତ-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ୍ | ରାତି ୯ଟା ୩୦ |
| ୨୩-୮ | ଚୀନ୍-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ୍ | ସନ୍ଧ୍ୟା ୭ଟା୩୦ |
| ୨୩-୮ | ଭାରତ-ଅଷ୍ଟ୍ରେଲିଆ | ଆମଷ୍ଟଲଭିନ୍ | ରାତି ୧୦ଟା୩୦ |

**ମହିଳା ପୁଲ-ଏଫ୍**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୨-୮ | ସି ୧-ଜର୍ମାନୀ | ୱାଭରେ | ରାତି ୯ଟା |
| ୨୨-୮ | ସି-୨ - ଆର୍ଜେଣ୍ଟିନା | ୱାଭରେ | ରାତି ୧୨ଟା |
| ୨୪-୮ | ସି- ୨- ଜର୍ମାନୀ | ୱାଭରେ | ରାତି ୮ଟା ୩୦ |
| ୨୪-୮ | ସି-୧ - ଆର୍ଜେଣ୍ଟିନା | ୱାଭରେ | ରାତି ୧୨ଟା୩୦ |

ସି-୧ ଓ ସି-୨: ବେଲଜିୟମ ଓ ସ୍ପେନ୍ ମଧ୍ୟରୁ ପ୍ରଥମ ଦ୍ୱିତୀୟ ହେବେ।

■ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

## ଭାରତକୁ ଝଟ୍‌କା; ସିନ୍ଧୁ, ଆୟୁଷଙ୍କ ବିଦାୟ



ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ବିଶ୍ୱକପ୍ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଗୁରୁବାର ଭାରତ ପାଇଁ ବେଶ୍ ନୈରାଶ୍ୟଜନକ ରହିଥିଲା। ପାଞ୍ଚଥରର ପଦକ ବିଜୟିନୀ ପିଭି ସିନ୍ଧୁ ଓ ଉଦୀୟମାନ ଖେଳାଳି ଆୟୁଷ ସେଟ୍ଟୀ ପ୍ରି-କ୍ୱାର୍ଟର ଫାଇନାଲରେ ହାରି ଅଭିଯାନ ଶେଷ କରିଛନ୍ତି। ସେହିଭଳି ମିକ୍ସଡ ଡବଲ୍ସରେ ମଧ୍ୟ ଭାରତୀୟ ଯୋଡ଼ିଙ୍କୁ ନିରାଶ ହେବାକୁ ପଡ଼ିଛି। ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋ ଯୋଡ଼ି ରାଉଣ୍ଡ-୧୬ରେ ହାରି ବିଦାୟ ନେଇଛନ୍ତି। ତେବେ ମହିଳା ଡବଲ୍ସରେ ତ୍ରିସା ଜୋଲୀ ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଦେଶ ପାଇଁ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି।

ଗୁରୁବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମୁକାବିଲାରେ ସିନ୍ଧୁଙ୍କ ମୁକାବିଲା ଚାଇନାର ୱାଙ୍ଗ ଝି ୟିଙ୍କ ସହ ହୋଇଥିଲା। ତିନି ଗେମ୍ ବିଶିଷ୍ଟ ଏହି ମ୍ୟାଚର ପ୍ରଥମ ମୁକାବିଲାକୁ ୱାଙ୍ଗ୍ ୨୧-୧୧ରେ ଜିତି ୧-୦ରେ ଅଗ୍ରଣୀ ରହିଥିଲେ। ଏହାପରେ ସିନ୍ଧୁ ୨୧-୧୫ରେ ଦ୍ୱିତୀୟ ଗେମକୁ ଜିତି ୧-୧'ର ବରାବର୍‌ସ୍ଥିତିକୁ ଆଣିଥିଲେ। ତେବେ ନିର୍ଣ୍ଣାୟକ ତୃତୀୟ ଗେମକୁ ୱାଙ୍ଗ୍ ୨୧-୧୭ରେ ବାଜିମାତ୍ କରି ୨-୧ରେ ମ୍ୟାଚକୁ ହାତେଇ ନେଇଥିଲେ। ଫଳରେ ଚାଇନାର ୱାଙ୍ଗ୍ କ୍ରମାଗତ ୮ଟି ମ୍ୟାଚ୍ ସିନ୍ଧୁଙ୍କ ନିକଟରୁ ହାରିବା ପରେ ପ୍ରଥମ ବିଜୟସ୍ୱାଦ ଏଠାରେ ଚାଖିଛନ୍ତି। ଅପରପକ୍ଷରେ ପଦକ ଆଶାୟୀ ଆୟୁଷ ମଧ୍ୟ ପୁରୁଷ ବିଭାଗରେ ନିରାଶ କରିଥିଲେ। ରାଉଣ୍ଡ-୧୬ରେ ଆୟୁଷ ୧୯-୨୧, ୧୧-୨୧ ସିଧାସଳଖ ଗେମରେ ଇଣ୍ଡୋନେସିଆର ଅଲ୍‌ୱି ଫରହାନଙ୍କଠାରୁ ହାରିଯାଇଛନ୍ତି। ଏଥିପୂର୍ବରୁ ଆୟୁଷ ପ୍ରଥମ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ଏକ ନମ୍ବର ଖେଳାଳି ଚାଇନାର ଶି ୟୁ କ୍ୱିଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ। ମହିଳା ଡବଲ୍ସରେ ତ୍ରିସା ଓ ଗାୟତ୍ରୀ ଯୋଡ଼ି ୨୧-୧୬, ୨୧-୧୨ ଗେମରେ ଜାପାନ ଯୋଡ଼ିଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ପ୍ରି-କ୍ୱାର୍ଟର ଖେଳିବେ।

■ ଫିଫା ମହିଳା ବିଶ୍ୱକପ୍- ୨୦୨୭

## ମାରକାନାରେ ଉଦ୍‌ଘାଟନୀ ଓ ଫାଇନାଲ

ରିଓ ଡି ଜାନେଇରୋ,୨୦।୮ (ଏଜେନ୍ସି): ବ୍ରାଜିଲତଥାରିଓଡିଜାନେଇରୋରେଅବସ୍ଥିତ ଆଇକନିକ୍ ଫୁଟବଲ ଷ୍ଟାଡିୟମ୍‌ରେ ୨୦୨୭ ଫିଫା ବିଶ୍ୱକପ୍ ଆରମ୍ଭ ହେବ। ମହିଳା ଫୁଟବଲର ଏହି ସର୍ବଶ୍ରେଷ୍ଠ ଇଭେଣ୍ଟ ୨୦୨୭ ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୨୫ରେ ଶେଷ ହେବ। ଏଥିରେ ୩୨ଟି ଦେଶ ୮ଟି ସହରରେ ଏହି ପ୍ରତିଯୋଗିତା ଶେଷ ହେବ ବୋଲି ଜଣାଯାଇଛି। ଏଥିରେ ମୋଟି ୬୪ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଆଇକନିକ୍ ମାରକାନା ଷ୍ଟାଡିୟମ୍‌ରେ ଉଦ୍‌ଘାଟନି ଓ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ ବୋଲି ଆଜି ଫିଫା ପକ୍ଷରୁ ପ୍ରକାଶିତ ଖେଳସୂଚୀରୁ ଜଣାଯାଇଛି। ଏହା ଫଳରେ ପ୍ରତ୍ୟେକ ଭେନ୍ୟୁରେ ଅତିକମ୍‌ରେ ୭ଟି ଲେଖାଏଁ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

୩ ବର୍ଷ ତଳେ ଇଂଲଣ୍ଡକୁ ହରାଇ ଚାମ୍ପିଅନ ହୋଇଥିବା ସ୍ପେନ୍ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଟାଇଟଲଧାରୀ ଭାବେ ଖେଳିବ। ଅନ୍ୟ ପକ୍ଷରେ ଆୟୋଜକ ବ୍ରାଜିଲ ଜୁନ୍ ୨୪ରୁ ତାହାର ଅଭିଯାନ ଆରମ୍ଭ କରିବ। ଏହା ପରେ ଜୁନ୍ ୨୯ ଓ ଜୁଲାଇ ୪ରେ ଘରୋଇ ଦଳ ତାହାର ଅନ୍ୟ ଦୁଇଟି ଲିଗ୍ ମ୍ୟାଚ୍ ଖେଳିବ। ୮ଟି ଭେନ୍ୟୁ ହେଲା, ବ୍ରାସିଲିଆ, ପୋର୍ଟୋ ଆଲେଗ୍ରେ, ରେସିଫେ, ସାଲଭାଡରରେ କେବଳ ରାଉଣ୍ଡ ଅଫ୍ ୧୬ ମୁକାବିଲା ଖେଳାଯିବ। ବେଲୋ ହୋରିଜୋଣ୍ଟେ, ଫୋର୍ଟାଲେଜା, ରିଓ ଡି ଜାନେଇରୋ ଓ ସାଓ ପାଓଲୋରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ମାରକାନା ବିଶ୍ୱର ତୃତୀୟ ଷ୍ଟାଡିୟମ ଭାବେ ଉଭୟ ଫିଫା ବିଶ୍ୱକପ୍ ଓ ଫିଫା ମହିଳା ବିଶ୍ୱକପ୍ ପ୍ରତିଯୋଗିତା ଆୟୋଜନ କରିବ। ପୂର୍ବରୁ ୧୯୫୮ ଓ ୧୯୯୫ରେ ସ୍ୱିଡେନ୍‌ର ସୋଲନା, ୧୯୯୪ ଓ ୧୯୯୯ରେ ଆମେରିକାର ରୋଜ୍‌ବାଉଲ୍ ଉଭୟ ବିଶ୍ୱକପ୍ ଫାଇନାଲରକୁ ଆୟୋଜନ କରିବାରେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମାରାକାନା ଏହି ତାଲିକାରେ ସାମିଲ ହେବ।

ଡୋପ୍ ଟେଷ୍ଟରେ ବିଫଳ

## ଏସିଆନ୍ ଗେମ୍ସ ଚାମ୍ପିଅନ ସ୍ୱପ୍ନା ବାସନ୍ଦ



ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ପୂର୍ବତନ ଏସୀୟ ଗେମ୍ସ ଚାମ୍ପିଅନ ସ୍ୱପ୍ନା ବର୍ମନଙ୍କୁ ଡୋପିଂ ପାଇଁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି। ନିଷିଦ୍ଧ ପଦାର୍ଥ ସେବନ ଯୋଗୁ ୨୯ ବର୍ଷୀୟା ସ୍ୱପ୍ନାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିଲା। ଜାତୀୟ ଡୋପିଂ ନିରୋଧୀ ସଂସ୍ଥା (ନାଡା) ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ସ୍ୱପ୍ନା ଏଣ୍ଡୋଜେନସ୍ ଷ୍ଟେରଏଡ୍ ବୋଲ୍ଡେନନ୍ ନାମକ ନିଷିଦ୍ଧ ପଦାର୍ଥ ସେବନ କରିଥିଲେ। ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସର ହେପ୍ଟାଥଲନ ଇଭେଣ୍ଟରେ ସ୍ୱପ୍ନା ବ୍ୟକ୍ତିଗତ ସର୍ବୋତ୍ତମ ୬୦୨୬ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ବେଙ୍ଗଲର ଏହି ତାରକା ଆଥଲେଟ୍ ୨୦୨୩ରେ ହାଙ୍ଗଝୁ ଏସିଆନ ଗେମ୍ସରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ପୂର୍ବରୁ ସେ ୨୦୨୪ରେ ବିରତି ନେଇଥିଲେ। ତେବେ ଚଳିତ ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତିରେ ପ୍ରବେଶ କରିଥିବା ସ୍ୱପ୍ନା ଜୁଲାଇ ୩୧ରେ ଆଥଲେଟିକ୍ସରୁ ଅବସର ଘୋଷଣା କରିଥିଲେ।

### ଶିବପାଲ୍ ପୁଣିଥରେ ଧରାପଡ଼ିଲେ

ଅପରପକ୍ଷରେ ନାଡାର ଶୃଙ୍ଖଳାଗତ ପ୍ୟାନେଲ ପୂର୍ବତନ ଏସୀୟ ରୌପ୍ୟ ପଦକ ବିଜେତା ଜାଭେଲିନ୍ ଥ୍ରୋଅର୍ ଶିବପାଲ ସିଂହଙ୍କୁ ଦ୍ୱିତୀୟ ଡୋପିଂ ଅପରାଧ ପାଇଁ ୧୦ ବର୍ଷ ପାଇଁ ନିଲମ୍ବିତ କରିଛି। ୩୧ ବର୍ଷୀୟ ଶିବପାଲଙ୍କ ଅଯୋଗ୍ୟତା ୨୭ ମାର୍ଚ୍ଚ, ୨୦୨୫ ରୁ ଆରମ୍ଭ ହୋଇଛି। ୨୦୨୨ ରେ ତାଙ୍କର ପ୍ରଥମ ଅପରାଧ ପାଇଁ ତାଙ୍କୁ ଚାରି ବର୍ଷ ପାଇଁ ନିଲମ୍ବନ କରାଯାଇଥିଲା। କିନ୍ତୁ ଆପିଲରେ ଏହାକୁ ଗୋଟିଏ ବର୍ଷକୁ ହ୍ରାସ କରାଯାଇଥିଲା।

■ ଅନ୍ତର୍ଜାତୀୟ କ୍ରିକେଟ୍‌ରେ କ୍ରମାଗତ ବିଜୟ

## ଅଷ୍ଟ୍ରେଲିଆକୁ ପଛରେ ପକାଇ ସ୍ପେନ୍‌ର ବିଶ୍ୱରେକର୍ଡ

ହେଲସିଙ୍କି, ୨୦।୮ (ଏଜେନ୍ସି): ନିକଟରେ ସ୍ପେନ ଫୁଟବଲ ଦଳ ଫିଫା ବିଶ୍ୱକପ୍ ଫାଇନାଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ଦ୍ୱିତୀୟଥର ଲାଗି ବିଶ୍ୱ ଚାମ୍ପିଅନ ହୋଇଥିଲା। ଏବେ ସ୍ପାନିସ୍ କ୍ରିକେଟ୍ ଦଳ ଏପରି ସଫଳତା ପାଇଛି ଯାହା ବିଶ୍ୱର ପ୍ରତିଷ୍ଠିତ କ୍ରିକେଟ୍ ଦଳଗୁଡ଼ିକ ମଧ୍ୟ ହାସଲ କରିପାରି ନାହାନ୍ତି। ଅନ୍ତର୍ଜାତୀୟ ପୁରୁଷ କ୍ରିକେଟ୍‌ରେ ସ୍ପେନ ଲଗାତର ସର୍ବାଧିକ ମ୍ୟାଚ୍ ଜିତିବାର ରେକର୍ଡ ସ୍ଥାପନ କରିଛି। ୨୦୨୮ ଆଇସିସି ଟି-୨୦ ବିଶ୍ୱକପ୍ ଲାଗି ଫିନଲାଣ୍ଡରେ ଚାଲିଥିବା ୟୁରୋପୀୟ ଯୋଗ୍ୟତା ପର୍ଯ୍ୟାୟରେ ସ୍ପେନ ଏହି ସଫଳତା ପାଇଛି। ସ୍ପେନ ବର୍ତ୍ତମାନ ସୁଦ୍ଧା ଅନ୍ତର୍ଜାତୀୟ କ୍ରିକେଟ୍‌ରେ କ୍ରମାଗତ ୨୪ଟି ଟି-୨୦ ମ୍ୟାଚ୍ ଜିତିସାରିଛି। ୨୦୦୩ରେ ଅଷ୍ଟ୍ରେଲିଆ କ୍ରମାଗତ ୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଜିତି ୨୩ ବର୍ଷ ହେବ ଏହି ରେକର୍ଡର ଅଧିକାରୀ ରହିଥିଲା। ଅବଶ୍ୟ ଅଷ୍ଟ୍ରେଲିଆ ସେତେବେଳେ ଜିତିଥିବା ୨୦ଟି ମ୍ୟାଚ୍ ମଧ୍ୟରେ ଟେଷ୍ଟ ଓ ଦିନିକିଆ ଅନ୍ତର୍ଭୁକ୍ତ ରହିଥିଲା। ସ୍ପେନ ଅଗଷ୍ଟ ୧୪ରେ ଆୟୋଜନ ଫିନଲାଣ୍ଡକୁ ହରାଇଥିଲା। ଯାହାକି ଦଳର କ୍ରମାଗତ ୨୧ତମ ବିଜୟ ଥିଲା। ଏହାପରେ ଆଇଜଲ୍ ଅଫ୍ ମ୍ୟାନ, ଲକ୍ସମବର୍ଗ ଓ ବୁଲଗେରିଆକୁ ହରାଇ ସ୍ପେନ ଏହି ରେକର୍ଡକୁ ୨୪ରେ ପହଞ୍ଚାଇଛି। ସ୍ପେନର ଏହି ବିଜୟଧାରା ୨୦୨୪ ଟି-୨୦ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରୁ ଜାରି ରହିଛି। ଅର୍ନ୍ତଜାତୀୟ କ୍ରିକେଟ୍‌ରେ କ୍ରମାଗତ ମ୍ୟାଚ୍ ଜିତିବାରେ ଉଗାଣ୍ଡା (୧୭ଟି) ତୃତୀୟ ସ୍ଥାନରେ ରହିଛି।


ଇଂଲଣ୍ଡ-ପାକିସ୍ତାନ ପ୍ରଥମ ଟେଷ୍ଟ

## କକ୍ସ ଓ ରୁଟ୍‌ଙ୍କ ଅର୍ଦ୍ଧଶତକ

ଲିଡ୍ସ,୨୦।୮ (ଏଜେନ୍ସି): ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ଇଂଲଣ୍ଡର ଯୁବ ଖେଳାଳି ଜୋର୍ଡାନ କକ୍ସ ଓ ଅଧିନାୟକ ଜୋ ରୁଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏମାନେ ଦମ୍‌ଦାର ବ୍ୟାଟିଂ କରି ଯଥାକ୍ରମେ ୭୩ ଓ ୬୬ ରନ୍ କରିବା ଫଳରେ ପାକିସ୍ତାନର ପ୍ରଥମ ଇନିଂସ ସ୍କୋର ୪ ୱିକେଟରେ ୨୩୯ ରନ୍‌ରେ ପହଞ୍ଚିଛି। ପୂର୍ବରୁ ପ୍ରଥମ ଇନିଂସରେ ପାକିସ୍ତାନ ୧୭୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ଓ ଜୋଶ ଟଙ୍ଗ୍ ୫ଟି ଲେଖାଏଁ ୱିକେଟ ଭାଗକରିଥିଲେ।

ସିନ୍‌ସିନାଟି ଓପନ୍‌ରେ ବିପର୍ଯ୍ୟୟ

## ଚତୁର୍ଥ ରାଉଣ୍ଡରେ ହାରିଲେ ସାବାଲେଙ୍କା



ଓହିହୋ, ୨୦।୮ (ଏଜେନ୍ସି): ଆମେରିକାରେ ଚାଲିଥିବା ସିନ୍‌ସିନାଟି ଓପନ୍‌ରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସରେ ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଚେକ୍ ରିପବ୍ଲିକର ୩୫ତମ ମାନ୍ୟତା ଖେଳାଳି ସାରା ବେଜଲେକ ୭-୬ (୯/୭), ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପରାଜୟ ଫଳରେ ସାବାଲେଙ୍କାଙ୍କ ଏକ ନମ୍ବର ମାନ୍ୟତା ବିପଦରେ ପଡ଼ିଛି। ସେହିଭଳି ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ପୂର୍ବରୁ ମଧ୍ୟ ସାବାଲେଙ୍କାଙ୍କୁ ଏହା ଏକ ଝଟକା ସଦୃଶ ହୋଇଛି। ୨୮ ବର୍ଷୀୟା ସାବାଲେଙ୍କା ୨୦୧୪ ପରେ ପ୍ରଥମ ମହିଳା ଖେଳାଳି ଭାବରେ କ୍ରମାଗତ ତୃତୀୟ ୟୁଏସ୍ ଓପନ୍ ଟାଇଟଲ୍ ହାସଲ ଲକ୍ଷ୍ୟରେ ରହିଛନ୍ତି। ଶେଷଥର ଲାଗି ସେରେନା ୱିଲିୟମ୍ସ ୨୦୧୨, ୨୦୧୩ ଓ ୨୦୧୪ରେ ଚାମ୍ପିଅନ ହୋଇ ୟୁଏସ୍ ଓପନରେ ହ୍ୟାଟ୍ରିକ କରିଥିଲେ।

ଡୁରାଣ୍ଡ କପ୍

## ଦିଲ୍ଲୀକୁ ହରାଇ ଫାଇନାଲରେ ଇଷ୍ଟ ବେଙ୍ଗଲ

କୋଲକାତା, ୨୦।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣରେ ପ୍ରଥମ ଦଳ ଭାବେ ଇଷ୍ଟ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲ ମ୍ୟାଚରେ ଇଷ୍ଟ ବେଙ୍ଗଲ ପେନାଲ୍ଟି ସୁଟ୍ ଆଉଟ୍‌ରେ ୫-୩ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ହରାଇଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ବିଜୟୀ ହୋଇ ଇଷ୍ଟ ବେଙ୍ଗଲ୍ସ ରେକର୍ଡ ୨୮ ଥର ଲାଗି ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ଏଥିପୂର୍ବରୁ ଗୁରୁବାର ମୋହନ ବାଗାନ ଓ ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ସହ ଇଷ୍ଟ ବେଙ୍ଗଲ ଫାଇନାଲ ଖେଳିବ। ଯଦି ଫାଇନାଲରେ ଇଷ୍ଟ ବେଙ୍ଗଲ ବିଜୟୀ ହୁଏ ତେବେ ୧୭ଥର ଲାଗି ଚାମ୍ପିଅନ ହେବ।

ଦିନକ ପରେ ବିଶ୍ୱ ଆଥ୍ଲେଟିକ୍ସ ସିଲଭର ମିଟ୍

## ଓଡ଼ିଶାରୁ ଭାଗନେବେ ୬ ଆଥ୍ଲେଟ୍



ଭୁବନେଶ୍ୱର, ୨୦।୮ (ସମିସ)

ଆଇକନିକ କଳିଙ୍ଗ ଷ୍ଟାଡିୟମ ସର୍ବଦା ମୋ ଲାଗି ଭାଗ୍ୟଶାଳୀ ରହିଛି। ଏଠାରେ ମୁଁ ମୋର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ କରିଛି। ଆସନ୍ତା ମାସରେ ଜାପାନର ଆଇଚି-ନାଗୋୟା ଏସୀୟ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ମିଟ୍ ପ୍ରସ୍ତୁତି ଲାଗି ଏକ ଭଲ ସୁଯୋଗ ଆଣିଦେଇଛି' ବୋଲି ଭାରତର ତାରକା ଆଥଲେଟ ମୁରଲୀ ଶ୍ରୀଶଙ୍କର ଗୁରୁବାର ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ନିକଟରେ ଶେଷ ହୋଇଥିବା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାର ପୁରୁଷ ଲଙ୍ଗଜମ୍ପରେ ଶ୍ରୀଶଙ୍କର ରୌପ୍ୟ ପଦକ ଜିତିଥିଲେ। ତେଣୁ ପ୍ରଦର୍ଶନରେ ଉନ୍ନତି ଆଣି କଳିଙ୍ଗରେ ସ୍ୱର୍ଣ୍ଣ ପଦକ ହାତେଇବାକୁ ଶ୍ରୀଶଙ୍କର ଆଶାବାଦୀ ରହିଛନ୍ତି। ସେହିଭଳି ବିଶ୍ୱର ଆଗଧାଡ଼ିର କ୍ରୀଡ଼ାବିତଙ୍କ ଖେଳ ଅତି ନିକଟରୁ ଦେଖିବା ଲାଗି ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ଲାଗି ଏହା ଏକ ଭଲ ସୁଯୋଗ ହେବ ବୋଲି ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଗା ଦୌଡ଼କୁଦ ପ୍ରତିଯୋଗିତାରେ ବିଶ୍ୱର ୨୭ଟି ଦେଶର ୧୮୭ଜଣ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ଏସିଆର ୧୨ଟି ଦେଶରୁ ୧୪୩ଜଣ କ୍ରୀଡ଼ାବିତ୍ ରହିଛନ୍ତି। ଆୟୋଜକ ଭାରତର ୮୮ଜଣ କ୍ରୀଡ଼ାବିତ୍‌ଙ୍କ କ୍ରୀଡ଼ାକୌଶଳ କ୍ରୀଡ଼ାପ୍ରେମୀ ଦେଖିବାକୁ ପାଇବେ। ଯେଉଁଥିରେ ଓଡ଼ିଶାର ୪ ପୁରୁଷ ଓ ୨ ମହିଳାଙ୍କୁ ମିଶାଇ ମୋଟ୍ ୬ଜଣ କ୍ରୀଡ଼ାବିତ୍ ରହିଛନ୍ତି। ସେମାନେ ହେଲେ କିଶୋର କୁମାର ଜେନା (ଜାଭେଲିନ ଥ୍ରୋ), ଅନିମେଶ କୁଜୁର (ପୁରୁଷ ୧୦୦ମିଟର), ବାପି ହାଁସଦା (ପୁରୁଷ ୮୦୦ ମିଟର), ସ୍ୱାଧୀନ କୁମାର ମାଝୀ (ହାଇଜମ୍ପ) ଏବଂ ମହିଳାରେ ଶ୍ରାବଣୀ ନନ୍ଦ (୧୦୦ମିଟର) ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ମିଟର ହର୍ଡଲ୍ସ)। ଏହି ପ୍ରତିଯୋଗିତା ଲାଗି ପାଖାପାଖି ୭୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମରୁ ୬ଷ୍ଠ ସ୍ଥାନ ମଧ୍ୟରେ ରହିଥିବା ଖେଳାଳିଙ୍କୁ ଯଥାକ୍ରମେ ୧୬୦୦, ୧୨୦୦, ୯୦୦, ୬୦୦, ୩୦୦ ଓ ୨୦୦ ଡଲାର ଅର୍ଥରାଶି ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଏଠାରେ ସଫଳତାର ସହ ବ୍ରୋଞ୍ଜ-ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚଳିତଥର ଏହାକୁ ସିଲ୍‌ଭରସ୍ତରକୁ ଉନ୍ନତ କରାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିଜୟ୍ କୁମାର ପଣ୍ଡା
ସାମରାଇପୁର, ଗେଲପୁର, ଭଦ୍ରକ
ଆବିର୍ଭାବ - ୦୧.୦୮.୧୯୫୬
ତିରୋଧାନ - ୧୧.୦୮.୨୦୨୬
ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ: କନକଲତା ପଣ୍ଡା
ଝିଅ - ନିରୁପମା, ଜ୍ୱାଇଁ - ନୀଳାଦ୍ରି ନାଏକ, ପୁତ୍ର - ରଶ୍ମିରଞ୍ଜନ, ଜ୍ୟୋତିରଞ୍ଜନ, ପୁତ୍ରବଧୂ - ରିନ୍ନାରାଣୀ, ସ୍ୱପ୍ନାସରିତା, ନାତୁଣୀ - ଶକ୍ତିସ୍ୱରୂପା, ରାଜଲକ୍ଷ୍ମୀ, ନାତି - ଆଦିତ୍ୟରାଜ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS